ବର୍ଷ-୨୪, ସଂଖ୍ୟା-୩୦୬
ଭୁବନେଶ୍ୱର
୧୦ ଡିସେମ୍ବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 306
Bhubaneswar
10 December, 2024 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ପ୍ରବାସୀ ଭାରତୀୟ ଦିବସର ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୧୨(ମହାଭାରତ): ଆସନ୍ତା ଜାନୁଆରୀ ୮ରୁ ୧୦ ତାରିଖ ତିନି ଦିନ ଧରି ଅନୁଷ୍ଠିତ ହେବ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ଏହାକୁ ଅତ୍ୟନ୍ତ ଆକର୍ଷଣୀୟ ଓ ସଫଳ ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ।

ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ପ୍ରସ୍ତୁତି ସମୀକ୍ଷା କରିଥିଲେ ସମୀକ୍ଷାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୦୩ ମସିହାରୁ ଆରମ୍ଭ ହୋଇଥିବା ଏହି ପ୍ରବାସୀ ଭାରତୀୟ ଦିବସ ପ୍ରଥମ ଥର ପାଇଁ ଓଡିଶାରେ ଅନୁଷ୍ଠିତ ହେଉଛି।ବିଶ୍ୱ ଦରବାରରେ ଓଡିଶାକୁ ପ୍ରତିଷ୍ଠିତ କରିବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ପ୍ରଧାନମନ୍ତ୍ରୀ ମଧ ଏହି କାର୍ଯ୍ୟକ୍ରମ ଉପରେ ଅତ୍ୟନ୍ତ ଗୁରୁତ୍ୱ ଆରୋପ କରୁଛନ୍ତି। ତେଣୁ ଏହାକୁ ଅତ୍ୟନ୍ତ ଆକର୍ଷଣୀୟ ଓ ତ୍ରୁଟିଶୂନ୍ୟ ଭାବେ ଆୟୋଜିତ କରି ସମଗ୍ର ବିଶ୍ୱ ଦରବାରରେ ଓଡିଶାର ଭାବମୂର୍ତ୍ତୀକୁ ଉଜ୍ଜଳ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

ବିଶେଷକରି ସହରର ସ୍ୱଚ୍ଛତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଭୁବନେଶ୍ୱରର ସ୍ୱଚ୍ଛତା ଅନ୍ତର୍ଜାତୀୟ ସ୍ତରର ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏଥିପାଇଁ ଭୁବନେଶ୍ୱରରେ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହା ସହିତ ଏହି ଉତ୍ସବ ସହିତ ସ୍ଥାନୀୟ ଲୋକଙ୍କୁ ସଂଶ୍ଲିଷ୍ଟ



କରିବା ପାଇଁ ମଧ ସେ କହିଥିଲେ। ସମୀକ୍ଷାରୁ ଜଣାଯାଇଛି ଯେ ପ୍ରଥମ ଦିନ ଜାନୁଆରୀ ୮ ତାରିଖରେ ବୈଦେଶିକ ବ୍ୟାପାର ମନ୍ତ୍ରୀ, ଦ୍ୱିତୀୟ ଦିନ ଜାନୁଆରୀ ୯ ତାରିଖରେ ପ୍ରଧାନମନ୍ତ୍ରୀ ଓ ଶେଷ ଦିନ ଜାନୁଆରୀ ୧୦ ତାରିଖରେ ରାଷ୍ଟ୍ରପତି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

"କାର୍ଯ୍ୟକ୍ରମରେ 'ଅନ୍‌ରିଭେଲିଂ ଇଣ୍ଡିଆସ ବେଷ୍ଟ କେପ୍ଟ ସିକ୍ରେଟ ଏବଂ ଓଡ଼ିଶା-ଦି ଲ୍ୟାଣ୍ଡ ଅଫ୍ ଅପୋର୍ଚୁନିଟି ଆଦି ବିଷୟ ଉପରେ ପ୍ଲେନାରୀ ସେସନ ଅନୁଷ୍ଠିତ ହେବ । ଏହା ସହିତ ଓଡିଶାର ଐତିହାସିକ ଗୌରବ, କଳା, ଭାସ୍କର୍ଯ୍ୟ, ସଂଗୀତ, ନୃତ୍ୟ, ଆଦିବାସୀ ସଂସ୍କୃତି, ଭାଷା, ସାହିତ୍ୟ, ପର୍ଯ୍ୟଟନ ସ୍ଥାନ ଆଦି ବିଭିନ୍ନ ବିଷୟ ଉପରେ ଡିଜିଟାଲ ଓ ଅନ୍ୟାନ୍ୟ ମାଧ୍ୟମରେ ଉପସ୍ଥାପନ କରାଯିବ। ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ଓଡିଶାର ଭିଜନକୁ ମଧ ପ୍ରଦର୍ଶନ କରାଯିବ।

ଏହି ସମୟରେ ଭୁବନେଶ୍ୱରରେ ପ୍ରାୟ ୧୦ଟି ମହୋତ୍ସବ ଆୟୋଜିତ ହେବ। ଏହିସବୁ ଉତ୍ସବ ଗୁଡିକ ହେଉଛି ରାଜାରାଣୀ ମ୍ୟୁଜିକ ଫେଷ୍ଟିଭାଲ (ଜାନୁଆରୀ ୭-୧୧), ମୁକ୍ତେଶ୍ୱର ଡ୍ୟାନ୍‌ସ ଫେଷ୍ଟିଭାଲ (ଜାନୁଆରୀ ୭-୧୧), ଇଣ୍ଟରନ୍ୟାସନାଲ ଓଡିଶୀ ଡ୍ୟାନ୍‌ସ ଫେଷ୍ଟିଭାଲ (ଜାନୁଆରୀ ୭-୧୧), ଆଦିବାସୀ ନୃତ୍ୟ ଓ ଲୋକକଳା ଫେଷ୍ଟିଭାଲ (ଜାନୁଆରୀ ୭-୧୧), ଆଦିବାସୀ ମେଳା (ଜାନୁଆରୀ ୫-୧୫), ଚିଲିକା ବାର୍ଡ ଫେଷ୍ଟିଭାଲ (ଜାନୁଆରୀ ୬-୧୨), ଫ୍ଲାର ସୋ (ଜାନୁଆରୀ ୭-୧୧), ଫୁଡ୍ ଫେଷ୍ଟ (ଜାନୁଆରୀ ୮-୧୦) ଓ ନାଇଟ୍ ଫ୍ଲି ମାର୍କେଟ (ଜାନୁଆରୀ ୮-୧୦)।

ଏହି କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱରର ସମସ୍ତ ରାସ୍ତାଘାଟର ନବୀକରଣ, ଆଲୋକୀକରଣ, ଆକର୍ଷଣୀୟ ସାଜସଜ୍ଜା ସହିତ ଅତିଥିମାନଙ୍କ ପାଇଁ ହୋଟେଲ ବୁକିଂ ଆଦି ଜାରି ରହିଛି। ପର୍ଯ୍ୟଟନ ସ୍ଥାନ ଗୁଡିକର ସୌନ୍ଦର୍ଯ୍ୟକରଣ କରାଯାଉଛି ଭୁବନେଶ୍ୱର, ପୁରୀ, କୋଣାର୍କ, ଯାଜପୁର ଆଦି ବିଭିନ୍ନ ସହରରେ ୨୮ଟି ପର୍ଯ୍ୟଟନ ସ୍ଥଳୀକୁ ଅତିଥି ମାନଙ୍କୁ ନେବା ପାଇଁ ବ୍ୟବସ୍ଥା କରାଯାଉଛି। ପ୍ରାୟ ୭୫୦୦ ଡେଲିଗେଟ୍ ଯୋଗ ଦେବାର ସମ୍ଭାବନା ରହିଛି । ଅତିଥି ମାନଙ୍କ ପାଇଁ ୩୭୦୦ରୁ ଅଧିକ ରୁମ୍ ବୁକିଂ କରାଯାଇଥିବା ବେଳେ, କେତେକ ସ୍ଥାନରେ ହୋମ୍ ଷ୍ଟେର ବ୍ୟବସ୍ଥା ମଧ କରାଯାଇଛି ।"କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଗଠିତ ହେଇଥିବା ବିଭିନ୍ନ କମିଟି ନିୟମିତ ବୈଠକ କରି ପ୍ରସ୍ତୁତିକୁ ତ୍ୱରାନ୍ୱିତ କରୁଛନ୍ତି। ଏହି ବୈଠକରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡା, ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ। ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

## ଜନତା ମଇଦାନରେ ଭୂମି ପୂଜା

ଭୁବନେଶ୍ୱର,୯।୧୨: ୧୮ତମ ପ୍ରବାସୀ ଭାରତୀୟ ଦିବସ (ପିବିଡି) ସମ୍ମିଳନୀ ପାଇଁ ଆଜି ଭୁବନେଶ୍ୱରରେ ଜନତା ମଇଦାନରେ ଭୂମି ପୂଜନ ସମାରୋହ ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ଶିଳ୍ପ ବିଭାଗର ମୁଖ୍ୟ ସଚିବ ହେମନ୍ତ ଶର୍ମା ଏବଂ ଇପିପିଏଲ୍ ଓ ଇଡକୋର ପରିଚାଳନା ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିଆଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ।ଗଣମାଧ୍ୟମକୁ ସୂଚନା ଦେଇ ହେମନ୍ତ ଶର୍ମା କହିଛନ୍ତି ଯେ, ବିଶ୍ୱସ୍ତରୀୟ ସମାରୋହରେ ଅନେକ ସ୍ତର ରହିଛି। ସେ କହିଛନ୍ତି ଯେ ଅନ୍ତର୍ଜାତୀୟ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଭାରତୀୟ ବରିଷ୍ଠ ଅଧିକାରୀଙ୍କ ସମେତ ୭,୦୦୦ ରୁ ୧୦,୦୦୦ ପ୍ରତିନିଧିଙ୍କୁ ଆୟୋଜନ କରିବାର ସମ୍ଭାବନା ଥିବାବେଳେ ଏହି କାର୍ଯ୍ୟକ୍ରମରେ କଡା ସୁରକ୍ଷା ବ୍ୟବସ୍ଥା ନିଆଯିବ। ସେ କହିଛନ୍ତି ଯେ ଏହି ମେଗା ଇଭେଣ୍ଟ ଓଡିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦର୍ଶକଙ୍କ ପାଇଁ ପ୍ରୋଜେକ୍ଟ କରିବ ଏବଂ ଭାରତରେ ଅଧିକ ମୂଲ୍ୟ ଯୋଗାଇବା ପାଇଁ ଯୁବ ପ୍ରବାସୀଙ୍କୁ ଆକର୍ଷିତ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି।

# ୫ ବର୍ଷରେ ୫୯, ୪୩୭ ଲୋକଙ୍କୁ ଅନଲାଇନ ଠକେଇ

ଭୁବନେଶ୍ୱର,୯।୧୨(ମହାଭାରତ): ଗତ ୫ ବର୍ଷ ମଧ୍ୟରେ ୫୯ ହଜାର ୪୩୭ ଲୋକ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଛନ୍ତି। ଆଜି ଗୃହରେ ଏଭଳି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅନଲାଇନ ଟ୍ରେଡିଙ୍ଗ ବର୍ତ୍ତମାନ ସମୟରେ ଠକେଇର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଗତ ୫ ବର୍ଷ ଭିତରେ କେତେ ଯୁବପିଢି ଅନଲାଇନ ଟ୍ରେଡିଂ ଠକେଇର ଶିକାର ହୋଇଛନ୍ତି। ତାର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ବିଧାନସଭାରେ ଜାଣିବାକୁ ଚାହିଁଥିଲେ।



ଏହାର ଲିଖିତ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ୫୯ ହଜାର ୪୩୭ ଲୋକ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଛନ୍ତି। ୨୦୧୯ରେ ୧୮ ଜଣ, ୨୦୨୦ରେ ୨୮ ଜଣ, ୨୦୨୧ରେ ୨୨ ଜଣ ଏବଂ ୨୦୨୨ରେ ୧୦୫ ଜଣ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଥିଲେ। ତେବେ ୨୦୨୩ରେ ହଠାତ ଏହା ଅହେତୁକ ଭାବେ ବି ୧୮ ହଜାର ୯୯୪ରେ ପହଞ୍ଚିଥିଲା ଆଉ ଚଳିତ ବର୍ଷ ଏହା ରେକର୍ଡ ପାର୍ କରିଛି। ଏବର୍ଷ ୧୧ ମାସରେ ୪୦ ହଜାର ୨୭୦ ଜଣ ଅନଲାଇନ ଟ୍ରେଡିଂ କରି ଠକାମିରେ ପଡ଼ିଛନ୍ତି।

ଗତ ୫ ବର୍ଷ ମଧ୍ୟରେ ୫୯ ହଜାର ୪୩୭ ଲୋକ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଛନ୍ତି। ୨୦୧୯ରେ ୧୮ ଜଣ, ୨୦୨୦ରେ ୨୮ ଜଣ, ୨୦୨୧ରେ ୨୨ ଜଣ ଏବଂ ୨୦୨୨ରେ ୧୦୫ ଜଣ ଅନଲାଇନ ଟ୍ରେଡିଙ୍ଗ ଠକେଇର ଶିକାର ହୋଇଥିଲେ। ତେବେ ୨୦୨୩ରେ ହଠାତ ଏହା ଅହେତୁକ ଭାବେ ବି ୧୮ ହଜାର ୯୯୪ରେ ପହଞ୍ଚିଥିଲା ଆଉ ଚଳିତ ବର୍ଷ ଏହା ରେକର୍ଡ ପାର୍ କରିଛି। ଏବର୍ଷ ୧୧ ମାସରେ ୪୦ ହଜାର ୨୭୦ ଜଣ ଅନଲାଇନ ଟ୍ରେଡିଂ କରି ଠକାମିରେ ପଡ଼ିଛନ୍ତି।

## ଲୁଟି ନେଲେ ସୁନା ଭର୍ତ୍ତି ବ୍ୟାଗ୍

ମୁନିଗୁଡ଼ା, ୦୯।୧୨ : ରାୟଗଡ଼ା ଜିଲ୍ଲା ଅମ୍ଭାଦଳା ନିକଟରେ ଲୁଟ୍ । ଦୋକାନ ଖୋଲିବା ବେଳେ ଝାମ୍ପିନେଲେ ସୁନା ବ୍ୟାଗ୍। ଲୁଟ୍ ସଂପର୍କରେ ଥାନାରେ ଅଭିଯୋଗ ପରେ ପୋଲିସର ତଦନ୍ତ ଆରମ୍ଭ।

ସୋମବାର ସକାଳୁ ସକାଳୁ ଅମ୍ଭାଦଳା ନିକଟରେ ଥିବା ଏକ ଜୁଏଲାରୀ ମାଲିକ ଅଳଙ୍କାର ବ୍ୟାଗ୍ ରଖି ଦୋକାନର ସଟର ଖୋଲୁଥିଲେ। ଏହି ସମୟରେ ବାଇକ୍‌ରେ ଆସି ଦୁର୍ବୃତ୍ତମାନେ ସୁନା ବ୍ୟାଗ୍ଟୁ ଝାମ୍ପି ନେଇଥିଲେ ।ବ୍ୟାଗ୍ର ପ୍ରାୟ ୫୦୦ ଗ୍ରାମର ସୁନା ଅଳଙ୍କାର ଥିବା ଜଣାପଡିଛି ଯ ସେପଟେ ଲୁଟ୍ ପରେ ଦୋକାନ ମାଲିକଙ୍କ ପକ୍ଷରୁ ନିକଟସ୍ଥ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏହାସହ ଦୋକାନ ଏବଂ ଦୋକାନ ବାହାରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି ।

# ସଞ୍ଜୟ ମାଲହୋତ୍ରା ଆରବିଆଇର ପରବର୍ତ୍ତୀ ଗଭର୍ଣ୍ଣର

## ଶକ୍ତିକାନ୍ତ ଦାଶଙ୍କ ନେବେ ସ୍ଥାନ

ନୂଆଦିଲ୍ଲୀ,୯।୧୨(ମହାଭାରତ): ଯାହା ଅନୁମାନ କରାଯାଉଥିଲା, ତାହା ସତ ହୋଇଛି। ଆରବିଆ ଗଭର୍ଣ୍ଣର ଭାବେ ଶକ୍ତିକାନ୍ତ ଦାଶଙ୍କ କାର୍ଯ୍ୟକାଳକୁ ନବଢାଇ, ନୂତନ ନିଯୁକ୍ତି ଦେଇଛନ୍ତି କେନ୍ଦ୍ର ସରକାର। ସୋମବାର ସଞ୍ଜୟ ମାଲହୋତ୍ରାଙ୍କୁ ଆରବିଆଇର ପରବର୍ତ୍ତୀ ଗଭର୍ଣ୍ଣର ଭାବେ କେନ୍ଦ୍ର ସରକାର ନିଯୁକ୍ତି ଦେଇଛନ୍ତି। ଡିସେମ୍ବର ୧୧ରେ ସେ ଦାୟିତ୍ୱ ଗ୍ରହଣ କରିବେ। ଆଗାମୀ ତିନି ବର୍ଷ ପାଇଁ ସରକାର ଏହି ନିଯୁକ୍ତି ଦେଇଛନ୍ତି। ସଞ୍ଜୟ ମାଲହୋତ୍ରା ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟରେ ସଚିବ (ରାଜସ୍ୱ) ଭାବେ କାମ କାର୍ଯ୍ୟରତ ଅଛନ୍ତି।

ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ୧୦ ଡିସେମ୍ବରରେ ଶେଷ ହେବେ। ତେବେ ପୂର୍ବରୁ ଚର୍ଚ୍ଚା ହେଉଥିଲା ଯେ ଶକ୍ତିକାନ୍ତ ଦାଶଙ୍କ କାର୍ଯ୍ୟକାଳକୁ ସରକାର ବଢାଇପାରନ୍ତି । କିନ୍ତୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଜିଡିପି ଅଭିବୃଦ୍ଧିରେ ନିରାଶଜନକ ପ୍ରଦର୍ଶନ ଅନେକ ପ୍ରଶ୍ନ ଉଠାଇଥିଲା। ସେପ୍ଟେମ୍ବର ତ୍ରୈମାସରେ




ଦେଶରେ ଜିଡିପି ଅଭିବୃଦ୍ଧି ହାର ୫.୪ ପ୍ରତିଶତ ରହିଥିଲା। ଯାହାପରେ ଶକ୍ତିକାନ୍ତଙ୍କ କାର୍ଯ୍ୟକାଳ ବଢାଇବା ନିଷ୍ପତ୍ତି ସରକାର ବଦଳାଇପାରନ୍ତି ବୋଲି ଅନୁମାନ କରାଯାଉଥିଲା।

୧୯୯୦ ବ୍ୟାଚର ରାଜସ୍ଥାନର କ୍ୟାଡରର ଆଇଏଏସ୍ ଅଫିସର ସଞ୍ଜୟ ମାଲହୋତ୍ରା । ଆଇଏଏସ୍ ପରୀକ୍ଷାରେ ତାଙ୍କ ବ୍ୟାଚ୍ ଟପ୍ପର ହୋଇଥିଲେ। ଆଇଆଇଟି କାନପୁରରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଏବଂ ଆମେରିକାର ପ୍ରିନ୍ସଟନ ୟୁନିଭରସିଟିରୁ ପବ୍ଲିକ ପଲିସିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି।

୩୩ ବର୍ଷରୁ ଅଧିକ ସମୟ ଧରି ପ୍ରଶାସନିକ ସେବାରେ ଥିବା ସଞ୍ଜୟ ମାଲହୋତ୍ରା ବ୍ୟାଙ୍କିଂ ଏବଂ ରାଜସ୍ୱ ପରିଚାଳନାରେ ଦକ୍ଷ। ରାଜ୍ୟ ତଥା କେନ୍ଦ୍ର ସରକାରରେ ଅର୍ଥ ଏବଂ ଟିକସ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ରାଜସ୍ୱ ସଚିବ ଭାବେ ବଜେଟ୍ ପ୍ରକ୍ରିୟାରେ ଟିକସ ରାଜସ୍ୱ ବୃଦ୍ଧି ଦାୟିତ୍ୱକୁ ମାଲହୋତ୍ରା ପରିଚାଳନା କରୁଥିଲେ।

ନୂଆ। ଗଭର୍ଣ୍ଣରଙ୍କ ଆଗରେ ଅନେକ ଆହ୍ୱାନ ରହିବ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଏବଂ ଧିମେଇ ଯାଇଥିବା ଅର୍ଥନୀତିକୁ ଅଧିକ ଗତିଶୀଳ କରିବା । ଦ୍ୱିତୀୟ ତ୍ରୈମାସରେ ନିରାଶାଜନକ ରେଜଲ୍ଟ ପରେ ଜିଡିପି ଅଭିବୃଦ୍ଧି ଲକ୍ଷ୍ୟକୁ ହାସଲ କରିବା ଏକ ଆହ୍ୱାନ ହେବ।

## ଶମ୍ଭୁ ବର୍ଡର ଖୋଲିବା ପାଇଁ ଆବେଦନ ଖାରଜ

ନୂଆଦିଲ୍ଲୀ,୯।୧୨(ମହାଭାରତ.): ଦିଲ୍ଲୀ ଚଲୋ ଆନ୍ଦୋଳନ ଜିଦରେ ଅଡି ରହିଥିବା ଚାଷୀଙ୍କ ଯୋଗୁ ବନ୍ଦ ପଡିଥିବା ଶମ୍ଭୁ ବର୍ଡର ଏବେ ଖୋଲିବ ନାହିଁ। ୯ ଡିସେମ୍ବର ସୋମବାର ସୁପ୍ରିମକୋର୍ଟ ଶମ୍ଭୁ ବର୍ଡର ଖୋଲିବା ପାଇଁ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏହି ଆବେଦନରେ ପଞ୍ଜାବର ସବୁ ହାଇୱେ ଖୋଲିବା ପାଇଁ ଦାବି କରାଯାଇଥିଲା। ଶୁଣାଣିରେ କୋର୍ଟ କହିଛନ୍ତି ଯେ ଏହି ମାମଲାରେ ପୂର୍ବରୁ ଏକ ଆବେଦନ ବିଚାର ନିମନ୍ତେ ଲମ୍ବିତ ରହିଛି। ଏଣୁ ନୂଆ। ଆବେଦନ ଉପରେ ଚର୍ଚ୍ଚା ହୋଇ ପାରିବନି।

ପଞ୍ଜାବର ଗୌରବ ଲୁଥରା ଏହି ଆବେଦନ ଦାଖଲ କରିଥିଲେ।ଏଥିରେ ସେ ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ସରକାର, ପଞ୍ଜାବ ସରକାର ଓ ହରିୟାଣା ସରକାରଙ୍କୁ ସବୁ ରାଜ୍ୟର ସୀମା ଖୋଲିବା ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଥିଲେ।ଏହି ଆବେଦନରେ ସେ ତର୍କ ଦେଇଥିଲେ ଯେ ରାଜ୍ୟ ସୀମା ବନ୍ଦ ରହିବା ମୌଳିକ ଅଧିକାରର ଉଲ୍ଲଂଘନ, ତେବେ କୋର୍ଟ ପୂର୍ବରୁ ଏହିପରି ଏକ ଆବେଦନ ବିଚାରାଧୀନ ଥିବାର କହି ଏହାର ଶୁଣାଣିକୁ ଅଗ୍ରାହ୍ୟ କରିଦେଇଛନ୍ତି।

# ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କଲେ ସୁଜିତ କୁମାର

ଭୁବନେଶ୍ୱର,୯।୧୨(ମହାଭାରତ): ରାଜ୍ୟସଭା ପ୍ରାର୍ଥୀ ଭାବେ ଆଜି ନାମାଙ୍କନ ଦାଖଲ କରିଛନ୍ତି ସୁଜିତ କୁମାର। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ,ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଓ ୩୦ ଜଣ ବିଧାୟକ ପ୍ରସ୍ତାବକଙ୍କ ଉପସ୍ଥିତରେ ଦୁଇ ସେଟ୍ ନାମାଙ୍କନ ଭରିଛନ୍ତି ସୁଜିତ କୁମାର।

ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା ସୁଜିତ କୁମାରଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯାଇଥିବା ବିଜେପି କେନ୍ଦ୍ରୀୟ ଚୟନ କମିଟି ପକ୍ଷରୁ ଘୋଷଣା କରାଯାଇଥିଲା। ନାମାଙ୍କନ ଭରିବା ପୂର୍ବରୁ ସୁଜିତ କୁମାର ବିଜେପି ପାର୍ଟି କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ବରିଷ୍ଠ ବିଜେପି ନେତା ପ୍ରଦୀପ୍ତ ନାୟକଙ୍କୁ ଭେଟିଥିଲେ।



ନାମାଙ୍କନ ଭରିବା ପୂର୍ବରୁ ସୁଜିତ କହିଥିଲେ, ପଶ୍ଚିମ ଏଂ ଦକ୍ଷିଣ ଓଡ଼ିଶାର ବିକାଶକୁ ପ୍ରାଧାନ୍ୟ ଦିଆଯିବ। ପଶ୍ଚିମ ଓଡ଼ିଶାରେ ରେଳପଥର ବିକାଶ ସହ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦିଆଯିବ।

ବିଜେପି ତାଙ୍କ ଉପରେ ଆସ୍ଥା ପ୍ରକଟ କରି ପୁଣିଥରେ ଟିକେଟ ଦେଇଥିବାରୁ ସେ ବିଜେପି ଦଳ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସୁଜିତ କୁମାର ଧନ୍ୟବାଦ୍ ଜଣାଇଥିଲେ। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ରାଜ୍ୟସଭା ଆସନ ବିଜେପି ଖାତାକୁ ଯିବ। ତେବେ ଆସନ୍ତାକାଲି ନାମାଙ୍କନର ଶେଷ ଦାଖଲ ତାରିଖ ରହିଛି। ଏପର୍ଯ୍ୟନ୍ତ କଂଗ୍ରେସ ଓ ବିଜେଡି ପକ୍ଷରୁ କେହି ନାମାଙ୍କନ ଦାଖଲ କରି ନାହାନ୍ତି। ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏଥିସହ ବିଜେଡିରୁ ମଧ ଇସ୍ତଫା ଦେଇଥିଲେ। ପରେ ସେ ବିଜେପିରେ ମିଶିଥିଲେ।

ଏହାପୂର୍ବରୁ ମମତା ମହାନ୍ତ ବି ବିଜେଡି ଛାଡ଼ି ବିଜେପି ଆସିବା ପରେ ପୁଣି ତାଙ୍କୁ ଦଳ ରାଜ୍ୟସଭା ପଠାଇଛି। ସମାନ ଫର୍ମୁଲାରେ ସୁଜିତଙ୍କୁ ପୁଣି ଥରେ ବିଜେପି ରାଜ୍ୟସଭା ପଠାଇବାକୁ ଯୋଜନା କରିଛି। ଏପ୍ରିଲ ୨୦୨୬ ଯାଏଁ ରହିଛି ସୁଜିତ କୁମାର କାର୍ଯ୍ୟକାଳ। ଆସନ୍ତାକାଲି ନାମାଙ୍କନ ଦାଖଲ ଶେଷ ତାରିଖ ଥିବା ବେଳେ ୨୦ ତାରିଖରେ ରାଜ୍ୟସଭା ଉପ ନିର୍ବାଚନ ରହିଛି। ୧୧ ତାରିଖ ନାମାଙ୍କନ ଯାଞ୍ଚ ହେବ ଓ ୧୩ ତାରିଖ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି।

# ଦୁଇ ରେଳ ଫ୍ଲାଏଓଭର ପାଇଁ ୫୦୯ କୋଟି ମଞ୍ଜୁର

ଭୁବନେଶ୍ୱର,୯।୧୨(ମହାଭାରତ): ଭାରତୀୟ ରେଳବାଇର କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ରେଳ ମନ୍ତ୍ରଣାଳୟ ଓଡିଶାର କଟକ ଏବଂ ରାୟଗଡା ଜିଲ୍ଲାରେ ଦୁଇଟି ପ୍ରମୁଖ ରେଳ ଫ୍ଲାଏଓଭର ନିର୍ମାଣ ପାଇଁ ୫୦୯ କୋଟି ଟଙ୍କା ମଞ୍ଜୁର କରିଛି । ଏହି ପଦକ୍ଷେପ ଭାରତୀୟ ରେଳବାଇର ବ୍ୟାପକ ଶକ୍ତି, ଖଣିଜ ଏବଂ ସିମେଂଟ (ଏନର୍ଜି, ମିନେରାଲ, ସିମେଂଟ) କରିଡର ଯୋଜନାର ଏକ ଅଂଶ, ଯାହା ରେଳ ଚଳାଚଳର ଉନ୍ନତି ତଥା ପ୍ରମୁଖ ରେଳ ଲାଇନଗୁଡିକରେ ଯାତାୟାତରେ ସମସ୍ୟା ଦୂର କରିବାକୁ ଲକ୍ଷ୍ୟ ରଖିଛି ।



ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତାଙ୍କର ଗତ ଓଡିଶା ଗସ୍ତ ସମୟରେ ଓଡିଶାରେ ଏହି ରେଳ ଭିତ୍ତିଭୂମି ପ୍ରକଳ୍ପର ମଞ୍ଜୁରୀ ବିଷୟରେ ମଧ ଉଲ୍ଲେଖ କରିଥିଲେ ।

ଏହି ପ୍ରକଳ୍ପରେ କଟକ ଜିଲ୍ଲାର ରାଜଆଠଗଡ଼, ରାଧାକିଶୋରପୁର ଏବଂ ମାଛପୁର ରେଳ ଷ୍ଟେସନକୁ ସଂଯୋଗ କରୁଥିବା ୧୦.୮୯ କିଲୋମିଟର ରେଳ ଫ୍ଲାଏ ଓଭର ନିର୍ମାଣ ଅନ୍ତର୍ଭୁକ୍ତ। ଏହି ଭିତ୍ତିଭୂମି କ୍ରସ୍ ଟ୍ରାଫିକ୍ ଜନିତ ସମସ୍ୟାକୁ ଦୂରକାରୀ ଏକକାଳୀନ ଟ୍ରେନ୍ ଚଳାଚଳକୁ ସୁଗମ କରି କାର୍ଯ୍ୟକ୍ଷମ ସହ କ୍ଷମତା ବୃଦ୍ଧି କରିବ । ଏହି ପ୍ରକଳ୍ପ ପାଇଁ ମୋଟ ମୂଲ୍ୟ ୨୬୮.୯୨ କୋଟି ଟଙ୍କା ମଂଜୁର କରାଯାଇଅଛି ।

ରାୟଗଡା ଜିଲ୍ଲାର ସିଙ୍ଗାପୁର ରୋଡ ଷ୍ଟେସନରେ ୫.୫୦ କିଲୋମିଟର ଦୈର୍ଘ୍ୟ ରେଳ ଫ୍ଲାଏ ଓଭର ନିର୍ମାଣ ହେବ, ଯାହା ରାୟପୁର-ବିଜୟନଗରମ ରେଳ ଲାଇନରେ ଟ୍ରାଫିକ ସମସ୍ୟାକୁ ଦୂର କରିବ। ଏହି ବିକାଶ ସିଙ୍ଗାପୁର ରୋଡ଼ ଷ୍ଟେସନ ସହ ପାର୍ଶ୍ୱବର୍ତ୍ତୀ ଷ୍ଟେସନରେ ନିରବଚ୍ଛିନ୍ନ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ଦେବ, କ୍ରସ୍ ଟ୍ରାଫିକ୍ କାରଣରୁ ସୃଷ୍ଟି ହେଉଥିବା ବିଳମ୍ବକୁ ଏଡାଇବ । ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ୨୩୯.୮୩ କୋଟି ଟଙ୍କା ଅଟେ।ନୂତନ ଫ୍ଲାଏଓଭରଗୁଡ଼ିକ ଏକାଧିକ ଦିଗରୁ ଟ୍ରେନର ଏକକାଳୀନ ଚଳାଚଳ ପାଇଁ ଅନୁମତି ଦେବ, ସମଗ୍ର ଅଂଚଳରେ ଟ୍ରେନ୍ କାର୍ଯ୍ୟର ଦକ୍ଷତାକୁ ଉନ୍ନତ

କରିବ।କ୍ରସ୍-ଟ୍ରାଫିକ୍ ଜନିତ ସମସ୍ୟାକୁ ଦୂର କରି ଏହି ରେଳ ଫ୍ଲାଏଓଭରଗୁଡିକ କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜଗୁଡିକୁ ସମାଧାନ କରିବ, ଯାହା ବର୍ତ୍ତମାନ ସିଙ୍ଗାପୁର ରୋଡ୍ ଷ୍ଟେସନ୍ ସହିତ ରାଜଆଠଗଡ଼, ରାଧାକିଶୋରପୁର, ଏବଂ ମାଛପୁର ଭଳି ପ୍ରମୁଖ ମିଳନସ୍ଥଳରେ ଉଲ୍ଲେଖନୀୟ ବିଳମ୍ବ ଏବଂ ଚଳାଚଳ ସମସ୍ୟା ଗୁଡିକୁ ଏଡାଇ ପାରିବ ।

ଟ୍ରେନ୍ ଚଳାଚଳର ବୃଦ୍ଧିପାଉଥିବା ଚାହିଦାକୁ ପୂରଣ କରିବା ପାଇଁ ଭାରତୀୟ ରେଳ ଦେଶରେ ଭିତ୍ତିଭୂମି ଉନ୍ନତିକୁ ପ୍ରାଥମିକତା ଦେବା ଜାରି ରଖିଛି । କଟକ ଏବଂ ରାୟଗଡା ରେଳ ଫ୍ଲାଏଓଭର ଯାତାୟାତ ସୁଗମ କରିବାରେ, ଟ୍ରେନର ଗତିଶୀଳତାକୁ ଉନ୍ନତ କରିବାରେ ଏବଂ ଯାତ୍ରୀମାନଙ୍କ ପାଇଁ ଏକ ସୁଗମ, ଅଧିକ ଦକ୍ଷ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।ଏହି ପ୍ରକଳ୍ପଗୁଡିକ ପରିବହନ ପାଇଁ କ୍ରମାଗତ ଚାହିଦା ସହିତ ଟ୍ରେନ ଚଳାଚଳ ବୃଦ୍ଧି କରିବା ପାଇଁ ରେଳ ନେଟୱାର୍କର ଆଧୁନିକୀକରଣ ଏବଂ ବିସ୍ତାର ପାଇଁ ମନ୍ତ୍ରଣାଳୟର ପ୍ରତିବଦ୍ଧତାକୁ ମଧ ସୂଚିତ କରିଛି ।

ବର୍ତ୍ତମାନ, ୱାଲଟିୟର ଏବଂ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପ୍ରମୁଖ ଜଙ୍କସନ୍ ସିଙ୍ଗାପୁର ରୋଡ୍ ଏବଂ ରାଜଆଠଗଡ଼-ରାଧାକିଶୋରପୁର-ମାଧପୁର ଷ୍ଟେସନରେ ଟ୍ରେନ ଚଳାଚଳ କ୍ଷେତ୍ରରେ କ୍ରସ ଜନିତ ସମସ୍ୟା ଯୋଗୁଁ ଟ୍ରାଫିକ୍ ପରିଚାଳନାରେ ବ୍ୟାପକ ଅସୁବିଧା ପରିଲକ୍ଷିତ ହେଉଅଛି । ଏହି ପ୍ରତିବନ୍ଧକଗୁଡିକ ଗୁରୁତ୍ୱପୂର୍ଣ୍ଣ ରେଳ ମାର୍ଗରେ ବିଳମ୍ବ ଘଟାଇଥାଏ, ଯେହେତୁ ବିଭିନ୍ନ ମାର୍ଗରୁ ଟ୍ରେନ୍ ଗୁଡିକ କ୍ରସ୍-ଟ୍ରାଫିକ୍ କ୍ଲିୟରାନ୍ସ ପାଇଁ ବିଭିନ୍ନ ଷ୍ଟେସନ ଠାରେ ଅପେକ୍ଷା କରିବାକୁ ପଡିଥାଏ । ରେଳ ଫ୍ଲାଏଓଭର ବିଭିନ୍ନ ଦିଗରୁ ଟ୍ରେନ୍ ପାଇଁ ଉତ୍ସର୍ଗୀକୃତ ପଥ ସୃଷ୍ଟି କରି ଏହି ବାଧାଗୁଡ଼ିକୁ ହଟାଇବ, ନିରବଚ୍ଛିନ୍ନ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବ ।

# ରାଜ୍ୟର ସବୁ ଜିଲ୍ଲାରେ ଖୋଲିବ ମେଡିକାଲ କଲେଜ

ଭୁବନେଶ୍ୱର,୯।୧୨(ମହାଭାରତ): ଭଦ୍ରକ ସମେତ ସମସ୍ତ ୩୦ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ନେଇ ଗୃହରେ ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଖୁବଶୀଘ୍ର ୫ ହଜାର ଡାକ୍ତର ଓ ୩ ହଜାର ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି ପାଇଁ ବାହାରିବ ବିଜ୍ଞାପନ।

ରାଜ୍ୟର ସବୁ ଜିଲ୍ଲାରେ ଖୋଲିବ ମେଡିକାଲ କଲେଜ। ଭଦ୍ରକ ସମେତ ସମସ୍ତ ୩୦ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ନେଇ ଗୃହରେ ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେହିଭଳି ମେଡିକାଲ ରିକ୍ରୁଟମେଣ୍ଟ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନରେ ୨ଟି ସଂଶୋଧନ କରାଯାଇଛି ବୋଲି କହିଛନ୍ତି



ସ୍ୱାସ୍ଥ୍ୟମନ୍ତ୍ରୀ।

ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ରାଜ୍ୟରେ ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ଆମ ସଂକଳ୍ପ ପତ୍ରରେ ଥିଲା। ଲୋକଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ଜରୁରୀ। ଏହା ସହିତ ମେଡିକାଲ ଗୁଡ଼ିକରେ ଯେଉଁ ଡାକ୍ତରଙ୍କ ଅଭାବ ରହିଛି, ତାହାକୁ ମଧ ପୂରଣ କରିବା ଜରୁରୀ। ତେଣୁ ଖୁବଶୀଘ୍ର ୫ ହଜାର ଡାକ୍ତର ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇବ। ଏଥିସହ ୩ ହଜାର ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି ପାଇଁ ମଧ ବିଜ୍ଞାପନ ବାହାରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସେହିଭଳି ୨୦୧୪ ମସିହା ପରେ ଯେତେ ସବୁ ୧୦୦ ବେଡ୍ ବିଶିଷ୍ଟ ମେଡିକାଲ କଲେଜ ଖୋଲିଛି, ସେସବୁର ଉନ୍ନତିକରଣ ପାଇଁ ୨୫୦ରୁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ଗୃହରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

# ଝାଡ଼ଖଣ୍ଡରେ ବୁଲୁଛି ବାଘୁଣୀ 'ଜିନତ'

ଭୁବନେଶ୍ୱର,୯।୧୨(ମହାଭାରତ): ଶିମିଳିପାଳର ବାଘୁଣୀ 'ଜିନତ'ଏବେ ଯାଇ ଝାରଖଣ୍ଡ ଜଙ୍ଗଲରେ ବୁଲୁଛି। ଏନେଇ ସୂଚନା ଦେଇଛନ୍ତି ଆରସିସିଏଫ୍ ପ୍ରକାଶ ଚନ୍ଦ ଗୋଗିନେନି। ଅନ୍ୟପଟେ ଝାରଖଣ୍ଡ ଯାଇ ଏକ ସ୍ୱତନ୍ତ୍ର ଟିମ୍ 'ଜିନତ' ଉପରେ ନଜର ରଖିଛନ୍ତି ବୋଲି ସେ କହିଛନ୍ତି। ଗତ ନଭେମ୍ବରରେ ମହାରାଷ୍ଟ୍ର ତଡ଼ବାରୁ ବାଘୁଣୀ 'ଜିନତ'କୁ ଶିମିଳିପାଳ



ଅଣାଯାଇଥିଲା।ଗତ ୨୫ ନଭେମ୍ବରରେ ବାଘୁଣୀ 'ଜିନତ'କୁ ଏନକ୍ଲୋଜରରୁ ଶିମିଳିପାଳ କୋର୍ ଏରିଆରେ ଛଡ଼ାଯାଇଥିଲା। ବାଘୁଣୀକୁ ଉତ୍ତର ଶିମିଳିପାଳରେ ଛଡ଼ାଯାଇଥିବା ବେଳେ ସେ ଏବେ ଯାଇ ଝାରଖଣ୍ଡ ଜଙ୍ଗଲରେ ପହଞ୍ଚିଥିବା ସ୍ପଷ୍ଟ କରିଛନ୍ତି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ଆରସିସିଏଫ୍। ସେ କହିଛନ୍ତି ଯେ ଜିନତ ନୂଆ କରି ଶିମିଳିପାଳ ଆସିଥିବାରୁ ବିଭିନ୍ନ ଆଡେ ବୁଲାବୁଲି କରୁଛି। ନିଜ ପାଇଁ ସେ ନୂଆ। ଇଲାକା ବନାଇବାକୁ ଚେଷ୍ଟା କରିବ। ସେଥିପାଇଁ ସେ ନୂଆ। ସ୍ଥାନ ଖୋଜିବାକୁ ଏଣେତେଣେ ବୁଲୁଛି ବୋଲି ଆରସିସିଏଫ୍ କହିଛନ୍ତି। ତେବେ ଓଡ଼ିଶାର ଏକ ସ୍ୱତନ୍ତ୍ର ଟିମ୍ ଝାରଖଣ୍ଡରେ ରହି ବାଘୁଣୀ ଉପରେ ନଜର ରଖିଥିବା ସେ କହିଛନ୍ତି।ଗତ ନଭେମ୍ବର ୧୩ ତାରିଖରେ ମହାରାଷ୍ଟ୍ରର ତଡବା ଜଙ୍ଗଲରେ 'ଜିନତ'କୁ ଟ୍ରାଙ୍କୁଲାଇଜର କରାଯିବା ପରେ ଏକ ସ୍ୱତନ୍ତ୍ର ଗାଡିରେ ରାଇପୁର, ସମ୍ବଲପୁର ଏବଂ ଯଶିପୁର ବାଟ ଦେଇ ଶିମିଳିପାଳକୁ ଅଣା ଯାଇଥିଲା। ଶିମିଳିପାଳର ଏକ ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର ଯାଇ ଆଇନଗତ ପ୍ରକ୍ରିୟା ଶେଷ କରିବା ପରେ ଏହି ବାଘୁଣୀକୁ ଅଣାଯାଇଥିଲା।



# ଜୀବନଚର୍ଯ୍ୟା





## କଖାରୁ ପତ୍ର ଚିଙ୍ଗୁଡ଼ି ପିଠଉ



ଆବଶ୍ୟକ ସାମଗ୍ରୀ : ଚିଙ୍ଗୁଡ଼ି ଭଜା, କଖାରୁ ପତ୍ର, କଟା ପିଆଜ, ରସୁଣ, କଞ୍ଚାଲଙ୍କା, ଲୁଣ, ତେଲ ଏବଂ ଚାଉଳରେ ଜିରା, ହଳଦୀ, ଧନିଆ।, ଲୁଣ ଓ ଲଙ୍କାଗୁଣ୍ଡା ମିଶା ପିଠଉ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିଙ୍ଗୁଡ଼ି ମାଛରେ ଲୁଣ ଓ ହଳଦୀ ମିଶାଇ ଭାଜି ଦିଅନ୍ତୁ। ଚାଉଳକୁ ବାଟି ସେଥିରେ ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ ମିଶାଇ ପିଠଉ ପ୍ରସ୍ତୁତ କରି ରଖନ୍ତୁ। ଏହାପରେ ଭଜା ଚିଙ୍ଗୁଡ଼ି ମାଛରେ ରସୁଣ, କଟା ପିଆଜ ଓ କଞ୍ଚାଲଙ୍କା ପକାଇ ଭଲ ଭବାରେ ଛେଚି ଦିଅନ୍ତୁ। କଖାରୁ ପତ୍ରରେ ଚିଙ୍ଗୁଡ଼ି ଛେଚା ରଖି ତାକୁ ଭଲ ଭାବରେ ଗୁଡ଼ାଇ କାଠି ଦ୍ୱାରା ଗୁନ୍ଥି ରଖନ୍ତୁ। ଗ୍ୟାସ୍ ଲଗାଇ ତାୱାରେ ତେଲ ଗରମ କରନ୍ତୁ। ଏହାପରେ ଚିଙ୍ଗୁଡ଼ି ପୁରଦିଆ କଖାରୁ ପତ୍ରକୁ ଚାଉଳ ପିଠଉରେ ବୁଡ଼ାଇ ସେକନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା କଖାରୁ ପତ୍ର ଚିଙ୍ଗୁଡ଼ି ପିଠଉ।



..... ପରଦା ଖବର ......

# 'ଫତେହ୍' ଟିଜର: ଉଦାରରୁ ନିଷ୍ଠୁର ହେଲେ ସୋନୁ ସୁଦ୍




ବଲିଉଡ଼ ଅଭିନେତା ସୋନୁ ସୁଦ୍ ତାଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଫତେହ'କୁ ନେଇ ଏବେ ଚର୍ଚ୍ଚାରେ। ଚଳିତ ବର୍ଷ ଜୁଲାଇରେ ଅଭିନେତା ନିଜ ଜନ୍ମଦିନ ଅବସରରେ 'ଫତେହ'ର ନୂଆ ପୋଷ୍ଟର ଜାରି କରି ଏହାର ମୁକ୍ତିଲାଭ ତାରିଖ ଘୋଷଣା କରିଥିଲେ। ଯାହାପରେ ଦର୍ଶକଙ୍କ ଉତ୍ସାହ ବଢ଼ି ଯାଇଥିଲା। ଆଉ ଏବେ ସାମାଜିକ ଗଣମାଧ୍ୟମରେ ଫିଲ୍ମର ଦମ୍‌ଦାର ଟିଜର ଶେୟାର କରିଛନ୍ତି ସୋନୁ ସୁଦ୍‌ଜୀ ଷ୍ଟୁଡିଓଜ୍ ଏବଂ ଶକ୍ତି ସାଗର ପ୍ରଡକ୍ସନ୍ସ 'ଫତେହ'ର ଟିଜର ରିଲିଜ୍ କରିଛନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଥାପିଛନ୍ତି ସୋନୁ ସୁଦ୍। ଟିଜରରେ ସୋନୁଙ୍କ ଚରିତ୍ରର ଝଲକ ଦେଖିବାକୁ ମିଳିଛି, ଯାହା ଜନ୍ ୱିକ୍ ଫ୍ରାଞ୍ଚାଇଜି ଭଳି ଲାଗୁଛି, ଯେଉଁଥିରେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛ। ଟିଜରର ମୁଖ୍ୟ ଆକର୍ଷଣ ହେଉଛି ଜବରଦସ୍ତ ଆକ୍ସନ। ଏଥିରେ ସହ କଳାକାରମାନଙ୍କ ଝଲକ୍ ମଧ୍ୟ ଦେଖିବାକୁ ମିଳିଛି, ଯେଉଁଥିରେ ଜ୍ୟାକ୍ଲିନ୍ ଫର୍ଣ୍ଣାଣ୍ଡିଜ୍, ନାସିରୁଦ୍ଦିନ ଶାହ ଓ ବିଜୟ ରାଜ ପ୍ରମୁଖ ନଜର ଆସିଛନ୍ତି। ସୋନାଲି ସୁଦ୍ ଏବଂ ଉମେଶ କେ.ଆର. ବନ୍ସଲଙ୍କ ଦ୍ୱାରା ନିର୍ମିତ 'ଫତେହ' ଡିଜିଟାଲ ସୁରକ୍ଷା ଏବଂ ଅନଲାଇନ୍ ଠକେଇର ବିଷୟବସ୍ତୁ ଉପରେ ଆଧାରିତ।

## ଶିବଙ୍କ ପ୍ରସିଦ୍ଧ ଶିଷ୍ୟ

ଭଗବାନ ଶିବଙ୍କୁ ଆଦି ଗୁରୁ କୁହାଯାଏ। ମହାଦେବଙ୍କ କୌଣସି ଆଦି କିମ୍ବା ଅନ୍ତ ନାହିଁ । ତାଙ୍କ ଉତ୍ପତି କିମ୍ବା ଅନ୍ତ ବିଷୟରେ କିଛି ଜଣାଯାଏ ନାହିଁ । ସେ ପରମପିତା ପରମେଶ୍ୱର । ଭଗବାନ ଶିବ ଗୁରୁ ଭାବେ ଅନେକ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ତାଙ୍କୁ ସୃଷ୍ଟିର ପ୍ରଥମ ଗୁରୁ କୁହାଯାଏ । ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ ଅସ୍ତ୍ରଶସ୍ତ୍ର ଶିକ୍ଷା ମହାଦେବଙ୍କ ଠାରୁ ଗ୍ରହଣ କରିଥିଲେ । ଶିବଙ୍କ ଦ୍ୱାରା ପ୍ରଦତ୍ତ ପର୍ଶୁ (ପର୍ଶୁ) କାରଣରୁ ଋଷି ଜମଦଗ୍ନିଙ୍କ ପୁତ୍ର ରାମଙ୍କ ନାମ ପର୍ଶୁରାମ ହୋଇଥିଲେ । ଏହି ମହା ଅସ୍ତ୍ର ଦ୍ୱାରା ପର୍ଶୁରାମ ପୃଥିବୀକୁ ୨୧ ଥର କ୍ଷତ୍ରିୟ ମୁକ୍ତ କରିଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ନାଗରାଜ ବାସୁକୀଙ୍କ ଭଉଣୀ ଜରତ୍କାରୁଙ୍କ ଗୁରୁ ମଧ୍ୟ ଭଗବାନ ଶିବ ଥିଲେ । ଦାନବମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ



ଭଗବାନ ଶିବଙ୍କ ଠାରୁ ମୃତ ସଞ୍ଜିବନୀ ବିଦ୍ୟା ଗ୍ରହଣ କରିଥିଲେ । ଥରେ ଦେବତା ଏବଂ ଦାନବଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଦେବତାମାନେ ବିଜୟୀ ହେବା ସହିତ ରାକ୍ଷସମାନଙ୍କୁ ବଧ କରିଥିଲେ । ମାତ୍ର ଶୁକ୍ରାଚାର୍ଯ୍ୟ ନିଜ ମୃତ ସଞ୍ଜିବନୀ ବିଦ୍ୟା ବଳରେ ପୁଣିଥରେ ଅସୁରମାନଙ୍କୁ ଜୀବନଦାନ ଦେଇଥିଲେ । ଏହା ଦେଖି ଶୁକ୍ରଚାର୍ଯ୍ୟଙ୍କୁ ଭଗବାନ ଶିବ ଗିଳି ଦେଇଥିଲେ । ଯୁଦ୍ଧ ଶେଷ ହେବା ପରେ ତାଙ୍କୁ ବାହାରକୁ ବାହାର କରିଥିଲେ । ଶିବଙ୍କ ଦ୍ୱାରା ପୁନଃ ଉତ୍ପନ୍ନ ହୋଇଥିବା କାରଣରୁ ମାତା ପାର୍ବୀତ ଶୁକ୍ରାଚାର୍ଯ୍ୟଙ୍କୁ ନିଜ ପୁତ୍ର ରୂପେ ଗ୍ରହଣ କରିଥିଲେ ।

# ଘରେ ପ୍ରସ୍ତୁତ କରନ୍ତୁ ଗୁଡ୍ଡୁଚି କାଢ଼ା

ଆୟୁର୍ବେଦ ଅନୁସାରେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ପାଇଁ ଗିଲୋଇ ବା ଗୁଡ୍ଡୁଚି ରସ ସାହାଯ୍ୟ କରିଥାଏ। ମହାମାରୀ କରୋନାରୁ ରକ୍ଷା ପାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ମଧ୍ୟ ଗିଲୋଇ କାଢ଼ା ପିଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି। ଗୁଡ୍ଡୁଚି କାଢ଼ା ପିଇଲେ ଡେଙ୍ଗୁ, ଚିକେନଗୁନିଆ ଓ ଜ୍ୱର ଆଦି ଭଲ ହୋଇଥାଏ। ତେବେ ବଜାରରେ ମିଳୁଥିବା ଗିଲୋଇ ରସ ନକିଣି ଆପଣ ଚାହିଁଲେ ଗିଲୋଇ ଗଛର ପତ୍ର ଓ ଡାଳ ମିଶାଇ ଘରେ ମଧ୍ୟ ଗିଲୋଇ କାଢ଼ା ପ୍ରସ୍ତୁତ କରିପାରିବେ। ଆସନ୍ତୁ ଜାଣିବା ଗୁଡ୍ଡୁଚି କାଢ଼ା କିପରି ପ୍ରସ୍ତୁତ ହୋଇଥାଏ।

ଗୁଡ୍ଡୁଚି କାଢ଼ା ପାଇଁ ଆବଶ୍ୟକ ସାମଗ୍ରୀ: ଦୁଇ କପ୍ ପାଣି, ଗିଲୋଇ ଡାଳ ବା ପତ୍ରରୁ କିଛି,





୧ ଚାମଚ ହଳଦୀ, ଦୁଇ ଇଞ୍ଚର ଅଦା, ୬ରୁ ୭ଟି ତୁଳସୀ ପତ୍ର ଓ ସ୍ୱାଦ ଅନୁସାରେ ଗୁଡ଼।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦୁଇ କପ୍ ପାଣିକୁ ଅଳ୍ପ ଆଞ୍ଚରେ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗିଲୋଇ, ଅଦା, ହଳଦୀ, ତୁଳସୀ ପତ୍ର ଓ ଗୁଡ଼ ପକାଇ କିଛି ସମୟ ପାଇଁ ଫୁଟାନ୍ତୁ। ପାଣି ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏହାପରେ ଏକ ସଫା କପଡ଼ା ବା ଛଣାରେ ଏହି କାାକୁ ଛାଣି ଦିଅନ୍ତୁ।

ଗୁଡ୍ଡୁଚି କାଢ଼ାରୁ ମିଳୁଥିବା ସ୍ୱାସ୍ଥ୍ୟ ଲାଭ

୧. ଗିଲୋଇ କାଢ଼ା ପିଇଲେ ରୋଗ ପ୍ରତିରୋଧ ଶକ୍ତିର କ୍ଷମତା ବଢ଼ିଥାଏ ଏବଂ ଏଥିରେ ଥିବା ଅଦା ଓ ହଳଦୀ ଶରୀରକୁ ଇନଫେକସନଠାରୁ ରକ୍ଷା କରିଥାଏ।

୨. ଡେଙ୍ଗୁ ହେଲେ ଶରୀରରେ ପ୍ଲେଟ୍ଲେଟ୍ ସଂଖ୍ୟା କମ୍ ହୋଇଥାଏ। ଏହି ସମୟରେ ରୋଗୀଙ୍କୁ ଗିଲୋଇ କାଢ଼ା ଦେଲେ ପ୍ଲେଟ୍ଲେଟ୍ ସଂଖ୍ୟା ବୃଦ୍ଧି ପାଇଥାଏ।

ତେବେ ମନେରଖନ୍ତୁ, ପ୍ରତିଦିନ ଗୋଟିଏ କପରୁ ଅଧିକ ଗୁଡ୍ଡୁଚି କାଢ଼ା ପିଅନ୍ତୁ ନାହିଁ।

# ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କରନ୍ତୁ ଜ୍ଞାନର ଉପଯୋଗ

ବେଦ ହେଉଛି ହିନ୍ଦୁ ମାନଙ୍କ ଧର୍ମ ଗ୍ରନ୍ଥ ଭାବେ ଧରାଯାଏ । ଋକ୍ , ଯଜୁର୍, ସାମ, ଅଥର୍ବ ଭାବେ ବେଦକୁ ଚାରି ଭାଗରେ ବିଭକ୍ତ କରାଯାଇଛି । କିନ୍ତୁ ହିନ୍ଦୁ ଧର୍ମରେ ମହାଭାରତକୁ ପଞ୍ଚମ ବେଦ ଭାବେ ପରିଗଣିତ କରାଯାଏ । ଆଉ ମଧ୍ୟ ବିଶ୍ୱାସ କରାଯାଏ କି ପ୍ରତ୍ୟେକ ଭାରତୀୟ ନିଜ ଜୀବନ କାଳ ଭିତରେ ନିହାତି ଭାବେ ମହାଭାରତ ପଢ଼ିବା ଉଚିତ । କାରଣ ଏଥିରେ ସାଧାରଣ ଜୀବନ ଚର୍ଯ୍ୟା, ଧର୍ମ, ରାଜନୀତି ଭଳି ଅତି ଗୁରତ୍ୱପୂର୍ଣ୍ଣ ବିଷୟ ଗୁଡିକ ଉପରେ ବ୍ୟାଖ୍ୟା କରାଯାଇଛି । ଆଉ ମଧ୍ୟ କୁହାଯାଏ ମହାଭାରତ ହିଁ ଜୀବନ ବଞ୍ଚିବାର ପ୍ରକୃତ ମାର୍ଗ ଶିଖେଇଥାଏ । ଏହାକୁ ପଢ଼ିବା ପରେ ଯେଉଁ ଶିକ୍ଷା ଆମକୁ ମିଳିଥାଏ ତାକୁ ନିହାତି ଭାବେ ମନେ ରଖିବା ଉଚିତ ।

ପ୍ରତିଟି ବ୍ୟକ୍ତି ନିଜ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଯୋଜନା ମୁତାବକ ହିଁ ବଞ୍ଚିବା ଉଚିତ । ପ୍ରତିଟି କାମ ଯଦି ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ କରାଯାଏ



ତେବେ ସଫଳତା ନିଶ୍ଚିତ ଭାବେ ମିଳିଥାଏ । ନଚେତ ଭବିଷ୍ୟତ ଅନ୍ଧକାର ମୟ ହୋଇଥାଏ । ଉଦାହରଣ ସ୍ୱରୂପ ଭଗବାନ କୃଷ୍ଣ ଯଦି ବିନା କୌଣସି ଯୋଜନାରେ ପାଣ୍ଡବ ମାନଙ୍କ ସପକ୍ଷରେ ଲଢ଼ିଥାନ୍ତେ । ତେବେ ହୁଏତ କେବେ ବି ପାଣ୍ଡବ ମାନେ କୌରବଙ୍କ ଉପରେ ବିଜୟ ଲାଭ କରିପାରିନଥାନ୍ତେ । ସେହିପରି ଜୀବନ ବଞ୍ଚିବା ପାଇଁ ଏକ ଭଲ ମିତ୍ରର ଆବଶ୍ୟକତା ରହିଥାଏ । ଯାହା ସାହାଯ୍ୟରେ ଜୀବନ ସୁରୁଖୁରୁରେ ପରିଚାଳିତ ହୋଇପାରେ । ଆପଣ ଯେତେ ଭଲ ହେଲେବି ଆପଣଙ୍କ ସାଥି ଯଦି ଭଲ ନ ରୁହେ ତେବେ ଜୀବନ ଏକ ପ୍ରକାର ବରବାଦ ହୋଇଯାଏ । ଏହା ଏକ ବଳିଷ୍ଠ ଉଦାହରଣ ହେଉଛି ଦୁର୍ଯ୍ୟୋଧନ ଚରିତ୍ର । ଯିଏ କି ନିଜ ମାମୁଁ ଶକୁନି ବୁଦ୍ଧିରେ ପଡି ହିଁ ନିଜ ସର୍ବନାଶକୁ ଡାକି ଆଣିଥିଲେ । ଏହା ବାଦ ଜଣେ ବ୍ୟକ୍ତିର କିଏ ପ୍ରକୃତ ମିତ୍ର ଓ କିଏ ଶତ୍ରୁ ସେ ବିଷୟରେ କିଞ୍ଚିତ ଜ୍ଞାନ ରହିବା ନିହାତି ଆବଶ୍ୟକ ।

# ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା । ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା । ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ



ତା'ର ନାମ 'ବର୍ବରୀକ' ରଖାଗଲା । ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା । ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ । ମା' ପୁତ୍ରକୁ ୩ଟି ଶର ଦେଲେ । ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା । ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା । ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ । ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ । ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ । ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ । ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ୱ ରହିନଥାନ୍ତା । ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ । ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ । ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ । ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ । ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ । ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ । ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ । ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି। ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି । ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି । ମନ୍ଦିରଟି ଶ୍ୱେତ ପ୍ରସ୍ତରରେ ନିର୍ମିତ । ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା । ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ । ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା ।

# ଭଦ୍ରକ ରେଳ ଷ୍ଟେସନରେ ପ୍ରମୁଖ ୟାର୍ଡ ପୁନଃନିର୍ମାଣ ହେବ

**ଭୁବନେଶ୍ୱର,୯।୧୨ (ମହାଭାରତ):** ଦେଶର ପ୍ରମୁଖ ଷ୍ଟେସନଗୁଡିକର ନବୀକରଣ ଏବଂ ଆଧୁନିକୀକରଣ ପାଇଁ ଭାରତୀୟ ରେଳବାଇର ବୃହତ ଯୋଜନାର ଏକ ଅଂଶ ଭାବରେ ଭଦ୍ରକ ରେଳ ଷ୍ଟେସନରେ ଗୁରୁତ୍ୱପୂର୍ଣ୍ଣ ୟାର୍ଡ଼ ପୁନଃନିର୍ମାଣ କାର୍ଯ୍ୟ ଚାଲୁରହିଛି । ପୂର୍ବତଟ ରେଳପଥ ରେଳ ନେଟୱାର୍କର ଏକ ପ୍ରମୁଖ ହବ୍, ଏହି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ପରିଚାଳନାରେ ଉନ୍ନତି ଆଣିବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି। ଭଦ୍ରକ ରେଳ ଷ୍ଟେସନ ଆଂଚଳିକ ଲଜିଷ୍ଟିକ୍ସ ଏବଂ ଯାତ୍ରୀ ପରିବହନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଯାହା ପୂର୍ବତଟ ରେଳ ଜୋନ୍ ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଅଟେ । ଏହି ଆଧୁନିକୀକରଣ ପ୍ରକଳ୍ପ କେବଳ ଷ୍ଟେସନର ପରିଚାଳନା କ୍ଷମତା ବୃଦ୍ଧି କରିବ ନାହିଁ ବରଂ ଯାତ୍ରୀ ଏବଂ ସାମଗ୍ରୀ ଯାତାୟାତ ପାଇଁ ଅଧିକ ଶୃଙ୍ଖଳିତ, ଦକ୍ଷ ରେଳ ସେବା ସୁନିଶ୍ଚିତ କରିବ । ଏହି କାର୍ଯ୍ୟ ସମାପ୍ତ ହେବା ପରେ, ଯାତ୍ରୀମାନେ ଟ୍ରେନ୍ ଚଳାଚଳ, ଅପେକ୍ଷା ସମୟ ହ୍ରାସ ଏବଂ ସାମଗ୍ରିକ ସେବା ଗୁଣବତ୍ତା ବୃଦ୍ଧି ଆଶା କରିପାରନ୍ତି ।

ଭଦ୍ରକ-ରାଣୀତାଲ ରେଳ ସେକ୍ସନରେ ତୃତୀୟ ଲାଇନ ନିର୍ମାଣ କାର୍ଯ୍ୟ ଚାଲିଛି । ଭଦ୍ରକ ରେଳ ଷ୍ଟେସନରେ ଟ୍ରେନଗୁଡିକର ସୁଗମ ଯାତାୟାତ ପାଇଁ ନନ-ଇଂଟରଲକିଂ କାର୍ଯ୍ୟ କରାଯିବ । ଏହା ବ୍ୟତୀତ, ବିସ୍ତୃତ ୟାର୍ଡ ନବୀକରଣ ପରି ଅନ୍ୟାନ୍ୟ ଚାଲୁଥିବା କାର୍ଯ୍ୟଗୁଡ଼ିକ ଯଥା ରେଳ ଲାଇନ୍ ବୃଦ୍ଧିକରଣ, ଲୋକୋ ରିଭର୍ସାଲ୍ ଲାଇନ୍ ଏବଂ ଇନ୍ସପେକ୍ସନ ଗାଡି ସାଇଡିଂ ସ୍ଥାନାନ୍ତର କରିବ । ଏହି ଆଧୁନିକୀକରଣ କାର୍ଯ୍ୟର ଏକ ଅଂଶ ଭାବରେ ବହୁଗୁଣିତ ରେଳ ଲାଇନକୁ ଏକ ପୂର୍ଣ୍ଣ ଦୈର୍ଘ୍ୟ ପ୍ଲାଟଫର୍ମକୁ ବିସ୍ତାର କରାଯିବ । ଏହି ପ୍ରକଳ୍ପ ପାଇଁ ଅଧିକ ସମୟ ଲାଗୁଥିବାବେଳେ ମାତ୍ର ୧୦ ଦିନ ପାଇଁ ଟ୍ରେନ ସେବା ଆଂଶିକ ପ୍ରଭାବିତ ହେବ ପାଇଁ ଯୋଜନା କରାଯାଇଅଛି । ଯାତ୍ରୀଙ୍କ ଚାହିଦା, ଆଂଚଳିକ ବିକାଶ ଏବଂ ଜାତୀୟ ଲଜିଷ୍ଟିକ୍ ଆବଶ୍ୟକତା ଅନୁଯାୟୀ ଭିତ୍ତିଭୂମି ନବୀକରଣ ପାଇଁ ଭାରତୀୟ ରେଳ ପ୍ରତିବଦ୍ଧ ରହିଛି ।

ଭଦ୍ରକ ରେଳ ଷ୍ଟେସନରେ ଥିବା ସମସ୍ତ ପ୍ଲାଟଫର୍ମଗୁଡିକ ତୃତୀୟ ଲାଇନ ଏବଂ ଅତିରିକ୍ତ ଲୁପ୍ ଲାଇନ୍ ସହିତ ଅନ୍ତର୍ଭୁକ୍ତ ହେବ, ଅଧିକ ଟ୍ରେନ୍ ଏବଂ ଯାତ୍ରୀଙ୍କୁ ପରିଚାଳନା କରିବା ପାଇଁ ଷ୍ଟେସନର କ୍ଷମତା ବୃଦ୍ଧି ପାଇବ। ଟ୍ରେନର ସହଜ ଚଳାଚଳ ଏବଂ ନିୟନ୍ତ୍ରଣକୁ ସୁଗମ କରିବା, ବିଳମ୍ବକୁ ହ୍ରାସ କରିବା ଏବଂ ସମୟାନୁବର୍ତ୍ତିତାକୁ ବୃଦ୍ଧି କରାଇବା ପାଇଁ ଅତିରିକ୍ତ ଲାଇନଗୁଡ଼ିକ ଯୋଡାଯାଉଛି । ଏହି କାର୍ଯ୍ୟ ସମାପ୍ତ ହେବା ପରେ ଟ୍ରେନ୍ ଗୁଡିକ ନିକଟସ୍ଥ ଷ୍ଟେସନଗୁଡିକରେ ଅଟକାଇ ରଖା ନଯାଇ ଭଦ୍ରକ ଷ୍ଟେସନରେ ସୁଗମ ଭାବରେ ପ୍ରବେଶ କରିପାରିବେ। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ୧୦ ଦିନ ପାଇଁ ଅସ୍ଥାୟୀ ଭିତ୍ତିରେ କିଛି ଟ୍ରେନକୁ ବାତିଲ କରାଯାଉଥିବାବେଳେ ଦୁଇ ଯୋଡ଼ା ଟ୍ରେନ ର ଆଂଶିକ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି ଯାହା ଭବିଷ୍ୟତରେ ଅଧିକ ଲାଭ ପ୍ରଦାନ କରିବ । ବାତିଲ ହେବାକୁ ଥିବା ଟ୍ରେନ ଗୁଡିକ ମଧ୍ୟରୁ ପ୍ରତିଦିନ ଚଳାଚଳ କରୁଥିବା ୦୪ ଯୋଡ଼ା ନିୟମିତ ମେଲ / ଏକ୍ସପ୍ରେସ ଟ୍ରେନ, ୦୫ ଯୋଡ଼ା ନିୟମିତ ଲୋକାଲ ପାସେଞ୍ଜର / ମେମୁ ଟ୍ରେନ, ୧୧ ଯୋଡ଼ା ସାପ୍ତାହିକ ଟ୍ରେନ ଏବଂ ୦୩ ଯୋଡ଼ା ଦ୍ୱି-ସାପ୍ତାହିକ ଟ୍ରେନ ଅନ୍ତର୍ଭୁକ୍ତ । ଦୁଇ ଯୋଡି ଟ୍ରେନ୍ ଆଂଶିକ ବାତିଲ୍ ହେବ । ପ୍ରଭାବିତ ଟ୍ରେନଗୁଡିକ ସମ୍ବନ୍ଧରେ ସୂଚନା ପାଇଁ ସଂଲଗ୍ନରେ ଉଲ୍ଲେଖ କରାଯାଇଛି । ଭବିଷ୍ୟତରେ ସୁଗମ ଟ୍ରେନ୍ ଚଳାଚଳ ପାଇଁ ଏହି ଆଧୁନିକୀକରଣ କାର୍ଯ୍ୟ ପାଇଁ ରେଳବାଇକୁ ସହଯୋଗ କରିବାକୁ ଯାତ୍ରୀମାନଙ୍କୁ ମଧ୍ୟ ଅନୁରୋଧ କରାଯାଇଛି।

ଏହି ପ୍ରକଳ୍ପଗୁଡ଼ିକ କଟକ ଜିଲ୍ଲାର ନିର୍ଗୁଣ୍ଡି-କଟକ-ବାରଙ୍ଗ-ରାଜଆଠଗଡ଼ ଅଂଚଳରେ ଏବଂ ରାୟଗଡା ଜିଲ୍ଲାର ରାୟଗଡା-ସିଙ୍ଗାପୁର ରୋଡ୍ ରେଳ ମାର୍ଗରେ ଯାତାୟାତକୁ ସହଜ କରିବ, ଟ୍ରେନ୍ ଚଳାଚଳ ଏବଂ ଦ୍ରୁତ ଗତିରେ ଯାତ୍ରା ସମୟ ସୁନିଶ୍ଚିତ କରିବ। ବିଳମ୍ବ ଜନିତ ସମସ୍ୟାକୁ ଦୂରକାରୀ ଟ୍ରେନ ଚଳାଚଳ କ୍ଷେତ୍ରରେ ଉନ୍ନତି ଆଣିବା ସହିତ ପରିଚାଳନାଗତ ସମସ୍ୟାକୁ ଏଡାଇ ଏହି ନୂତନ ରେଳ ଫ୍ଲାଏଓଭର ଏହି ଅଂଚଳ ଦେଇ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ଟ୍ରେନ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବ। ବର୍ତ୍ତମାନ, ୱାଲଟିୟର ଏବଂ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପ୍ରମୁଖ ଜଙ୍କସନ୍ ସିଙ୍ଗାପୁର ରୋଡ୍ ଏବଂ ରାଜଆଠଗଡ଼-ରାଧାକିଶୋରପୁର-ମାଧପୁର ଷ୍ଟେସନରେ ଟ୍ରେନ ଚଳାଚଳ କ୍ଷେତ୍ରରେ କ୍ରସ ଜନିତ ସମସ୍ୟା ଯୋଗୁଁ ଟ୍ରାଫିକ୍ ପରିଚାଳନାରେ ବ୍ୟାପକ ଅସୁବିଧା ପରିଲକ୍ଷିତ ହେଉଅଛି ।

## ସ୍ମାର୍ଟ ଇଣ୍ଡିଆ ହାକାଥନ୍ ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର,୯।୧୨ (ମହାଭାରତ):** ଅନ୍ୟ ୫୧ ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ଏକ ନୋଡାଲ୍ ଏଜେନ୍ସି ଭାବରେ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ଆଗାମୀ ୧୧ ଏବଂ ୧୨ ତାରଖରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ର ସଫ୍ଟୱେର୍ ସଂସ୍କରଣର ଗ୍ରାଣ୍ଡ ଫିନାଲ୍ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛି। ଉଲ୍ଲେଖଯୋଗ୍ୟ ଯେ ଏହା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ର ସପ୍ତମ ସଂସ୍କରଣ ।ଦେଶର ବିଭିନ୍ନ ପ୍ରାନ୍ତରୁ ୨୬ ଟି ଟିମ୍ ଏହି ମେଗା ଇଭେଂଟରେ ଅଂଶଗ୍ରହଣ କରିବେ ଏବଂ ଦୁଇ ଦିନ ମଧ୍ୟରେ କୋଡିଂ ଏବଂ ପ୍ରୋଗ୍ରାମିଂରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବେ । ପ୍ରତ୍ୟେକ ଟିମରେ ୫-୬ ଜଣ ସଦସ୍ୟ ଅଛନ୍ତି ।ଏହି ଦଳଗୁଡିକ ପାଂଚଟି ଜଟିଳ ସମସ୍ୟା ବିବୃତ୍ତି ପାଇଁ ଅଭିନବ ସମାଧାନର ବିକାଶ ପାଇଁ ଏକ ଉଚ୍ଚ-ଷ୍ଟକ୍ ଚ୍ୟାଲେଞ୍ଜରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।ସମସ୍ୟା ବିବୃତ୍ତିଗୁଡ଼ିକ ହେଉଛି: 'ନିରନ୍ତରତା ପାଇଁ ନବାଚର: ଘରୋଇ ଉପକରଣ (ରେଫ୍ରିଜରେଟର, ଏୟାର କଣ୍ଡିସନର, ୱାଶିଂ ମେସିନ୍ ଏବଂ ମରୁଭୂମି ଏୟାର କୁଲ୍) ରେ ସ୍ମାର୍ଟ ରିସୋର୍ସ ସଂରକ୍ଷଣ (ଶକ୍ତି ଏବଂ ଜଳ) ; ଟେଲିଗ୍ରାମ, ହ୍ୱାଟ୍ସଆପ୍ ଏବଂ ଇନଷ୍ଟାଗ୍ରାମ ଭିତ୍ତିକ ଡ୍ରଗ୍ କାରବାର ପଛରେ ବ୍ୟବହାରକାରୀଙ୍କୁ ଚିହ୍ନଟ କରିବା ପାଇଁ ସଫ୍ଟୱେର୍ ସମାଧାନ; ଏକ କ୍ରିପ୍ଟୋକରେନ୍ସି କାରବାରର ଶେଷ ରିସିଭର୍ ଚିହ୍ନଟ କରିବାକୁ ସଫ୍ଟୱେର୍ ସମାଧାନ; ରିଅଲ୍-ଟାଇମ୍ ବିପର୍ଯ୍ୟୟ ସୂଚନା ଏକୀକରଣ ସଫ୍ଟୱେ୍ର; ଉନ୍ନତ ଉତ୍ପାଦନ ଏବଂ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ଏଆଇ/ଏମଏଲ କିମ୍ବା କୌଣସି ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଆଲୁମିନିୟମ୍ ୱାୟର ରଡର ଭୌତିକ ଗୁଣର ଭବିଷ୍ୟ ଆକଳନ ଆଦି ।

## ୪୭୩ଟି ଓଏଏସ୍ ପଦବୀ ଖାଲି

**ଭୁବନେଶ୍ୱର,୯।୧୨ (ମହାଭାରତ):** ଓଡିଶା ପ୍ରଶାସନିକ ସେବା (ଓଏଏସ୍) ପାହ୍ୟାରେ ୪୭୩ ପଦବୀ ଖାଲି ପଡିଛି । ଓଡିଶା ଅର୍ଥସେବାରେ ୨୭୦ ପଦବୀ ଖାଲି ପଡିଥିବାବେଳେ ଓଡିଶା ଜଙ୍ଗଲ ସେବାରେ ୫୭୯ ପଦବୀ ଖାଲି ରହିଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ।

ରାଜ୍ୟରେ ପ୍ରଶାସନିକ ସେବା କ୍ଷେତ୍ରରେ ଖାଲି ପଡିଥିବା ପଦବୀ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ରାଜ୍ୟରେ ମୋଟ୍ ୨୨୪୮ଟି ମଞ୍ଜୁରୀପ୍ରାପ୍ତ ଓଏଏସ୍ ପଦବୀ ଥିବାବେଳେ ସେଥିରେ ୧୭୭୫ ଜଣ କାର୍ଯ୍ୟରତ ଅଛନ୍ତି । ୪୭୩ଟି ପଦବୀ ଖାଲି ପଡିଛି । ତେବେ କନିଷ୍ଠ ଓଏଏସ୍ ବର୍ଗରେ ସର୍ବାଧିକ ପଦବୀ ଖାଲି ରହିଛି ।

ସେହିଭଳି ଓଡିଶା ଅର୍ଥସେବା (ଓଏଫ୍ଏସ୍) ରେ ୧୧୭୨ଟି ମଞ୍ଜୁରୀପ୍ରାପ୍ତ ପଦବୀରେ ୯୦୨ ଜଣ କାର୍ଯ୍ୟରତ ଥିବାବେଳେ ୨୭୦ଟି ପଦବୀ ଖାଲି ପଡିଛି। ଓଏଏସ୍ ପାହ୍ୟା ଭଳି ଏଠାରେର ମଧ୍ୟ କନିଷ୍ଠ ବର୍ଗରେ ୨ଶହରୁ ଅଧିକ ପଦବୀ ଖାଲି ପଡ଼ିଛି । ଓଡିଶା ଜଙ୍ଗଲ ସେବା (ଓଏଫ୍ଏସ୍)ରେ ସର୍ବାଧିକ ୫୭୯ଟି ପଦବୀ ଖାଲି ରହିଛି । ଏହି ବର୍ଗରେ ୧୦୫୮ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ସେଥିରେ ମାତ୍ର ୪୭୯ଜଣ କାର୍ଯ୍ୟ କରୁଛନ୍ତି । ଜଙ୍ଗଲ ସେବାରେ ସବୁ ପାହ୍ୟାରେ ପଦବୀ ଖାଲି ରହିଛି ।

ସେହିଭଳି ରାଜ୍ୟରେ ଭାରତୀୟ ପୁଲିସ୍ ସେବା (ଆଇପିଏସ୍) ର ୧୯୫ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଥିରୁ ୬୮ଟି ଖାଲି ପଡିଛି । ଓଡିଶା କ୍ୟାଡରର ୨୨ଜଣ ଆଇପିଏସ୍ ଅଫିସର କେନ୍ଦ୍ର ଓ ଅନ୍ୟ ରାଜ୍ୟ କ୍ୟାଡରକୁ ଯାଇଛନ୍ତି । ସେହିଭଳି ୨୩ଜଣ ଆଇଏଏସ୍ ଓ ୯ଜଣ ଆଇଏଫ୍ଏସ୍ ଅଫିସର କେନ୍ଦ୍ରଓ ଅନ୍ୟ ରାଜ୍ୟ କ୍ୟାଡରକୁ ଯାଇଛନ୍ତି । ଅନ୍ୟ ରାଜ୍ୟ କ୍ୟାଡରର ୨ଜଣ ଆଇଏଏସ୍ଅଫିସର ଓଡିଶାରେ କାର୍ଯ୍ୟରତ ଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

### ନୋବେଲ ବିଜେତା ମାଇକେଲ କ୍ରେମରଙ୍କ ଓଡ଼ିଶା ଗସ୍ତ

# ପରୀକ୍ଷାମୂଳକ ପଦ୍ଧତି, ଅଭିନବତ୍ୱ ଏବଂ ଅର୍ଥନୀତି ଶୀର୍ଷକ ବକ୍ତୃତା

**ଭୁବନେଶ୍ୱର,୯।୧୨ (ମହାଭାରତ):** ଅର୍ଥନୀତି ବିଜ୍ଞାନରେ ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ପାଇଁ ପରୀକ୍ଷାମୂଳକ ଆଭିମୁଖ୍ୟ; ଉପରେ କାର୍ଯ୍ୟ କରି ସମ୍ମାନଜନକ ନୋବେଲ ପୁରସ୍କାର ପାଇଥିବା ବିଶିଷ୍ଟ ଅର୍ଥନୀତିଜ୍ଞ ମାଇକେଲ କ୍ରେମର୍ ଓଡ଼ିଶା ଗସ୍ତରେ ଆସି ଆଜି ଲୋକସେବା ଭବନରେ ଆୟୋଜିତ ଏକ ବକ୍ତୃତା କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ, ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ତାଙ୍କର ଗବେଷଣା ଏବଂ ପ୍ରୟୋଗାତ୍ମକ ଉପଲବ୍ଧି ଆଧାରରେ ପରୀକ୍ଷାମୂଳକ ପଦ୍ଧତି, ଅଭିନବତ୍ୱ ଏବଂ ଅର୍ଥନୀତି ଶୀର୍ଷକ ଏକ ଉପାଦେୟ ବକ୍ତୃତା ଉପସ୍ଥାପନ କରିଥିଲେ । ୨୦୧୯ ରେ ଅର୍ଥନୀତି ବିଜ୍ଞାନରେ ଏଷ୍ଟର ଡୁଫ୍ଲୋ ଏବଂ ଅଭିଜିତ୍ ବାନାର୍ଜୀଙ୍କ ସହିତ ନୋବେଲ ପୁରସ୍କାର ଯୁଗ୍ମ ବିଜେତା ହୋଇଥିବା ମାଇକେଲ କ୍ରେମର୍ ଅଧୁନା ଚିକାଗୋ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ପ୍ରଫେସର ଭାବେ ଡେଭଲପମେଣ୍ଟ ଇନୋଭେସନ ଲ୍ୟାବର ନିର୍ଦ୍ଦେଶନା ଦେଉଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କାର୍ଯ୍ୟକ୍ରମରେ ନୋବେଲ ବିଜେତା ପ୍ରଫେସର କ୍ରେମାରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ତାଙ୍କର ଅନନ୍ୟ



ପ୍ରତିଭାର ସୂଚନା ଦେଇଥିଲେ। ପ୍ରଫେସର କ୍ରେମରଙ୍କ କାର୍ଯ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ଅର୍ଥ, କୃଷି ସମେତ ଅଭିନବତ୍ୱ ଉପରେ ଗୁରୁତ୍ୱ ଦେଇଥାଏ। ସାମାଜିକ ଅଭିନବ ପାଣ୍ଠି ମାଧ୍ୟମରେ ଅଭିନବତ୍ୱକୁ ତ୍ୱରାନ୍ୱିତ କରିବା ପାଇଁ ଅନୁଷ୍ଠାନଗୁଡ଼ିକୁ କିପରି ଢାଞ୍ଚାରେ ଗଠନ କରାଯିବ, ସେ ବିଷୟରେ ମଧ୍ୟ ସେ ବିସ୍ତୃତ ଭାବରେ କାର୍ଯ୍ୟ କରିଛନ୍ତି କ୍ରେମର କିପରି ସକ୍ରିୟ ଭାବରେ ତାଙ୍କର ଶିକ୍ଷାଗତ କାର୍ଯ୍ୟକୁ ବାସ୍ତବ ଦୁନିଆର ସମସ୍ୟାଗୁଡିକର ସମାଧାନ ପାଇଁ ପ୍ରୟୋଗ କରିଛନ୍ତି ସେ ସଂପର୍କରେ ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ। କ୍ରେମର୍ ମଧ୍ୟ ୟୁଏସଏଆଇଡିର ଡେଭେଲପମେଣ୍ଟ ଇନୋଭେସନ ଭେଞ୍ଚର୍ସ (ଡିଆଇଭି)ର ବୈଜ୍ଞାନିକ ନିର୍ଦ୍ଦେଶକ ଏବଂ ଜଣେ ସହ-ପ୍ରତିଷ୍ଠାତା ଭାବରେ କାର୍ଯ୍ୟ କରନ୍ତି ପ୍ରଫେସର କ୍ରେମାର ତାଙ୍କ ଉପସ୍ଥାପନାରେ ବିଦ୍ୟାଳୟ ମାଧ୍ୟମରେ କୃମିନାଶ ଉପରେ ତାଙ୍କର କାର୍ଯ୍ୟ କିପରି ଭାରତରେ ଜାତୀୟ କୃମି ନାଶକ ଦିବସ ପ୍ରଚଳନ କରିବାରେ ସାହାଯ୍ୟ କରିଥିଲା । ସେ ସଂପର୍କରେ ଉପସ୍ଥାପନ କରିଥିଲେ। ଏହି ଅଭିଯାନ ଫଳରେ ବାର୍ଷିକ ଲକ୍ଷ ଲକ୍ଷ ପିଲାଙ୍କୁ ଚିକିତ୍ସା ପ୍ରଦାନ କରାଯାଇପାରୁଛି। ଡିଜିଟାଲ ମାଧ୍ୟମରେ ପାଣିପାଗର ପୂର୍ବାନୁମାନ ଆଧାରରେ କୃଷି ପରାମର୍ଶ ଦ୍ୱାରା କିପରି କୃଷକମାନେ ଉଲ୍ଲେଖନୀୟ ଉନ୍ନତି ଘଟାଇ ପାରିବେ ଓ ଏହି ପରାମର୍ଶ ଅନୁସାରେ ପରିବର୍ତ୍ତିତ କୃଷି ପଦ୍ଧତି ଆପଣାଇପାରିବେ। ଏହି ପରାମର୍ଶର ପ୍ରଚାର ପ୍ରସାର ଖର୍ଚ୍ଚର ୧୦ ଗୁଣା ଲାଭ ଦେଇପାରିବ ବୋଲି ସେ କହିଥିଲେ ବୈଷୟିକ ଜ୍ଞାନ କୌଶଳରେ ପ୍ରସ୍ତୁତି ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ କୃଷକମାନଙ୍କ ପାଇଁ ବୋଧଗମ୍ୟ ହେଲେ ଏହା ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ସେ ମଧ୍ୟ ଜଳ ଉତ୍ସର ଉପଯୁକ୍ତ ପରିଚାଳନା କରି ସୁରକ୍ଷିତ ପାନୀୟ ଜଳ ଶିଶୁ ମୃତ୍ୟୁହାର ରୋକିବାରେ ସହାୟକ ହୋଇଥାଏ ବୋଲି ଉପସ୍ଥାପନ କରିଥିଲେ। ପରୀକ୍ଷାମୂଳକ ତଥ୍ୟ କହୁଛି ଯେ କ୍ଲୋରିନେସନ ଦ୍ୱାରା ପାଇପଯୋଗେ ପାନୀୟ ଜଳ ଡାଇରିଆ ହାରକୁ ୨୫ ପ୍ରତିଶତରୁ କମ୍ କରିପାରିଛି। ଶିକ୍ଷଣ ସ୍ତରରେ ବ୍ୟପକ ଭିନ୍ନତା ପରିଲକ୍ଷିତ ହେଉଥିବା ସଂପର୍କରେ ଉଲ୍ଲେଖ କରି କମ୍ ଗ୍ରେଡ୍ ପ୍ରଦର୍ଶନ କରୁଥିବା ପିଲାମାନଙ୍କ ପାଇଁ ବ୍ୟକ୍ତିଗତ ଅନୁକୂଳ ଶିକ୍ଷଣରେ ଦୃତ ଉନ୍ନତି କରିବାର ଆବଶ୍ୟକତା ରହିଛି , ଯେପରି ସେମାନେ ଗ୍ରେଡ୍ ସ୍ତରୀୟ ଦକ୍ଷତା ଠାରୁ ପଛରେ ଥିବା ପିଲାଙ୍କ ଭଳି ଆଗକୁ ଯାଇପାରିବେ ସେଥିପାଇଁ ଶିକ୍ଷକମାନଙ୍କୁ ଆବଶ୍ୟକ ପରାମର୍ଶର ନମୁନା ସଂପର୍କରେ ସେ ଆଲୋକପାତ କରିଥିଲେ।

## 'ରାତିରେ ସୂରୁଜ ସକାଳେ ତାରା' ଉନ୍ମୋଚିତ

**ଭୁବନେଶ୍ୱର,୯।୧୨ (ମହାଭାରତ):** ପୁସ୍ତକ ପଠନ ମାଧ୍ୟମରେ ମାନସିକ ଅବସାଦ ଦୂର ହେବା ସହ ଶାନ୍ତି ଆନନ୍ଦ ମିଳେ ବୋଲି ପୂଜ୍ୟ ପୂଜା ଓଡିଶା ପକ୍ଷରୁ ଭାରତୀୟ ବିଦ୍ୟା ଭବନ ସଭାଗୃହରେ ଇଂ ଗଣେଶଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତପନ କୁମାର ବାରିକଙ୍କ ରଚିତ ପୁସ୍ତକ 'ରାତିରେ ସୂରୁଜ ସକାଳେ ତାରା'ର ଶୁଭ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ତଥା ସୋଆ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ଓ ସମାଜସେବୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର କହିଲେ ଯେ ଆଜି ସମାଜରେ ବହୁତ ଲୋକ ବିଭିନ୍ନ ମାନସିକ ଅବସାଦ ଦେଇ ଗତି କରୁଛନ୍ତି ଏବଂ ବହୁ ସମୟରେ ଆନନ୍ଦ ଉପଭୋଗ କରି ନ ପାରି ଅଶାନ୍ତିରେ ଜୀବନ ଯାପନ କରୁଛନ୍ତି। ଯଦି ସେମାନେ ନିୟମିତ ଭାବରେ ବିଭିନ୍ନ ପୁସ୍ତକ ଗଠନ କରନ୍ତେ ତେବେ ନିଶ୍ଚିତ ଭାବେ ମନର ପରିବର୍ତ୍ତନ ଘଟି ସବୁ ସମୟରେ ସୁସ୍ଥ ଆନନ୍ଦରେ ଜୀବନ ନିର୍ବାହ କରିପାରନ୍ତେ, ଏଥିପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ଆହ୍ୱାନ ଦେଇଥିଲେ ।ମୁଖ୍ୟବକ୍ତା ଭାବେ ପ୍ରଭାତ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବିନୋଦ ବିହାରୀ ମହାନ୍ତି, ଗିରୀଶ ଚନ୍ଦ୍ର ଦାସ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଲେଖକ ଶ୍ରୀ ବାରିକ୍ଙ୍କର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତବକ୍ତା ଭାବେ ସୁସାହିତ୍ୟକା ଡକ୍ଟର ଆରତି କର ଯୋଗଦାନ କରି ପୁସ୍ତକ ସମୀକ୍ଷା କରିବା ସହିତ ଲେଖକ ସମାଜରେ ଘଟୁଥିବା ଘଟଣାବଳୀକୁ ନିଖୁଣ ଭାବେ ଚିତ୍ରିତ କରିବା ସହ ସମାଜକୁ ଲେଖା ମାଧ୍ୟମରେ ନୂଆ ଦିଗ୍ ଦର୍ଶନ ଦେଇଥିବାରୁ ଲେଖକଙ୍କୁ ଧନ୍ୟବାଦ ଜଣାଇଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ତଥା ପୂଜ୍ୟପୂଜା, ଓଡ଼ିଶାର ସଂପାଦକ ରାମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିବା ସହ ପୁସ୍ତକ ପଠନର ଆବଶ୍ୟକତା ସଂପର୍କରେ ସୁବିସ୍ତୃତ ଆଲୋଚନା କରିବା ସହିତ ସଭା ପରିଚାଳନା କରିଥିଲେ। ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ବହୁ ସାହିତ୍ୟିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଋର୍ଟାଡ ଆକାଉଣ୍ଟାଣ୍ଟମାୟାଧର ମହାକୁଡ଼ ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।




## ପ୍ରଧାନମନ୍ତ୍ରୀ କୃଷକ ବୀମାର ଶୁଭାରମ୍ଭ

**ଭୁବନେଶ୍ୱର,୯।୧୨ (ମହାଭାରତ):** କୃଷକ ମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ? ଚରଣ ମାଝିଙ୍କ କରକମଳରେ ଧାନର ସର୍ବନିମ୍ନ ମାନ ୮୦୦ ଟଙ୍କାର ଅତିରିକ୍ତ ସହାୟତା ରାଶି ଓଡ଼ିଶାର ବରଗଡ଼ ଜିଲ୍ଲାରେ କୃଷକ ମାନଙ୍କୁ ପ୍ରଦାନର ଶୁଭାରମ୍ଭ ହୋଇଯାଇଥିଲା ବେଳେ ଏହାର ସିଧାସଳଖ ପ୍ରସାରଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ର ହାଭେଳି ପଡ଼ିଆ ଠାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ, ଅବକାରୀ, ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦାନ କର୍ରି ସହ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ମାନନୀୟ ଜିଲ୍ଲାପାଳ ଚଂଚଳ ରାଣା, ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ଯୋଗଦେଇଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲାପାଳ ଉଦବୋଧନ ଦେଇ କହିଥିଲେ ଯେ, ଦୀର୍ଘଦିନ ଧରି କୃଷକ ମାନଙ୍କର ଯେଉଁ ଡିମାଣ୍ଡ ଥିଲା ସର୍ବନିମ୍ନ ଯେଉଁ ଟଙ୍କା ରହିଛି ସେଥିରେ କିଛି ଆର୍ଥିକ ସାହାଯ୍ୟ ରାଶି ପ୍ରଦାନ କରିବାକୁ ଆଜି ତାହା ସରକାର ପୁରଣ କରିଛନ୍ତି । ସ୍ୱଚ୍ଛତାରେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ । ଚାଷୀ ହସିଲେ ଦେଶ ହସିବ ବୋଲି ବିଧାୟକ ଖୋର୍ଦ୍ଧା ନିଜ ବକ୍ତବ୍ୟ ରଖିଥିଲେ। ସେ ଆହୁରି ମଧ୍ୟ କହିଥିଲେଯେ, ଏହି କଥାକୁ ସ୍ୱୀକାର କରିବା ପାଇଁ ଓଡ଼ିଶାରେ ପରିବର୍ତନର ସ୍ୱର ଆରମ୍ଭ ହୋଇଛି। ଓଡିଶା ହେଉଛି କୃଷି ପ୍ରଧାନ ରାଜ୍ୟ । ଆମର ପାରମ୍ପରିକ ଚାଷ ହେଉଛି ଧାନ। ସେଥିପାଇଁ ଆଜିର କାର୍ଯ୍ୟକ୍ରମ କୃଷକ ମାନଙ୍କୁ ଆର୍ଥିକ ସାହାଯ୍ୟ ର ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ। ସେହିପରି ମନ୍ତ୍ରୀ ଅଭିଭାଷଣରେ କହିଲେ ଯେ, ଆଜିର ଦିନଟି ଚାଷୀ ମାନଙ୍କ ପାଇଁ ଏକ ଐତିହାସିକ ଦିନ ହୋଇ ରହିବ । ଦୀର୍ଘ ଦିନର ଲଢେଇ ପରେ ଆଜି ଓଡ଼ିଶା ପ୍ରଦେଶର ଚାଷୀ ମାନଙ୍କୁ ସନ୍ତାନ ସ୍ୱରୁପ, ଆଜି ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ର ବ୍ଲକ୍ ଏବଂ ପୋର ପରିଷଦ ମାନଙ୍କର ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଭାଗୀୟ ଅଧିକାରୀଙ୍କ ସମେତ ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ ।

## ୧୨୨୦ ଜଣଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ

**ଭୁବନେଶ୍ୱର,୮।୧୨ (ସ୍ୱାଧିକାର ନ୍ୟୁଜ):** ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମରେ ଗତ ୫ବର୍ଷ ମଧ୍ୟରେ ଝାରସୁଗୁଡା ଜିଲ୍ଲାର ୧୨୨୦ ଜଣ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ୧୩୦ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ।ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ମନ୍ତ୍ରୀ କହିଛନ୍ତି ଯେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ହେବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ ୪୨୮୨ ଜଣ ଯୁବକ ଯୁବତୀ ଦକ୍ଷତା ତାଲିମ ପାଇଛନ୍ତି । ସେମାନଙ୍କ ମଧ୍ୟରୁ ଝାରସୁଗୁଡା ଜିଲ୍ଲାରୁ ମୋଟ୍ ୬ଟି ବ୍ୟାଚରେ ୫୦ଜଣ ଯୁବକ ଯୁବତୀ ତାଲିମ ପାଇଛନ୍ତି । ଦକ୍ଷତା ତାଲିମ ପାଇବାପରେ ୪ଟି ବ୍ୟାଚରୁ ୪୧ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଅବଶିଷ୍ଟ ୯ଜଣ ପଞ୍ଚମ ଓ ଷଷ୍ଠ ବ୍ୟାଚ୍ରେ ତାଲିମ ନେଉଛନ୍ତି । ଉତ୍ତୀର୍ଣ୍ଣ ହୋଇଥିବା ୪୧ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୪ଜଣ ବିଭନ୍ନ କମ୍ପାନୀ ଯଥା ଟାଟା ଷ୍ଟିଲ, ଜନସନ୍ ଲିଫ୍ଟ, ଜିନ୍ଦଲ ପଲିଫିଲ୍ମସ୍, ମେଗାଭି ୱେଲନେସ୍ ଓ ଭିଏଲସିସିରେ ନିଯୁକ୍ତି ପାଇଛନ୍ତି । ସେହିଭଳି ରାଜ୍ୟ ସରକାର ୨୦୨୩-୨୪ ମସିହାରେ ନୂଆ ଓଡିଶା ନାମର ପ୍ରଣୟନ କରିଥିବା ଯୋଜନାରେ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାଗୁଡିକ ସହାୟତାରେ ତାଲିମ ପ୍ରଦାନ କରୁଥିବାବେ ସେଥିରେ ଝାରଗୁଡା ଜିଲ୍ଲାର ୧୯୦ ଜଣ ଯୁବକ ଯୁବତୀ ତାଲିମ ଗ୍ରହଣ କରିଛନ୍ତି ।

## ଜଟଣୀ ବ୍ଲକରେ ଜନଶୁଣାଣି ଶିବିର

**ଭୁବନେଶ୍ୱର,୯।୧୨ (ମହାଭାରତ):** ଜନ ସାଧାରଣଙ୍କୁ ହାତ ପାଆନ୍ତାରେ ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଓ ସମସ୍ୟା ଗୁଡ଼ିକୁ ସମାଧାନ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଓ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସ୍ତରରୁ, ଜିଲ୍ଲା,ବ୍ଲକ ଏବଂ ପଂଚାୟତ ସ୍ତର ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଇ ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକୁ ସମାଧାନ କରାଯାଉଅଛି।

ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜନ ସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ କରିବାରେ ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ କ୍ଷ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ସମସ୍ତ ଅଧିକାରୀ ନିଷ୍ଠା ଓ ଆନ୍ତରିକତା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସମାଜର ତୃଣମୂଳ ସ୍ତରରୁ ଆସୁଥିବା ଅଭିଯୋଗ ଗୁଡ଼ିକୁ ସମାଧାନ କରିବାକୁ ଆଜି ପୂର୍ବାହ୍ନରେ ଜଟଣୀ ବ୍ଲକ ଅନ୍ତର୍ଗତ ଅଙ୍ଗାରପଡା ଗ୍ରାମ ପଂଚାୟତ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧ୍ୟକ୍ଷତା କରି ଜିଲ୍ଲା ପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଂଚଳ ରାଣା ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଜିଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠରୁ ପଠାଯାଉଥିବା ଅଭିଯୋଗ ଦରଖାସ୍ତ ଗୁଡ଼ିକ ଉପରେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ ସହ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ୧୩୬ ଗୋଟି ଦରଖାସ୍ତ ଆସିଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୦୯ ଓ ଗ୍ରାମ ସମସ୍ୟା ଜନିତ ୨୬ ଗୋଟି ଅଭିଯୋଗ ଥିଲା। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଂଚଳ ରାଣା ଅଭିଯୋଗ ପ୍ରକୋଷ୍ଠରେ ଏକ ଗୋଟି ଅଭିଯୋଗ ର ତ୍ୱରିତ ଶୁଣାଣି କରି ସମାଧାନ କରିଥିଲେ।

ଜିଲ୍ଲାପାଳ ଖୋର୍ଦ୍ଧା ଙ୍କ ଆଜିର ଏହି ମିଳିତ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା , ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ ମନୋରଞ୍ଜନ ସାହୁ, ସମ୍ପୃକ୍ତ ବି ଡିଓ, ତହସିଲଦାର ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଂଟ ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀ ମାନେ ଯୋଗଦେଇ ଥିଲେ।

## ରାଜ୍ୟରେ ୬୮୫ ପୋଲିସ ଥାନା

**ଭୁବନେଶ୍ୱର,୯।୧୨ (ମହାଭାରତ):** ଆଜି ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ ମାନେ ନିଜ ନିଜ ଅଂଚଳରେ ନୂଆ ଥାନା ଓ ଫାଣ୍ଡି ଖୋଲିବାକୁ ଦାବି କରିଛନ୍ତି। ସେମାନେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଠିକ କରିବା ପାଇଁ ସେମାନଙ୍କ ଅଂଚଳରେ ନୂଆ ଥାନା ଓ ଫାଣ୍ଡି ଖୋଲିବାକୁ ଦାବି କରିଥିଲେ। ଆଜି ପ୍ରଶ୍ନକାଳରେ ଖଂଡପଡାର ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ଏ ସମ୍ପର୍କିତ ପ୍ରଶ୍ନ ଉପରେ ଆଲୋଚନା ବେଳେ ବିଧାୟକ ମାନେ ଏହି ଦାବି କରିଥିଲେ।

ଏହାର ଉତରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖୁଥିବା ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସ୍ପଷ୍ଟ କରିଥିଲେ ଯେ ନୂତନ ଥାନା ଓ ଫାଣ୍ଡି ଖୋଲିବାକୁ ନିଶ୍ଚିତ ଗାଇଡଲାଇନ ରହିଛି। କେଉଁ ସ୍ଥାନରେ ନୂଆ ଥାନା ଗଠନ ହେବ ସେ ସମ୍ପର୍କରେ ନିଷ୍ପତି ନେବାକୁ ଏକ ମାନଦଣ୍ଡ ରହିଛି। ଏଥିରେ ୯ଟି ଦିଗ ପ୍ରତି ଧ୍ୟାନ ଦିଆଯାଥାଏ। ଏହି ମାନଦଣ୍ଡ ଆଧାରରେ ନୂଆ ଥାନା ସ୍ଥାପିତ କରିବାକୁ ନିଷ୍ପତି ନିଆଯାଇଥାଏ। ରାଜ୍ୟରେ ୬୮୫ ପୋଲିସ ଥାନା ଓ ୧୩୯ ବିଟ ହାଉସ, ରାଜ୍ୟରେ ୨୯୫ ଫାଣ୍ଡି ଅଛି। ସେଥିରୁ ୧୨୨ ସହରାଂଚଳ ଫାଣ୍ଡି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହକୁ ଅବଗତ କରିଛନ୍ତି।

## ଚାକିରୀ କାଳରେ ପାଚିକାଙ୍କ ମୃତ୍ୟୁ ହେଲେ ପରିବାର ସଦସ୍ୟଙ୍କୁ ମିଳିବ ଲକ୍ଷେ ଟଙ୍କା

**ଭୁବନେଶ୍ୱର,୯।୧୨ (ମହାଭାରତ):** ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନରେ କାର୍ଯ୍ୟରତ ମଧ୍ୟାହ୍ନଭୋଜନ ପାଚିକାଙ୍କ ପାଇଁ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଚାକିରୀ କାଳରେ ପାଚିକାଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାର ସଦସ୍ୟଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ (ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପୋଷଣ ସ୍ଥିତିରେ ସୁଧାର ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ପାଇଁ ବିଦ୍ୟାଳୟରେ ପାଚିକାଙ୍କୁ ନିୟୋଜିତ କରାଯାଇ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହାରରେ ପାରିତୋଷିକ ଦିଆଯାଉଛି। ପାଚିକାଙ୍କ ସାମାଜିକ ସୁରକ୍ଷା ନିମନ୍ତେ ଏକ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଥିଲା। ଏହାକୁ ଦୃଷ୍ଟିରେ ରଖି ମୃତ୍ୟୁକାଳୀନ ସହାୟତା ଆକାରରେ ୧ ଲକ୍ଷ ଟଙ୍କା ପରିବାର ସଦସ୍ୟଙ୍କୁ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏ ବାବଦ ଖର୍ଚ୍ଚ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ପାଇଁ ଉଦ୍ଦିଷ୍ଟ ବଜେଟରୁ ବହନ କରାଯିବ। ଏହି ସହାୟତା ପାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦ ମୃତ ପାଚିକାଙ୍କ ମୃତ୍ୟୁ ପ୍ରମାଣପତ୍ର ନକଲ, ତହସିଲଦାରଙ୍କ ଦ୍ୱାରା ପ୍ରଦ ମୃତ ପାଚିକାଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ରର ନକଲ, ମୃତ ପାଚିକା ଓ ଦାବିଦାରଙ୍କ ଆଧାର କାର୍ଡର ନକଲ, ଦାବିଦାରଙ୍କ ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠାର ନକଲ, ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କଠାରୁ ଆବଶ୍ୟକ ସୁପାରିସ ଆଦି କାଗଜପତ୍ର ଆବଶ୍ୟକୟ ସହାୟତା ରାଶି ସିଧାସଳଖ ଦାବିଦାରଙ୍କ ବ୍ୟାଙ୍କ ଖାତାକୁ ପଠାଯିବ ବୋଲି ସୂଚନା ଦିଆଯାଇଛି।



# ଭାରତ-କାନାଡା ସମ୍ପର୍କ

ଭାରତ ଓ କାନାଡ଼ା ମଧ୍ୟରେ ଗତ ବର୍ଷେ ହେବ କୂଟନୈତିକ ସମ୍ପର୍କରେ ତିକ୍ତତା ପରିଲକ୍ଷିତ ହେଉଛି । ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜର ହତ୍ୟା ଘଟଣା ପରେ ଏହି ତିକ୍ତତା ଅତି ମାତ୍ରାରେ ବଢ଼ିଯାଇଛି । କାନାଡ଼ା ସରକାର ବିନା ପ୍ରମାଣରେ ଦାବି କରୁଛନ୍ତି ଯେ, ନିଜ୍ଜର ହତ୍ୟାରେ ଭାରତର ହାତ ରହିଛି । ଏହାର ପ୍ରମାଣ ଉପସ୍ଥାପନରେ କାନାଡ଼ା ବିଫଳ ହୋଇଛି । ଏବେ କାନାଡ଼ାର ଉପ-ବୈଦେଶିକ ମନ୍ତ୍ରୀ ଡେଭିଡ ମୋରିସନ ଏକ ନୂଆ ଅଭିଯୋଗ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, କାନାଡ଼ାର ନାଗରିକ କଲିସ୍ତାନୀ ଆତଙ୍କବାଦୀଙ୍କୁ ହତ୍ୟା କରିବାକୁ ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନିର୍ଦ୍ଦେଶ ଦେଇଛନ୍ତି । ଏହା ଏକ ଅତି ଦାୟିତ୍ୱହୀନ ମନ୍ତବ୍ୟ । ଗୋଟିଏ ପଟେ କାନାଡ଼ା ସ୍ୱୀକାର କରୁଛି ଯେ, ନିଜ୍ଜର ଜଣେ ଖଲିସ୍ତାନୀ ଆତଙ୍କବାଦୀ ଥିଲା । ଅନ୍ୟ ପଟେ ତାର ହତ୍ୟା ପାଇଁ ଭାରତକୁ ନିନ୍ଦା କରୁଛି । ଜଣେ ଆତଙ୍କବାଦୀକୁ ଭାରତ କ'ଣ ପୂଜା କରିବ ? ଦ୍ୱିତୀୟରେ ହତ୍ୟାକାଣ୍ଡ କାନାଡ଼ାରେ ହୋଇଛି । ଏଥିରେ ସମ୍ପୃକ୍ତ ଅପରାଧୀକୁ କାନାଡ଼ା ପୋଲିସ ଧରିବାରେ କ'ଣ ଅସୁବିଧା ଅଛି ? ଯଦି ନିଜ୍ଜରକୁ ଭାରତରେ ହତ୍ୟା କରାଯାଇଥାଆନ୍ତା ତବେ ଭାରତ ସରକାର ଏହାର ଦାୟିତ୍ୱ ନିଜ ମୁଣ୍ଡକୁ ନେଇଥାଆନ୍ତେ । ଅମିତ ଶାହାଙ୍କୁ କାନାଡ଼ା ଦୋଷ ଦେବା କଣ୍ଟାବାଡ଼ରେ ଲୁଗା ପକାଇ କଳି କରିବା ସହ ସମାନ । ଭାରତ ଓ କାନାଡ଼ା ବିଶ୍ୱର ଦୁଇଟି ବଡ଼ ଦେଶ । ଲୋକସଂଖ୍ୟା ଆଧାରରେ ଭାରତ ବହୁ ଆଗରେ । କିନ୍ତୁ ଆୟତନ ଦୃଷ୍ଟିରୁ କାନାଡ଼ା ଭାରତଠାରୁ ବଡ଼ । ଅର୍ଥନୈତିକ ଦୃଷ୍ଟିରୁ କାନାଡ଼ା ଯଥେଷ୍ଟ ଆଗୁଆ । ଏହାର କାରଣ ହେଲା କାନାଡ଼ା ଏକ ବିଳ ଦେଶ ହୋଇଥିଲେ ମଧ୍ୟ ଏହାର ଜନସଂଖ୍ୟା ଯଥେଷ୍ଟ କମ । ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି । କିନ୍ତୁ ମୁଣ୍ଡପିଛା ଆୟ କମ । ଭାରତର ଦାରୀଦ୍ର୍ୟ ସୀମା ରେଖା ତଳେ ଥିବା ବ୍ୟକ୍ତିଙ୍କ ସଂଖ୍ୟା କାନାଡ଼ାର ମୋଟ ଜନସଂଖ୍ୟାଠାରୁ ଅଧିକ । କାନାଡ଼ା ଏକ କୃଷି ସମୃଦ୍ଧ ରାଷ୍ଟ୍ର । ଏହା ସହିତ ଏଠାରେ ଶିଳ୍ପ ବିକାଶ ମଧ୍ୟ ହୋଇଛି । ତେଣୁ ଅନେକ ଭାରତୀୟ କାନାଡ଼ାରେ ନିଯୁକ୍ତି ସୁଯୋଗ ପାଇ ସେଠାରେ ସ୍ଥାୟୀଭାବେ ବସବାସ କରନ୍ତି । ଅନେକ କାନାଡ଼ାର ନାଗରିକତ୍ୱ ମଧ୍ୟ ଗ୍ରହଣ କରିଛନ୍ତି । ସେଥିପାଇଁ କାନାଡ଼ାରେ ଶିଖ ଧର୍ମାବଲମ୍ବୀଙ୍କ ସଂଖ୍ୟା ଢେର ଅଧିକ । ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଧନୀ ବା ସ୍ୱଚ୍ଛଳ ବର୍ଗର । ସେମାନେ ଭାରତରେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରନ୍ତି । ସେମାନେ ହେଉଛନ୍ତି ଭାରତ ବିରୋଧୀ । ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଦିବସରେ ସେମାନେ ଉତ୍ସବ ପାଳନ କରିବା ଏହାର ଉଦାହରଣ । ଭାରତ ସରକାର ଏହାର ପ୍ରତିବଦ କରିଥିଲେ ମଧ୍ୟ କାନାଡ଼ା ସରକାର କେବେ ବି ଏହାର ଜବାବ ରଖି ନାହାଁନ୍ତି କିମ୍ବା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାଁନ୍ତି । କାନାଡ଼ାର ଆଭ୍ୟନ୍ତରୀଣ ବ୍ୟାପାରରେ ଭାରତ କେବେ ମୁଣ୍ଡ ଖେଳାଇନାହିଁ ବା ହସ୍ତକ୍ଷେପ କରିନାହିଁ । କିନ୍ତୁ ଭାରତରେ କୃଷକ ଆନ୍ଦୋଳନଠାରୁ ଆରମ୍ଭ କରି ଅନେକ ପ୍ରସଙ୍ଗରେ କାନାଡ଼ା ଅଯଥା ମନ୍ତବ୍ୟ ଦେଇଛି । ଏବେ ଭାରତର ଗୃହମନ୍ତ୍ରୀଙ୍କୁ ବିରୋଧରେ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗ ଆଣିବା କାନାଡ଼ାର ଔଦ୍ଧତ୍ୟକୁ ପ୍ରମାଣିତ କରୁଛି । କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ରାଜନୈତିକ ଉଦ୍ଦେଶ୍ୟ ରଖି ଏବଂ ଶିଖ ସମ୍ପ୍ରଦାୟର ସମର୍ଥନ ପାଇବାକୁ ଏଭଳି ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । କିନ୍ତୁ ଭାରତ ସହ ବିବାଦ କାନାଡ଼ା ପାଇଁ ମହଙ୍ଗା ପଡ଼ିବ । କାନାଡ଼ା ଉପରେ ଭାରତ କୌଣସି ଦୃଷ୍ଟଇରୁ ନିର୍ଭରଶୀଳ ନୁହେଁ । କାନାଡ଼ା ସପକ୍ଷରେ ଆମେରିକା ବାହାରିଛି ।

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ

॥ ଉମେଶ ଚନ୍ଦ୍ର ପାତ୍ର ॥

"ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ ।

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡ଼େଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତିତ, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ବର୍ଷା ଋତୁରେ ପଲ୍ଲୀ ପରିବେଶ

॥ ବିଚିତ୍ରା ନନ୍ଦ ପ୍ରଧାନ ॥

ପଲ୍ଲୀବହୁଳ ଉତ୍କଳର ପଲ୍ଲୀ ପରିବେଶ ନିସର୍ଗ ଲକ୍ଷ୍ମୀଙ୍କର ପ୍ରମୋଦ ଉଦ୍ୟାନ । ପ୍ରକୃତି ରାଣୀ ନବ ଭୂଷଣରେ ଅଳଙ୍କୃତା ହୋଇ ଉତ୍କଳ ପିଠରେ ବିହାର କରନ୍ତି । ଦିଗନ୍ତ ବିସ୍ତାରୀ ସବୁଜ ଶଷ୍ୟ କ୍ଷେତ୍ର, ତରଙ୍ଗ ଶୋଭିତ ନଦନଦୀ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତ ମାଳା ଓ ବିହଙ୍ଗ ଶୋଭିତ ହ୍ରଦ ଉତ୍କଳର ପଲ୍ଲୀ ପରିବେଶକୁ ଅତ୍ୟନ୍ତ ମନୋରମ କରିଥାଏ । ଏଣୁ ଉତ୍କଳ ଭୂମି ପ୍ରାକୃତିକ ସୁଷମାର ଗନ୍ତାଘର ଅଟେ । ଗ୍ରୀଷ୍ମ କାଳୀନ ରୌଦ୍ରତାପକ୍ଲିଷ୍ଟ ଧରାବକ୍ଷରେ ଆଦ୍ୟ ବାରିପାତ ଯେଉଁଭଳି ମନ ମୁଗ୍ଧକର, ସେହିଭଳି ମାଙ୍ଗଳିକ । ବର୍ଷାକାଳୀନ ମେଘ ମେଦୁର ନଭସ୍ଥଳକୁ ଲକ୍ଷ୍ୟକରି ଭକ୍ତ କବି ମଧୁସୂଦନ ରାଓ ଲେଖିଛନ୍ତି – "ଆସଇ ବର୍ଷାକାଳ ନିଦାଘ ଶେଷେ, ଘୋଟଇ ମେଘମାଳା ଆକାଶ ଦେଶେ ।" ରୁଦ୍ର ବୈଶାଖର ଅଗ୍ନିବର୍ଷଣ ପରେ ଆଦ୍ୟ ଆଷାଢ଼ର ମେଘ ମୁକୁଟ ମଣ୍ଡିତ ଗିରିଶୀର୍ଷ ଅବଲୋକନ କଲେ ଆନନ୍ଦରେ ମନ ଉତ୍‌ଫୁଲିତ ହୁଏ । କର୍ମ ମୁଖର ହୋଇ ଉଠେ କୃଷି ପ୍ରଧାନ ପଲ୍ଲୀ ଭୂମି । ପ୍ରକୃତି ବକ୍ଷରେ ପଲ୍ଲୀ ଜୀବନର ପ୍ରବାହକର୍ମ-କଲ୍ଲୋଳରେ ଉଦ୍‌ବେଳିତ ହୁଏ । ଭରା ମୌସୁମୀ ଆଗମନ ଉପରେ ଭରଷା ରଖି ପଲ୍ଲୀର କୃଷକ ଭୂମି କର୍ଷଣ କରେ । କିନ୍ତୁ ଆମ ରାଜ୍ୟରେ ମୌସୁମୀର ପ୍ରବାହ ଚୀର ଅନିଶ୍ଚିତ । ବର୍ଷେ ବର୍ଷେ ଏହାର ପ୍ରବାହ ଅପ୍ରତ୍ୟାସିତ ମଳ । କେବେ କେବେ ସେ ଜଳଦାନରେ କୃପଣାତ କେବେ କେବେ ମୁକ୍ତହସ୍ତା । ଆଷାଢ଼ ମାସ ତାରୁଣ୍ୟ ଅତିକ୍ରମ କରେ, ପୌଢ଼ ହୁଏ । ଆଷାଢ଼ ଆକାଶରେ ବର୍ଷାର ସତ୍ତା ନାହିଁ । କେଦାରେ କେଦାରେ ସ୍ୱହସ୍ତ ରୋପିତ ଛୋଟ ଧାନ ଗଛକୁ ଚାହିଁ କୃଷକର ଚକ୍ଷୁ ବାଷ୍ପାକୂଳ ହୋଇଉଠେ । ପୃଥିବୀ ଶୁଷ୍କ, ଆକାଶ ଶୁଷ୍କ, କୃଷକର ପ୍ରାଣ ମଧ ଶୁଷ୍କ । ଏ ଯୁଗରେ ନାହିଁ ସ୍ୱର୍ଗରୁ ଗଙ୍ଗା ଝରାଇଥିବା ଭାଗିରଥଙ୍କର ତପ, ନାହିଁ ମୋଗଲ ଜେମାଙ୍କର ମେଘ ମହ୍ଲାର । ମୌସୁମୀ ଆସିବାର ବିଳମ୍ବ ଦେଖି କୃଷକ କନ୍ୟାର ମନ ବୀଣାରେ ବାଜି ଉଠେ ମହ୍ଲାର ରାଗିଣୀ । ପିତାମାତାଙ୍କ ମନର ବିଷାଦ ଭାବ ଦେଖି ପଲ୍ଲୀ ବାଳିକାର କୋମଳ ପ୍ରାଣ କୋହରେ ଭରି ଉଠେ । ମୌସୁମୀ ପ୍ରବାହିତ ହୁଏ ଶୂନ୍ୟ ମଣ୍ଡଳକୁ ଆଚ୍ଛନ୍ନ କରି । ସୂର୍ଯ୍ୟ ନିଷ୍ପ୍ରଭ ହୁଅନ୍ତି । ଆକାଶରେ ଦେଖାଦିଅନ୍ତି ଅଗଣିତ ମେଘମାଳା । ଦିଗ୍‌ବଳୟ ଧରି ଆକାଶରେ ମେଘଅନ୍ଧାର ମାଡିଆସେ । ମେଘର ମନ୍ଦ୍ରଧ୍ୱନୀ ଓ ଘଡଘଡି ଶବ୍ଦରେ ତ୍ରିଭୂବନ କମ୍ପି ଉଠେ । ଚାହୁଁ ଚାହୁଁ ବାରିଧାରା ଆକାଶରୁ ଭୂପୃଷ୍ଠକୁ ଅଜାଡି ହୋଇପଡେ । ପଲ୍ଲୀ କୃଷକର ଚକ୍ଷୁରେ ଖେଳିଯାଏ ଚମକ, ପ୍ରାଣ ପୁଲକିତ ହୁଏ । ସ୍ୱହସ୍ତ ରୋପିତ ଶସ୍ୟବୀଜ ଗୁଡ଼ିକୁ ଦେଖି ଆନନ୍ଦରେ ବିଭୋର ହୋଇଯାଏ କୃଷକ । ନିଜ ସୃଷ୍ଟିରେ ନିଜେ ଆତ୍ମହରା ହୋଇଯାଏ । କୃଷକ ମୁଖରେ ଆନନ୍ଦର ଜୁଆର ଦେଖି, ଆକାଶ ବକ୍ଷରେ ଭାସି ବୁଲୁଥିବା ଧୂସର ବର୍ଣ୍ଣର ବାଦଲ ସବୁ ରଙ୍ଗିନ୍ ହୋଇ ଉଠନ୍ତି ।

ବେଳେ ବେଳେ ଝିପି ଝିପି ବର୍ଷା ଆକାଶରୁ ଭୂପୃଷ୍ଠକୁ ବିଛାଇ ହୋଇ ପଡୁଥାଏ, ମନେହୁଏ, ଆକାଶରୁ ପୃଷ୍ପ ବୃଷ୍ଟି ହେଉଅଛି । ବର୍ଷାରେ ପଲ୍ଲୀର ରାସ୍ତା କର୍ଦ୍ଦମାକ୍ତ ହୋଇ ଖସଡା ହୋଇଥାଏ । କେଉଁଠି କାଦୁଅରେ ଗୋଡ ଆଣ୍ଠୁଯାଏ ଗଳିପଡେ । ବନ୍ଧ ଭାଙ୍ଗି ଠାଏ ଠାଏ ବର୍ଷା ପାଣିର ସୁଅ ଚାଲିଥାଏ । ଧାରା ଶ୍ରାବଣର ମୁଷଳଧାରା ବର୍ଷାରେ କୃଷକ ମୁଣ୍ଡରେ ପଖିଆ ଦେଇ ମନ ଆନନ୍ଦରେ ବେଉଷଣ କରିବାକୁ ଯାଏ । ବର୍ଷା ତା'ର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରେ ନାହିଁ । ବର୍ଷା ଛାଡିଯାଏ । ମେଘର ପର୍ଦ୍ଦାଟେକି ସୂର୍ଯ୍ୟଦେବ ଉଙ୍କିମାରନ୍ତି । ଧୂସର ଆକାଶରେ ସୂର୍ଯ୍ୟାଲୋକ ପ୍ରତିଫଳନ ହୋଇ ସାତ ରଙ୍ଗର ଇନ୍ଦ୍ରଧନୁ ଦୃଶ୍ୟମାନ ହୁଏ । ପଲ୍ଲୀର ପିଲାମାନେ ଇନ୍ଦ୍ରଧନୁ ଦେଖି ଆନନ୍ଦ ଅନୁଭବ କରନ୍ତି । ପଲ୍ଲୀର କୃଷକ ଚାଳ ଘରେ ପରିବାର ସହ ରହିଥାଏ । ପ୍ରବଳ ବର୍ଷା ଓ ପବନରେ ଘରର ଚାଳ ଉଲୁରୀ ପଡି ଘର ଭିତରେ ବର୍ଷା ପାଣି ଲହଡି ମାରୁଥାଏ । କାନ୍ଥରୁ ପୁଳାକୁ ପୁଳା ମାଟି ଖସି ପଡିଥାଏ । କୃଷକ ଏଥିପାଇଁ ଚିନ୍ତିତ ନହୋଇ ଘରକୁ ଯଥା ସମ୍ଭବ ସଜାଡିବା ପାଇଁ ଲାଗିପଡେ । ଏହି ଋତୁରେ ପଲ୍ଲୀଭୂମି ହରିତ ଦୁର୍ବାଦଳ ମଣ୍ଡିତ ହୋଇ, ସବୁଜ ବସ୍ତ୍ର ପରିଧାନ କଲାଭଳି ଦେଖାଯାଏ । ବୃକ୍ଷଲତା ଶ୍ୟାମଳ ପତ୍ର ସମ୍ଭାରରେ ଭୂଷିତ ହୋଇ ଅପୂର୍ବଶ୍ରୀ ଧାରଣ କରିଥାନ୍ତି । କଖାରୁ, ପାଣିକଖାରୁ ଓ ପୋଇ ଡଙ୍କ ଘରର ଚାଳ ଉପରକୁ ମାଡିଯାଏ । କିଆ, କେତକୀ, କଇଁ, ଯୁଇ, ଜାଇ, ମଲ୍ଲୀ, ମାଧବୀ, ମାଳତୀ, କଦମ୍ବ, ଚମ୍ପା, ଗୋଲାପ, ନିଆଳୀ ଓ ସେବତୀ ଆଦି ଫୁଲ ଫୁଟି ପଲ୍ଲୀ ଭୂମିକୁ ସୁଶୋଭିତ କରିଥାନ୍ତି ।

ବର୍ଷା ଋତୁରେ ରାସ୍ତାମାନ କର୍ଦ୍ଦମାକ୍ତ ହୋଇ ଖସଡା ହୋଇଥାଏ । ଛାତ୍ରଛାତ୍ରୀ ମାନେ ଏହି ଖସଡା ରାସ୍ତାରେ ସ୍କୁଲକୁ ପାଠ ପଢିବାକୁ ଯାଇଥାନ୍ତି । ବର୍ଷା ଜଳରେ ତିନ୍ତିବା, ଶିଶୁ ସୁଲଭ ମଧୁର କଣ୍ଠରେ ଗୀତ ଗାଇବା ଦୃଶ୍ୟ ବାସ୍ତବିକ ବର୍ଷା କାଳୀନ ପଲ୍ଲୀ ଜୀବନରେ ଆନନ୍ଦ ଆଣି ଦେଇଥାଏ । ଉତ୍କଳର ପୁର ପଲ୍ଲୀରେ ନାନାବିଧ ପର୍ବପର୍ବାଣୀ ପାଳନର ବିଧି ଥିବାରୁ ବର୍ଷାକାଳୀନ ପଲ୍ଲୀଜୀବନ ଉତ୍ସବ ମୁଖରିତ ହୋଇଉଠେ । ରାକ୍ଷୀ ପୂର୍ଣ୍ଣିମା, ରଥଯାତ୍ରା ଓ ଚିତାଲାଗି ଅମାବାସ୍ୟା ଏହି ଋତୁରେ ପାଳନ କରାଯାଏ । ବିଶ୍ୱପ୍ରସିଦ୍ଧ ରଥ ଯାତ୍ରା ଓ ବାହୁଡା ଯାତ୍ରା ଶ୍ରୀକ୍ଷେତ୍ର ଧାମ ପୁରୀରେ ପାଳନ କରାଯାଏ । ହଜାର ହଜାର ଭକ୍ତ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ବଡଦାଣ୍ଡରେ ଦର୍ଶନ କରି ଆତ୍ମତୃପ୍ତି ଲାଭ କରନ୍ତି । ପ୍ରବଳ ବର୍ଷା ହେବାରୁ ନଈରେ ପାଣି ପଡି, ନଈ ଏ କୂଳ ସେ କୂଳ ଖାଉଥାଏ । ଧାରା ଶ୍ରାବଣରେ ଧ୍ୱଂସର ଅଟ୍ଟହାସ୍ୟ କରି ନଦୀ ମାନଙ୍କରେ ପ୍ରଳୟଙ୍କରୀ ବନ୍ୟା ମାଡିଆସେ । ନଦୀର ବକ୍ଷ ଫୁଲି ସୁଅରେ ଭାସି ଆସେ ଉପୁଡିଥିବା ବଡ ବଡ ବୃକ୍ଷ । ବନ୍ଧ ଉପରେ ଦଣ୍ଡାୟମାନ ହୋଇ ଆବାଳ ବୃଦ୍ଧ ବନିତା ନଦୀର କରାଳ ରୂପ ଦେଖି ଆତଙ୍କିତ ହେଉଥାନ୍ତି । ନଦୀର ପାଣି ବଢି ବନ୍ଧରେ ଘାଇ ସୃଷ୍ଟି କରେ । ସହସ୍ର ସହସ୍ର ପଲ୍ଲୀ ବନ୍ୟା ପାଣିରେ ଚିଲିକାମୟ ହୋଇଯାଏ । ପଲ୍ଲୀର କୃଷକ ନଦୀବନ୍ଧରେ ଠିଆ ହୋଇ ଲୋତକପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଥାଏ ତା'ର ବନ୍ୟାଜଳରେ ବୁଡି ଯାଇଥିବା ଚାଳଘର ଓ ଚାଷଜମିକୁ । ବନ୍ୟାକ୍ଲିଷ୍ଟ ଜନତାର ଆକୁଳ କ୍ରନ୍ଦନ ଓ କ୍ଷୟକ୍ଷତିର ଦାରୁଣ ଦୁର୍ବିପାକ ଦେଖିଲେ ଆଖିରେ ଲୁହ ଝରିଆସେ । ସରକାରଙ୍କ ପ୍ରଚେଷ୍ଟାରେ ନଦୀରେ ସୁଦୃଢ ବନ୍ଧ କରାଯାଇ କେତାକାଂଶରେ ବନ୍ୟାକୁ ଆୟତ କରାଯାଇଛି । ସହରୀ ମଣିଷ ବର୍ଷା ଋତୁ ପ୍ରତି ଅତିଶୟ ବିରକ୍ତି ଭାବ ପ୍ରକାଶ କରନ୍ତି । କିନ୍ତୁ କୃଷିଜୀବୀ ଅଧୁଷିତ ପଲ୍ଲୀଭୂଖଣ୍ଡ ବର୍ଷାକୁ ସ୍ୱାଗତ କରେ । କୃଷି ହିଁ ଓଡିଶାର ପ୍ରାଣ । କୃଷିର ଉନ୍ନତି ବାଧାପ୍ରାପ୍ତ ହେଲେ ଓଡିଶା ଜାତିର ଅବନତି ଅବଶ୍ୟମ୍ଭାବୀ । ଓଡିଶାର ପଲ୍ଲୀଭୂଖଣ୍ଡ କେବଳ ଶୋଭା ସମ୍ପଦରେ ପରିପୂର୍ଣ୍ଣ ନୁହେଁ, ଏହା ମଧ ଧନ ସମ୍ପଦରେ ପରିପୂର୍ଣ୍ଣ । ପଲ୍ଲୀ ଜୀବନ ବାସ୍ତବରେ ସବୁଜ ଓ ସୁନ୍ଦର । ତେଣୁ କବି ଭାବୁକ ଓ ଲେଖକମାନେ ଉତ୍କଳୀୟ କୃଷକଙ୍କର ଜୟଗାନ କରନ୍ତି ।

ପ୍ଲଟ ନଂ – ୩ଇ/୫୦୯, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ – ୯୯୩୭୨୨୪୦୮୫

# ମା, ମିଲେଟ ଓ ମିଶନ୍ ଶକ୍ତି

॥ ଡ଼ି ଶୁଭମ୍ ॥

ଓଡ଼ିଶା ଏବେ ବିକାଶର ଗାଥା ଗାଉଛି । ଆମ ରାଜ୍ୟ ଓଡ଼ିଶା– ଯେଉଁଠି ମାଟି ବି ବୀରତ୍ୱର କଥା କହେ, ପବନରେ ସଂଗ୍ରାମର ଇତିହାସ ବହେ । ଏ ମାଟି ଉଦ୍ୟୋଗର ମାଟି । ଏ ମାଟି ଉଦ୍ୟୋଗୀର ମାଟି । ଆଉ ଏ ମାଟି ମିଶନର ମାଟି । ଆଉ ଆଜି ଏ ମାଟିରେ ମିଶନ୍ ଶକ୍ତି ଠୁ ଆରମ୍ଭ କରି ମିଲେଟ ଯାଏଁ ସବୁ ଏକ ବୃହତ୍ତର ମିଶନରେ ପରିଗଣିତ ହୋଇଛନ୍ତି । ଆପଣ ଅଶୀ ନବେ ଦଶକ କୁ ଯଦି ଫେରିଯିବେ ଲକ୍ଷ୍ୟ କରିପାରିବେ , ସେତେବେଳେ ମା' ମାନଙ୍କର ଭୂମିକା ଉଦ୍‌ଯୋଗ କ୍ଷେତ୍ରରେ ଏତେଟା ନଥିଲା । କିନ୍ତୁ ଏବେ ଆପଣ ଓଡ଼ିଶାର ରୂପାନ୍ତରଣକୁ ଲକ୍ଷ୍ୟ କରନ୍ତୁ । ଆଜି ମା' ମାନେ ଉଦଯୋଗୀ । ଆଜି ମା' ମାନେ କେବଳ ପଲ୍ଲୀ ଠାରୁ ଦିଲ୍ଲୀ ନୁହେଁ ବରଂ ଦେଶ ବିଦେଶରେ ଯାତ୍ରା କରି ନିଜ ଉଦ୍‌ଯୋଗର କଥା ପହଁଚ଼ାଇଛନ୍ତି । ଆଉ ଆମ ମା' ମାନଙ୍କୁ ଆଜି ଶକ୍ତି ଯୋଗାଉଛି ମିଶନ୍ ଶକ୍ତି । ରାଜ୍ୟ ସରକାରଙ୍କ ଏକ ବିକଶିତ ପରିକଳ୍ପନା ହେଉଛି ମିଶନ ଶକ୍ତି । ଯେଉଁଠାରେ ମା' ମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆଜି ମିଶନଶକ୍ତି ମାଧମରେ ମା' ମାନେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିପାରୁଛନ୍ତି । ରାଜ୍ୟସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଆଜି ସଫଳତାର ମହକ ବୁଣୁଛି । ଏହାରି ଭିତରେ ମିଲେଟ ମିଶନ ଏହି ସଫଳତାରେ ଆଉ ଏକ ଖିଅ ଯୋଡ଼ିଛି ।

ବନ୍ଧୁଗଣ , ଆପଣମାନେ ମାଣ୍ଡିଆ ବିଷୟରେ ପିଲାଟି ଦିନରୁ ଶୁଣିଥିବେ , ଏଥିରେ ଦ୍ୱିମତ ନାହିଁ । କିନ୍ତୁ ମାଣ୍ଡିଆ ପ୍ରତି ଯେଉଁ ଭାବନା ୧୫-୨୦ବର୍ଷ ତଳେ ଥିଲା ଆଜି ସେଥିରେ ଆକାଶ ପାତାଳ ତଫାତ୍ । ଆଜି ମାଣ୍ଡିଆ କେବଳ ଏକ ଲଘୁଶସ୍ୟ ନୁହେଁ , ଏହା ଏକ ମିଶନ । ରାଜ୍ୟସରକାରଙ୍କ କୃଷି ବିଭାଗ ଠାରୁ ଆରମ୍ଭ କରି ଓଡ଼ିଶା ମିଲେଟ ମିଶନ ଏ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି । ୨୦୨୩କୁ ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ଘୋଷଣା କରାଯିବା ସହ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଇଥିଲା । ଏବେ ମାଣ୍ଡିଆ ପାଇଁ ଆକାଂକ୍ଷା ଆଉ ଉତ୍କଣ୍ଠା । ସବୁଠି ମିଲେଟର ଜୟଯାତ୍ରା । ମଲ୍ ମାନଙ୍କରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ତ ପୁଣି ବିଭିନ୍ନ ଉତ୍ସବ ମାନଙ୍କରେ ମାଣ୍ଡିଆର ଖାଦ୍ୟ ପାଖରେ ଲୋକ ଭିଡ଼ ଜମେଇଲେଣି । କେବଳ ମଧୁମେୟ ରୋଗୀ ନୁହେଁ ସମାଜର ସବୁ ଶ୍ରେଣୀ ଆଉ ସବୁ ବର୍ଗର ଲୋକେ ଏହାକୁ ଏବେ ନିଜ ଖାଦ୍ୟରେ ସାମିଲ କଲେଣି । ମିଶନ୍ ଶକ୍ତି ମା' ମାନେ ଏବେ ମିଲେଟ ଶକ୍ତି କାଫେ ରେ ନିଜର ପାରଦର୍ଶିତା ଦେଖାଇଲେଣି । ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟପେୟ ଏବେ ଏହି କାଫେରେ ଉପଲବ୍ଧ । ଏଥିରେ ମା' ମାନଙ୍କର ହିଁ ଭୂମିକା ଅଧିକ । ଓଡ଼ିଶାରେ ମିଲେଟ ମିଶନ ଏବେ ଏକ ବିପ୍ଳବରେ ରୂପାନ୍ତରିତ ହୋଇଛି । ଶୁଷ୍କ ମାଟିର ସୁନା ମାଣ୍ଡିଆକୁ ଚ଼ାଷ କରିବା ପାଇଁ ଚ଼ାଷୀ ଏବେ ବେଶ ଆଗଭର । ଚ଼ାଷୀ ମାନଙ୍କୁ ଏ ଦିଗରେ ତାଲିମ ମିଳିବା ସହ ମିଲେଟ ମିଶନ ଜରିଆରେ ଅନେକ ଉପଯୋଗୀ ପନ୍ଥା ଆପଣାଯାଉଛି । ଏମିତିକି ବଡ଼ ବଡ଼ ହୋଟେଲ ମାନେ ଏବେ ଖାଦ୍ୟ ମେନ୍ୟୁରେ ମାଣ୍ଡିଆକୁ ସାମିଲ କରିବାକୁ ମନ ବଳାଇଛନ୍ତି । କେବଳ ସେତିକି ନୁହେଁ ରାଜ୍ୟ ସରକାରଙ୍କ ତରଫରୁ ମାଣ୍ଡିଆର ଭୂ ପ୍ରଜାତି ଜାରି କରିବାରେ ଦେଶର ପ୍ରଥମ ରାଜ୍ୟ ଓଡ଼ିଶା । ୧୬୩ଟି ଭୂପ୍ରଜାତିର ଚ଼ିହ୍ନଟକରଣ କରାଯିବା ସହ ଏ ଦିଗରେ ବେଶ ତତ୍ପର ଭାବେ କାମ କରୁଛି ରାଜ୍ୟ ସରକାର । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କୃଷି ଓ କୃଷକର ବିକାଶ ଆଭିମୁଖ୍ୟକୁ ନେଇ ଏହି ମିଲେଟ ମିଶନ ଆଗାମୀ ଦିନର ସଫଳତାର ତୂର୍ଯ୍ୟନାଦ କରିବ ।

ଓଡ଼ିଶା ମିଲେଟ ମିଶନ ଏବେ ଏକ ବିପ୍ଳବରେ ପରିଣତ ହେଲାଣି । ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆ ଆଜି ସଫଳତାର ଗୀତ ଗାଉଛି । ମିଶନ୍ ଶକ୍ତି ,କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ପରି ବିଭନ୍ନ ବିଭାଗ ମାନେ ଏବେ ଏହି ସଫଳତାରେ ଯୋଡ଼ି ହୋଇଛନ୍ତି । ଆମ ରାଜ୍ୟର ମିଲେଟ ମିଶନ ଏବେ ୧୯ଟି ଜିଲ୍ଲାରେ ପ୍ରସାର ହେବା ସହ ବର୍ତ୍ତମାନ ସମୟରେ ବୌଦ୍ଧ, ଢ଼େଙ୍କାନାଳ , ଝାରସୁଗୁଡ଼ା ଓ ନୟାଗଡ଼ ଜିଲ୍ଲା ଏହି ପ୍ରୟାସର ସାମିଲ ହୋଇଛନ୍ତି । ୧୪୨ ବ୍ଲକର ୧୭୨୨ ଗ୍ରାମ ପଂଚ଼ାୟତର ୧୬୯୮୯ ଗ୍ରାମର ପାଖାପାଖି ୧.୨୯ଲକ୍ଷ ଚ଼ାଷୀ ମାନେ ଆଜି ମିଲେଟ ମିଶନରେ ଯୋଡ଼ି ଏହି ବିପ୍ଳବର ସାରଥି ସାଜିଛନ୍ତି । ୨୦୨୦-୨୧ ସୁଦ୍ଧା ପାଖାପାଖି ୭ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ଏହି ମିଶନ ଦ୍ୱାରା ଉତ୍ପାଦିତ ହୋଇଥିଲା । ଓଡ଼ିଶା ମିଲେଟ ମିଶନ ଜୈବିକ କୃଷିକୁ ପ୍ରାଧାନ୍ୟ ଦେଇ ଚ଼ାଷ କରିବା ସହ ଚ଼ାଷ ଜମିର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦିଏ ।

ଏକ ସୁସ୍ଥ,ସବୁଜ ଓ ସ୍ୱାବଲମ୍ବୀ ଭବିଷ୍ୟତ ଗଠନ ଦିଗରେ ଓଡ଼ିଶା ମିଲେଟ ମିଶନ ସଂକଳ୍ପବଦ୍ଧ । ଆସନ୍ତୁ ଆପଣ ବି ଏ ବିପ୍ଳବରେ ଯୋଡ଼ି ହୁଅନ୍ତୁ । ମିଶନ ଶକ୍ତି ଓ ମିଲେଟ ମିଶନ – ଏଦୁଇଟି ବୈପ୍ଳବିକ ଆହ୍ୱାନ କୁ ମା' ମାନେ ଶାଣିତ କରୁଛନ୍ତି । ଆଜି ଆମ ରାଜ୍ୟର ମା' ମାନେ ଜଣେ ଜଣେ ଉଦ୍ୟୋଗୀ । ମା ,ମିଲେଟ୍ ଓ ମିଶନ୍ ଶକ୍ତି –ଆମ ରାଜ୍ୟର ପରିଚ଼ୟକୁ ଦ୍ୱିଗୁଣିତ କରିଛନ୍ତି । ଏକ ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନରେ ଏ ତିନୋଟିର ସମନ୍ୱୟ ଓ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ ।

(ଜୈବ ନିରୀକ୍ଷକ , ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା (ଓସୋକା), ଭୁବନେଶ୍ୱର, ମୋ-୯୪୩୮୪୬୭୦୭୯)

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବୃଷଭ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜତିନ୍ଦ୍ର କୁମାର ପଣ୍ଡା , ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ବୃଷଭ ଗ୍ରାମ ପଞ୍ଚାୟତ ସମେତ ବାଇଝଲ ,ଗାଇବା ଓ ପରିଡ଼ା ପଞ୍ଚାୟତର ସମୁଦାୟ ମୋଟ-୮୧ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୨୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୪୫ ଓ ୯ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଅନ୍ୟ ସବୁ ସମସ୍ତ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସୁନେମୀ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର , ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଶ୍ରୀ ସନ୍ତୋଷ ନାୟକ ସ୍ଥାନୀୟ ସରପ□ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ।

## ନୟାଗଡ଼ ଜେଲରେ ସୁରକ୍ଷା ବ୍ୟବସ୍ଥା ଢିଲା
# କଏଦୀଙ୍କ ଦ୍ୱାରା ଚାଲିଛି ନିଶା କାରବାର



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜେଲ୍ରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଢିଲାୟ ଜେଲ୍ ମଧ୍ୟରେ ଅବାଧରେ ନିଶା କାରବାର ଚାଲିଥିବା ଅଭିଯୋଗ ହୋଇଛି। ଜେଲ୍ରେ ସଜା କାଟୁଥିବା କଏଦୀ ମାନଙ୍କ ଦ୍ୱାରା ଏହି କାରବାର ଚାଲିଥିବା ଜଣାପଡ଼ିଛି। ଯେଉଁମାନେ ଦୁଇଗୁଣା ଅଧିକ ଦରରେ ବିଚାରାଧୀନ କଏଦୀ ମାନଙ୍କୁ ତମାଖୁ ଓ ଅନ୍ୟ ମାଦକ ଦ୍ରବ୍ୟ ଦେଉଛନ୍ତି ଏହା ସହ ଜେଲ୍ ମଧ୍ୟରେ ଥିବା କଏଦୀ ମାନଙ୍କ ପାଇଁ ଟେଲିଫୋନ୍ ବ୍ୟବସ୍ଥାରେ ମଧ ବ୍ୟାପକ କେଲେଙ୍କାରୀ ହେଉଛି। ବେଆଇନ ଭାବେ ଫୋନରେ ଅଧିକ ସମୟ ଗପିବା ପାଇଁ କଏଦୀ ମାନଙ୍କଠାରୁ ମୋଟା ଅଙ୍କର ଲାଞ୍ଚ ନିଆଯାଉଥିବା ଜଣାପଡ଼ିଛି। ଜେଲ୍ରୁ ଫେରିଥିବା ଜଣେ କଏଦୀଙ୍କ ସୂଚନା ମୁତାବକ, ଜେଲ୍ ମଧ୍ୟରେ ବିଡ଼ି, ସିଗାରେଟ୍, ଗୁଟଖା, ଖଇନି ଓ ମଦ ସବୁକିଛି ଉପଲବ୍ଧ। ଜେଲ୍ କର୍ତ୍ତୃପକ୍ଷ ସବୁ ଜାଣୁଥିଲେ ମଧ କିଛି ପଦକ୍ଷେପ ନିଆଯାଉ ନାହିଁ। ବିଶେଷ କରି ଜେଲ୍ରେ ସଜା କାଟୁଥିବା କଏଦୀ ମାନେ ହିଁ ଏହି ବେପାର କରୁଛନ୍ତି। ୧୦ ଟଙ୍କାର ଜିନିଷକୁ ୨୦ ଟଙ୍କାରେ ଜେଲ୍ ମଧ୍ୟରେ ବିକ୍ରି ହେଉଛି। ଛୋଟ ଛୋଟ ବୋତଲରେ ମଦ ମଧ ସେଠାରେ ମିଳୁଛି। ଟଙ୍କା ଦେଲେ ଜେଲ୍ରେ ସବୁକିଛି ସମ୍ଭବ ବୋଲି ଏହି କଏଦୀ ଜଣକ କହିଛନ୍ତି। ଏହାସହ ଜେଲ୍ ମଧ୍ୟରେ ଦୁଇଟି ଟେଲିଫୋନ୍ ରହିଛି। ସରକାରୀ ନିୟମ ମୁତାବକ, ଜଣେ କଏଦୀ ସପ୍ତାହରେ ଦୁଇ ଥର ଅର୍ଥାତ ୪ ମିନିଟ୍ ଲେଖାଏଁ ମୋଟ୍ ୮ ମିନିଟ୍ କଥା ହୋଇପାରିବ। ଏହି ସମୟରେ ସେ ନିଜ ଓକିଲ ଓ ପରିବାର ଲୋକଙ୍କ ସହ ଯୋଗାଯୋଗ କରିପାରିବା ସେଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ମାତ୍ର କଏଦୀ ମାନେ ଟଙ୍କା ଦେଇ ମନଇଚ୍ଛା ମୋବାଇଲରେ ଗପୁଥିବା ଜଣାପଡ଼ିଛି। ସପ୍ତାହର ସାତ ଦିନଯାକ ସେମାନେ ଫୋନରେ ଗପୁଛନ୍ତି। ଏ ସମସ୍ତ ବେଆଇନ କାରବାର ସମ୍ପର୍କରେ ଜେଲ୍ କର୍ତ୍ତୃପକ୍ଷ ସବୁ ଜାଣି କିଛି ନ ଜାଣିବା ପରି ଅଭିନୟ କରୁଥିବା ସେ କହିଛନ୍ତି। ଗତ ଅଗଷ୍ଟ ମାସରେ ଏସ୍ପି ରାହୁଲ ଜୈନଙ୍କ ନେତୃତ୍ୱରେ ନୟାଗଡ଼ ଜେଲ୍ରେ ଚଢ଼ଉ କରାଯାଇଥିଲା। ସେତେବେଳେ ଜେଲ୍ରେ ୨୨୮ ଜଣ କଏଦୀ ଥିଲେ ସେମାନ ଙ୍କ ଠାରୁ ପୁଲିସ ୨୯୧ଟି ଖଇନି ପ୍ୟାକେଟ୍, ଗୁଟଖା ୮୪ଟି, ଦିଆସିଲି ୧୩୮ଟି, ବିଡ଼ି ୧୫ ପ୍ୟାକେଟ୍, ୧୪,୭୭୩ ଟଙ୍କା, ସିଗାରେଟ୍- ୨ ପ୍ୟାକେଟ୍, ୨ଟା ନେଲ୍ କଟର ଓ ଗୋଟିଏ ଚାମଚ ଜବତ କରାଯାଇଥିଲା। ଜେଲ୍ରେ ଯଦି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିଛି, ତେବେ ଏତେ ପରିମାଣର ତମାଖୁ କେମିତି ଆସୁଛି, ଏହାକୁ ନେଇ ଜୋରଦାର ଚର୍ଚ୍ଚା ହୋଇଛି। ନୟାଗଡ଼ ଜେଲରେ ୧୫ ଜଣ ୱାର୍ଡର ଓ ୩ ଜଣ ଅଧିକାରୀଙ୍କର ଆବଶ୍ୟକତା ରହିଛି। ମାତ୍ର ଏଠାରେ ୧୧ ଜଣ ୱାର୍ଡର ରହିଛନ୍ତି। ପ୍ରାୟ ୨୫୦ କଏଦୀଙ୍କୁ ଜଗିବା ପାଇଁ ବିଭିନ୍ନ ସିଫ୍ଟରେ ପ୍ରତ୍ୟେକ ଦିନ ତିନି ଜଣ ୱାର୍ଡର ରହୁଛନ୍ତି। କଏଦୀମାନେ ରହୁଥିବା ୧୬ଟି କୋଠରିକୁ ଜଗିବା ଏହି ତିନି ଜଣଙ୍କ ପାଇଁ ସମ୍ଭବ ହେଉନଥିବା ଅଭିଯୋଗ ହୋଇଛି। ଏ ନେଇ ଜେଲ୍ ଅଧୀକ୍ଷକ ପ୍ରଫୁଲ୍ଲ କବି କୁହନ୍ତି, ଜେଲ୍ରେ ସିସିଟିଭି ସଚଳ ରହିଛି। ଏହାଦ୍ୱାରା ସବୁକିଛି ତଦାରଖ କରାଯାଉଛି। ତଥାପି ମୁଲାକାତ ସମୟରେ କଏଦୀ ମାନଙ୍କ ସମ୍ପର୍କୀୟ ଏମିତି କାମ କରୁଥିବା ଅଭିଯୋଗ ହୋଇଛ। ଜେଲ୍ ବିଭାଗର ନିୟମ ଅନୁଯାୟୀ, ଟେଲିଫୋନରେ ଗପିବା ପାଇଁ ମଧ କଏଦୀମାନଙ୍କୁ ସୁଯୋଗ ଦିଆଯାଇଛି। ତଥାପି ଯଦି ଏମିତି ବେଆଇନ କାର୍ଯ୍ୟ ହେଉଥିବା ପ୍ରମାଣ ମିଳେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ହେବ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଉମରକୋଟ ସହର(ମହାଭାରତ)ସହରର ଦର୍ଗାଗୁଡାଠାରେ ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉମରକୋଟ ବ୍ଲକ ଅନ୍ତର୍ଗତ ଚିକଲପଦର ଗ୍ରାମ ପଞ୍ଚାୟତ ନାଙ୍ଗାଗୁଡା ଗ୍ରାମର କୃଷ୍ଣ ଗଣ୍ଡ (୨୮) ଏବଂ ଗୁରୁତର ଜଣକ ହେଲେ ଦର୍ଗାଗୁଡା ଗ୍ରାମର ମହାଦେବ ପୁଜାରୀ। ପୋଲିସ ସୂଚନା ଅନୁଯାୟୀ, କୃଷ୍ଣ ଏବଂ ମହାଦେବ ଶନିବାର ରାତି ପ୍ରାୟ ୧୧ଟା ୩୦ରେ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ। ଦର୍ଗାଗୁଡାଠାରେ ପଛ ପଟୁ ଏକ ଅଜଣା ଗାଡି ଧକା ଦେଇ ପଳାଇବାରୁ କୃଷ୍ଣ ଓ ମହାଦେବଙ୍କୁ ଗୁରୁତର ଅବସ୍ଥାରେ ଉମରକୋଟ ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରବିବାର ମଧ୍ୟାହ୍ନ ୧ଟାରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିବାବେଳେ ମହାଦେବଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ନବରଙ୍ଗପୁର ଓ ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। କୃଷ୍ଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଉମରକୋଟ ଥାନା ଏଏସ୍ଆଇ ରାମାନନ୍ଦ ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି।

## ହାବେଳୀ ପଡ଼ିଆରେ ଖୋର୍ଦ୍ଧା ମହୋତ୍ସବର ଆୟୋଜନକୁ ନେଇ ଘନଉଛି ଜନ ଅସନ୍ତୋଷ



ଖୋର୍ଦ୍ଧା:(ମହାଭାରତ) ଖୋର୍ଦ୍ଧା ତହସିଲ ଅଧୀନ ହାବେଳୀ ପଡ଼ିଆରେ ପ୍ରତିବର୍ଷ ପରି ଚଳିତବର୍ଷ ଆସନ୍ତା ଡ଼ିସେମ୍ବର ୧୫ତାରିଖରେ ଆୟୋଜିତ ହେବାକୁ ଥିବା ଖୋର୍ଦ୍ଧା ମହୋତ୍ସବକୁ ନେଇ ଦେଖା ଦେଇଛି ବିବାଦ । ବିଗତ କିଛି ବର୍ଷ ଧରି ଅନେକ ଲୋକଙ୍କ ଅସନ୍ତୋଷର କାରଣ ହୋଇଥିବା ଘରୋଇ ଅନୁଷ୍ଠାନ ନ୍ୟୁ ଥିଙ୍କିଙ୍ଗ ଫୋରମର କର୍ମକର୍ତ୍ତା ଅନେକ ଆପ□ ଅଭିଯୋଗ ପରେ ମଧ ସମସ୍ୟାକୁ ଗୁରୁତ୍ୱ ନଦେଇ ଏ ବର୍ଷ ପୁନର୍ବାର ସ୍ଥାନୀୟ ହାବେଳୀ ପଡ଼ିଆଠାରେ ଖୋର୍ଦ୍ଧା ମହୋତ୍ସବ ଅନୁଷ୍ଠିତ ପାଇଁ ସାମୁହିକ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଏ ସମ୍ପର୍କରେ ଗତ ଦୁଇ ତାରିଖରେ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶିବିରରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ମଧ ମହୋତ୍ସବ କମିଟି ଆୟୋଜକ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଏବଂ ଉପ-ଜିଲ୍ଲାପାଳଙ୍କ କଡ଼ା ତାଗିଦ ପରେ ସମସ୍ତ ସରକାରୀ ନିୟମକୁ ଉଲ୍ଲଂଘନ କରି ୨୬୮୯ ପ୍ଲଟ ନମ୍ବରରେ ମହୋତ୍ସବ କରିବାକୁ ଖୋର୍ଦ୍ଧା ପୌର ପରିଷଦ ଠାରୁ ଅନୁମତି ଆଣିଥିବା ବେଳେ ପଡ଼ିଆକୁ ଲାଗି ୨୬୮୬ ପ୍ଲଟରେ ଥିବା ପୋଖରୀକୁ ରାତି ଅଧିଆ ଟ୍ରକ୍ ଟ୍ରକ୍ ନାଲି ମୋରମ ପକାଇ ପଡ଼ିଆ ପୋତି କାର୍ଯକ୍ରମ କରିବାକୁ ମସୁଧା ଚଳାଇଥିବା ନେଇ ଆଜି ସ୍ଥାନୀୟ ବାସିନ୍ଦାଙ୍କ ଅନୁରୋଧ କ୍ରମେ କଂଗ୍ରେସ ନେତ୍ରୀ ସୋନାଲି ସାହୁ ମଧ ଖୋର୍ଦ୍ଧା ତହସିଲଦାରଙ୍କ ନିକଟରେ ପହଁଚି ସମାନ ଅଭିଯୋଗ ଆଣିଛନ୍ତି। ମହୋତ୍ସବ ନାମରେ ପାଖରେ ଥିବା ଜଳାଶୟ ପୋତିବା ନେଇ ଖୋର୍ଦ୍ଧା ତହସିଲଦାର ଭେଟି ଅଭିଯୋଗ କରିଛନ୍ତି ।ତେବେ ତହସିଲଦାରଙ୍କୁ ଅଭିଯୋଗ ପରେ ମହୋତ୍ସବ ପଡିଆ ଯାଇ ସ୍ଥିତି ପରଖିବା ବେଳେ ସୋନାଲି ସାହୁ ଏବଂ କମିଟି ସମ୍ପାଦକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ବେଳେ କାର୍ଯ୍ୟରତ ସାମ୍ବାଦିକ ଏବଂ ସ୍ଥାନୀୟ ମହିଳାଙ୍କୁ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କ ଦୁର୍ବ୍ୟବହାରକୁ ନେଇ ଘଟଣା ସ୍ଥଳରେ ଉ□ଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାକୁ ନେଇ ସୋନାଲି ସାହୁ ସ୍ଥାନୀୟ ବାସିନ୍ଦାଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କୁ ଭେଟି ବିବାଦୀୟ ଘଟଣା ସମ୍ପର୍କରେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହିତ କୁ ଘଟଣା ସ୍ଥଳରେ ଭାରତୀୟ ନ୍ୟାୟ ସଂହିତାର ନୂତନ ଧାରା ଅନୁଯାୟୀ ବି.ଏନ.ଏସ୍ ୧୬୩ ଧାରା ଲାଗୁ କରିବାକୁ ଦାବି କରିଛନ୍ତ। ଅନ୍ୟପଟେ ଉ□ଜନା ସ୍ଥାନୀୟ ମହିଳାଙ୍କୁ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କ ଦୁର୍ବ୍ୟବହାରକୁ ଉକ୍ତ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମହିଳାଙ୍କ ଅଭିଯୋଗକୁ ଆଧାର କରି ଖୋର୍ଦ୍ଧା ଆଦର୍ଶ ଥାନାରେ କମିଟି କର୍ମକର୍ତ୍ତାଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣା ପଡିଛି। ତେବେ ପୋଖରୀ ପୋତାଯିବା ଘଟଣାକୁ ନେଇ ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ ଲିଖିତ ଅଭିଯୋଗକୁ ତଦନ୍ତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ମହୋତ୍ସବ ଆୟୋଜକଙ୍କ ନାମରେ ଆସିଥିବା ଅଭିଯୋଗ ସମ୍ପର୍କରେ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ନା ପୂର୍ବପରି ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶରେ ଚୁପ୍ ହୋଇ ବସୁଛନ୍ତି, ଏବେ ତାହାକୁ ଅପେକ୍ଷା ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଟିଟିଲାଗଡ (ମହାଭାରତ )ସଇଁତଲା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ସଇଁନ୍ତଲା ବିଡ଼ିଓ ବିନୟ କୁମାର ଭୋଇ ଜନସାଧାରଣଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ । ସର୍ବମୋଟ ୧୫୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ସରପ□ ନରେନ୍ଦ୍ର କଲେତ, ସାଂସଦ ପ୍ରତିନିଧି ଅକ୍ଷୟ ରଣା, ବିଏସଏସଓ ଭାନୁପ୍ରତାପ ଭୋଇ, ଏନଆରଇଜିଏସ ଆସିଷ୍ଟା□ ପୂର୍ଣ୍ଣ ସା, ପିଏଚଡ଼ି ଜେଇ ଇତିଶ୍ରୀ ଦେହୁରୀ, ପ୍ରାଣୀ ଚିକିତ୍ସକ ଡ. ଭୋଗୀନ୍ଦ୍ରନାଥ ମେହେର, ଗ୍ରାମ୍ୟ ଗୃହନିର୍ମାଣ ବିପିସି କିଶୋର ସାହୁ, ଜୀବିକା ମିଶନର ବିଏଲସି ଦୁଲଣା ବାଗ, ସ୍ୱଚ୍ଛ ଭାରତ ବିଆରସି ଆଶୁତୋଷ ପୁଟେଲ, କୃଷି ଓଭରସିଅର ଶରତ ଦାଶ, ଜିପିଇଓ ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ । ଏଡ଼ିଇଓ କ୍ଷୀରୋଦ୍ର ସାହୁ, ଯୋଗାଣ ସହାୟିକା ସ୍ୱାଗତିକା ଦେଓ, ସୁନୀଲ ରାଜପଲିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଶବର ସଂଘର କାର୍ଯ୍ୟକାରିଣୀ ବୈଠକ

ପାଟଣାଗଡ଼( ମହାଭାରତ ) ବ୍ରହ୍ମପୁରା ଆଦିବାସୀ ଭବନ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱାବସୁ ଅଣିଘର ଶବର ସମାଜର କାର୍ଯ୍ୟକାରିଣୀ ପାଟଣାଗଡ଼ ଉପଖଣ୍ଡ ସଭାପତି ଶ୍ରୀ ଚନ୍ଦ୍ର ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ସର୍ବ ପ୍ରଥମେ ଜାତିର ଇଷ୍ଟ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ଶବରୀନାରାୟଣ ଙ୍କ ପୂଜାର୍ଚ୍ଚନା ସହିତ ପ୍ରାର୍ଥନା କରାଯାଇଥିଲା ପୂର୍ବ ବର୍ଷର ଆୟ ବ୍ୟୟ, ବିଗତ ଦିନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରାଗଲା ସମାଜକୁ ଦେଶର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ହେଲେ ପ୍ରତ୍ୟେକ ପରିବାରର ପୁଅ ଝିଅଙ୍କୁ ବାଧତାମୂଳକ ପାଠ ପଢେଇବା, ଯିଏ ପାଠ ନ ପାଏ, ନିଏ ନିଶା ସେବନ କରେ ତାକୁ ଜାତିର ନୀତି ନିୟମ ଅନୁସାରେ କୌଣସି ପ୍ରକାର ସାହାଯ୍ୟ ସହଯୋଗ କରାଯିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା । ଜାତିର ପୂର୍ବଜ ମାନେ ଯେଉଁଭଳି ଦେଶ ସ୍ୱାଧୀନ ହେବାରେ ନିଜକୁ ନିଜ ପରିବାରକୁ ଜଳାଞ୍ଜଳି ଦେଇଥିଲେ। ସେହି ମହାପୁରୁଷ ମାନଙ୍କ ପଥକୁ ଅନୁସରଣ ଅନୁକରଣ କରି ଆଗେଇ ଆସିବାକୁ ବକ୍ତା ମାନେ କହିଥିଲେ । ପୂର୍ବ ଜିଲ୍ଲା କମିଟିର କାର୍ଯ୍ୟକାରିତା ବିଷୟରେ ସମୀକ୍ଷା ସହ ସମାଜର ସାମୁହିକ ବିକାଶ ବିଷୟରେ ଆଲୋକପାତ କରି ଜିଲ୍ଲା ସଭାପତିଙ୍କ ବିନା ଅନୁମତିରେ କିଛି ବ୍ୟକ୍ତି ମନମୁତାବକ କେନ୍ଦ୍ରମାନଙ୍କୁ ଭାଗ ଭାଗ କରି ବ୍ୟକ୍ତିଗତ ଫାଇଦା ନେଉଥିବାରୁ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା ସମାଜକୁ ସାମୁହିକ ବିକାଶ କରିବାକୁ ହେଲେ ସମସ୍ତେ ଗୋଟିଏ ମାଆ ସନ୍ତାନ ପରି କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ ଡ଼ ବି. ଆର. ଆମ୍ବେଦକରଙ୍କୁ ମନେପକେଇ ଚଳିତ ବର୍ଷ ସମ୍ବିଧାନ ଦିବସ ପ□ସ୍ତରୀ ବର୍ଷ ପୁରିଥିବାରୁ ଏହି ଦିବସକୁ ସମସ୍ତେ ମାସ ସାରା ପାଳନ କରିବାକୁ କହିଥିଲେ ଓ ସମ୍ବିଧାନ ଅଛି ବୋଲି ଆଦିବାସୀ ମାନେ ଅଛନ୍ତି ତେଣୁ ସମ୍ବିଧାନକୁ ସୁରକ୍ଷା ଦେବା ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ଆହ୍ୱାନ ଦେଇଥିଲେ । ଚଳିତ ମାସ ଡିସେମ୍ବର ଷୋହଳ ତାରିଖରେ ଶବର ସମାଜର କଲ୍ୟାଣ ଭବନ ଭୂମି ପୂଜନ ସହ ପୁଣି ଥରେ ଜିଲ୍ଲା ସ୍ତରୀୟ ବୈଠକ ଲୋଇସିଂହା ଠାରେ କରାଯିବାକୁ ନିଷ୍ପତ୍ତି ନିଆଗଲା। ବଲାଙ୍ଗୀର ଜିଲ୍ଲାପାଳ କୁଳି ମାନଙ୍କୁ ଆଦିବାସୀ ଜାତିଗତ ପ୍ରମାଣ ପତ୍ର ଦେଇଥିବାରୁ ଆସନ୍ତା ତା. ୧୬/୧୨/୨୪ ରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଓ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ଅନୁରୋଧ କରିଥିଲେ। ।

## ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ବଡଚଣା (ମହାଭାରତ): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍‌ଷୋ ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ଆଜି ମୋଟ ୧୫୧ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ ଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୯୯ ଗୋଟି, ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଶିବାଶିଷ ମହାରଣା, ଉପ ଜିଲ୍ଲାପାଳ ଶ୍ରୀ ଅଂଶୁମାନ ଶତପଥି , ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ବଡ଼ଚଣା, ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର,ବଡ଼ଚଣା, ମାନସ ରଞ୍ଜନ ତ୍ରିପାଠୀ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ସାମ୍ବାଦିକଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଉଦଳା (ମହାଭାରତ ) - ଦେବରଞ୍ଜନ ଥିଲେ ଜଣେ ଦକ୍ଷ ସାମ୍ବାଦିକୟ ଆନ୍ତର୍ଜାତୀୟ ସ୍ତରର ସାମ୍ବାଦିକତାରେ ସେ ଥିଲେ ବେଶ ସିଦ୍ଧହସ୍ତ। ଆଜି ଉଦଳା ଠାରେ ଅକାଳ ବିୟୋଗ ହୋଇଥିବା ଦେବରଞ୍ଜନ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ ଏଭଳି ମତ ରଖିଥିଲେ। ଖୁଣ୍ଟା ବ୍ଲକ ଅଞ୍ଚଳରେ ଏକ ଦୈନିକ ଖବରକାଗଜରେ ସାମ୍ବାଦିକତା କରୁଥିବା ଦେବରଞ୍ଜନ ବେହେରାଙ୍କର ଅକାଳ ବିୟୋଗ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ବିୟୋଗ ହୋଇଛି। ଯାହାକି ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଆଜି ଉଦଳା ଉପଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଆୟୋଜିତ ହୋଇଯାଇଛି। ଏଥିରେ ସହକାରୀ ଜିଲ୍ଲାପାଳ ପ୍ରତୀକ ପଣ୍ଡା, ସୁବ୍ରତ ଘୋଷ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ସମେତ ବରିଷ୍ଠ ସାମ୍ବାଦିକ ଦିନବନ୍ଧୁ ବାରିକ, ଖୁଣ୍ଟା ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତପନ କୁମାର ମହାନ୍ତି, କପ୍ତିପଦାର ସୁଶାନ୍ତ କୁମାର ମହାନ୍ତି ଏବଂ ସନ୍ତୋଷ କୁମାର ବାଛିନି ପ୍ରମୁଖ ମଂଚାସୀନ ହୋଇଥିଲେୟ ସନ୍ତୋଷ କୁମାର ବାଛିନି ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ଦେବଗଡ଼ ଗସ୍ତରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନ

ଦେବଗଡ଼ (ମହାଭାରତ) ଦେବଗଡ଼ ଜିଲ୍ଲାର ନିର୍ବାଚନ କାର୍ଯ୍ୟର ତଦାରଖ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ, ସୋମବାର ଦେବଗଡ଼ ଗ୍ରସ୍ତ ରେ ଆସି ଭୋଟର ତାଲିକା ସଂଶୋଧନ ଉପରେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଯୋଗଦେଇଥିଲେ। ଜିଲ୍ଲାରେ ଭୋଟର ଲିଷ୍ଟ ସଂଶୋଧନ ଦାୟିତ୍ୱ ରେ ଥିବା ବ୍ଲକ ର ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ରାଜନୈତିକ ଦଳ ସହ ଆଲୋଚନା କରିଥିଲେ। ତ୍ରୁଟି ଶୂନ୍ୟ ଭୋଟର ତାଲିକା ସଂଶୋଧନ ନୂଆ ଭୋଟର ପଞ୍ଜିକରଣ ଓ ୧୭ ବର୍ଷ ରୁ ଉପର ଯୁବକ ଯୁବତୀ ମାନଙ୍କୁ ଭୋଟର ତାଲିକାରେ ସଂଯୋଗିକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ,ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଆମ୍ ଆଦମୀ ପାର୍ଟୀ ର ସଦସ୍ୟ ଜ୍ଞାନ ସାମଲ, ଜିଲ୍ଲା ସ୍ତରୀୟ ଅଧିକାରୀ, ଓ ବରିଷ୍ଠ ରାଜସ୍ୱ ସହାୟକ ସମିତ୍ରୀ ପ୍ରସାଦ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ପିକ୍ଅପକୁ ଜବତ କଲା ହିନ୍ଦୋଳ ପୋଲିସ୍

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଥାନା ପୋଲିସ ବଡ଼ ଧରଣର ଚଢ଼ାଉ କରି ତିନି ଗୋରୁ ମାଫିଆଙ୍କୁ ଧରିବା ସହ ୧୮ଗୋରୁ, ପିକଅପ ଭ୍ୟାନ ଓ ଥର ଗାଡି ଜବତ କରିଛନ୍ତି । ଖବରରୁ ପ୍ରକାଶ ବିଶେଷ ସୂତ୍ରରୁ ଖବର ପାଇ ଗୋରୁ ମାଫିଆ ମାନେ ହିନ୍ଦୋଳ ଥାନା ମହାଲୁଣ୍ଡା ଅଞ୍ଚଳରୁ ଗୋରୁ ଚାଲାଣ କରୁଥିବାବେଳେ ଆଜି ଭୋର ୫ଟା ସମୟରେ ହିନ୍ଦୋଳ ଥାନା ଅଧିକାରିଣୀ ଚାରୁଲତା ବେହେରାଙ୍କ ନିର୍ଦ୍ଦେଶ ଓ ନେତୃତ୍ୱରେ ପୋଲିସ କର୍ମଚାରୀ ଙ୍କ ସହ ମିଶି ଏକ ବଡ଼ ଧରଣର ଚଢ଼ାଉକରି ମହାଲୁଣ୍ଡା ରୁ ସତମାଇଲ ଅଞ୍ଚଳ ମଧ୍ୟରେ ଗୋରୁ ବୋଝେଇ ପିକଅପ ଭ୍ୟାନ ନଂ ଓଡ଼ି୦୫ଇଉ୬୪୧୫ ଏବଂ ତାକୁ ପାଇଲଟିଙ୍ଗ କରୁଥିବା ଥର ଗାଡିନଂ ଓଡ଼ି୦୫ବିଇ୫୯୯୯ କୁ ଧରିଥିଲେ। ପିକଅପ ରେ ଥିବା ଚାଳକ ଏବଂ ଖଲସୀ ଫେରାର



ହୋଇଯାଇଥିବାବେଳେ ଥର ଗାଡ଼ିରେ ଥିବା ତିନି ଦୁର୍ଦ୍ଧାନ୍ତ ଆନ୍ତଃରାଜ୍ୟ ଗୋରୁ ମାଫିଆ କଟକ ଟିଗିରିଆ ଥାନା ପଂକାଳର ରାହୁଲ ଓରଫ ମସୁରୁଲ ଅଲ୍ଲୀ ଖାଁନ, ଲକି ଓରଫ ଅରିୟାନ ଖାଁନ ଓ କରଡ଼ାପଲ୍ଲୀ ଅଞ୍ଚଳର ପିପୁନ ଓରଫ ବେସୟରତ ଖାଁନ କୁ ଗିରଫ କରିବା ସହ ପିକଅପ ଭ୍ୟାନ । ଥର ଗାଡିକୁ ଜବତ କରିଛନ୍ତି ଏବଂ ଆସାମୀ ମାନଙ୍କୁ ଜେରା ପରେ କୋର୍ଟ ଚାଲାଣ କରାଯିବ ଏବଂ ଏଥିରେ ସମ୍ପୃକ୍ତ ସମସ୍ତ ଅପରାଧୀ ମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ତେବେ ଦୟନୀୟ ନିର୍ଦ୍ଦୟ ଭାବରେ ଚାଲାଣ ହେଉଥିବା ୧୮ଟି ଗୋରୁମାନଙ୍କ ଭିତରୁ ଦୁଇଟି ଗାଈ ମରିଯାଇଥିବାବେଳେ ଆଉ କେତୋଟି ମୃତ୍ୟୁ ଅପେକ୍ଷାରେ ଥିବା ଦେଖାଯାଇଥିଲା। ତେବେ କିଛିଦିନ ପୂର୍ବରୁ ହିନ୍ଦୋଳ ଏନ ଏ ସି ଅଂଚଳରେ ବନ୍ଧୁକରୁ ଗୁଳି ଚାଳନା କରି ଅଞ୍ଚଳବାସୀଙ୍କୁ ଭୟଭୀତ କରିଥିବା ଏବଂ ଧରାପଡି ନଥିବା ଦୁର୍ଦ୍ଧାନ୍ତ ଆନ୍ତଃରାଜ୍ୟ ଗୋରୁ ମାଫିଆଙ୍କ ସହ ଆଜି ଥର ଗାଡ଼ିସହ ଧରା ପଡ଼ିଥିବା ତିନି ଅପରାଧୀଙ୍କ ସଂଯୋଗ ରହିଥିବା ଏବଂ ଏମାନଙ୍କ ନେଟୱାର୍କ ଚାରିଆଡେ ବ୍ୟାପିଥିବା ଅଞ୍ଚଳବାସି ଅନୁମାନ କରିବାସହ ଆତଙ୍କିତ ଓ ଭୟଭୀତ ଅବସ୍ଥାରେ ଥିବା ଜଣା ପଡିଛି। ତେବେ ହିନ୍ଦୋଳରେ ଗୋରୁ ମାଫିଆ, ମଦ ମାଫିଆ, ଡକାୟତ, ଧଳାଜହର ବେପାର କରୁଥିବା ଦୁର୍ଦ୍ଧାନ୍ତ ଅପରାଧୀ, ଦିନ ଦ୍ୱିପହରରେ ଗୁଳିକରୀ ହତ୍ୟା କରିବା ରାହାଜାନି କରିବା ଇତ୍ୟାଦି ଦୌରାତ୍ମ୍ୟ ପାଇଁ ହିନ୍ଦୋଳ ଅଞ୍ଚଳ ବାସି ଆତଙ୍କିତ ଭୟଭୀତ ଅବସ୍ଥାରେ ଥିବାବେଳେ ହିନ୍ଦୋଳ ପୋଲିସର ଗୋଟିଏ ପରେ ଗୋଟିଏ ଅପରାଧୀ ଦମନ ସଫଳତା ପାଇଁ ଜନସାଧାରଣ ଟିକେ ଆଶ୍ୱସ୍ତି ଆଣିଛି। ଶାନ୍ତିପ୍ରିୟ ହିନ୍ଦୋଳ ଅ□ଳରେ ଯଥାଶୀଘ୍ର ଅପରାଧ ମୁକ୍ତ ଶାନ୍ତି ଫେରାଇ ଆଣିବାକୁ ଏବଂ ଦୁର୍ଦ୍ଧାନ୍ତ ଅପରାଧୀ ମାନଙ୍କୁ ଜବତ କରିବାକୁ ଅ□ଳ ବାସି ନୂତନ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ପୀଠ ପରିଷଦ ପକ୍ଷରୁ ଦରିଦ୍ର ନାରାୟଣ ସେବା



ପାରାଦୀପ(ମହାଭାରତ): ଗୋବର୍ଦ୍ଧନ ମଠ,ପୁରୀ ପୀଠାଧିଶ୍ୱର ଶ୍ରୀମଦ୍ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗ ଦର୍ଶନରେ ପରିଚାଳିତ ପୀଠ ପରିଷଦ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପାରାଦ୍ୱୀପ ଶାଖା ତରଫରୁ ମାର୍ଗଶିର ମାସ ସପ୍ତମୀ ତିଥି ରବିବାର ଦିନ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ବଡ଼ପଡ଼ିଆ ସ୍ଥିତ ଶ୍ରୀଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଦରିଦ୍ର ନାରାୟଣଙ୍କୁ କମ୍ବଳ, ନୂତନ ଥାଳି ପ୍ରଦାନ କରିବା ସହିତ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।ଏହି ମହ କାର୍ଯ୍ୟରେ ପାରାଦୀପ ଶାଖା ସଭାପତି ସୂର୍ଯ୍ୟକାନ୍ତ ଶତପଥୀ, ସୁବ୍ରତ କୁମାର ମଲ୍ଲିକ, କୁମାରୀ ଫୁଲୁଶ୍ରୀ ମନ୍ତ୍ରୀ, ସଞ୍ଜିତ କୁମାର ବିଶ୍ୱାଳ, ସୌମ୍ୟ ରଞ୍ଜନ ମଲ୍ଲିକ, ବିଜୟ କୁମାର ନାୟକ, ଯଦୁମଣି ସାହୁ ଆଦି ବହୁ ସମାଜସେବୀ ସହଯୋଗ କରିଥିଲେ ।ପାରାଦୀପ ଶାଖା ସଚିବ ଶ୍ରୀକୁମାର ରାଜଗୁରୁ ମହାପାତ୍ର ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅଂଶ ଗ୍ରହଣ କରିଥିବା ସମସ୍ତଙ୍କୁ ସାଧୁବାଦ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## କ.ବଲାଙ୍ଗ ପୋଲିସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



କୋଇଡା(ମହାଭାରତ) : ସୁନ୍ଦରଗଡ଼ ଜିଲ୍ଲା ବଣେଇ ଉପଖଣ୍ଡ କୋଇଡା ବ୍ଲକ ଆଦିବାସୀ ଅଦ୍ୟୁଷିତ ଦୁର୍ଗମ ଅଞ୍ଚଳ କ.ବଲାଙ୍ଗ ଥାନା ପରିସର ମଧ୍ୟରେ କ.ବଲାଙ୍ଗ ପୁଲିସ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ । ରାଉରକେଲା ଆରକ୍ଷୀ ଅଧିକ୍ଷକ ଦିନେଶ ୱାଧୱାନୀଙ୍କ ବରିଷ୍ଠ ନିର୍ଦ୍ଦେଶନା କ୍ରମେ କ.ବଲାଙ୍ଗ ଥାନା ଅଧିକାରୀ ଅଶୋକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୋଟ ୧୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସର୍ବ ପ୍ରଥମେ ଥାନା ଅଧିକାରୀ ନିଜେ ରକ୍ତଦାନ କରିଥିଲେ ତତ ସହ ସମସ୍ତଙ୍କୁ ରକ୍ତଦାନ କରିବା ପାଇଁ ବାର୍ତ୍ତା ପ୍ରେରଣ କରିଥିଲେ । ଏଥିସହ ବହୁ ଜନସାଧାରଣ, ମହିଳା, ଚାଳକ ମହାସଂଘ , ମେଡିକାଲ କର୍ମୀ,ସମାଜସେବୀ ସଦସ୍ୟ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଦୁର୍ଗମ ଅଞ୍ଚଳରେ ସଠିକ ସମୟରେ ଚିକିତ୍ସାର ସୁବିଧା ନ ଥିବାରୁ ଆଭ୍ୟନ୍ତରୀଣ ଗ୍ରାମ ବୃଦ୍ଧ ବୃଦ୍ଧା ସମେତ ଜନସାଧାରଣଙ୍କ ପାଇଁ ସର୍ବ ଭାରତୀୟ ଜୁନିୟର ଡକ୍ଟର ଆସୋସିଏସନ ସହଯୋଗ ଓ ରାଉରକେଲା ହାଇଟେକ୍ ମେଡିକାଲ କଲେଜରୁ ହାଡ , ପ୍ରସୂତି, ଶିଶୁ , ମେଡିସିନ୍, ଚକ୍ଷୁ ବିଭାଗର ଅଭିଜ୍ଞ ଡାକ୍ତରୀ ଟିମ ଏହି ଶିବିରକୁ ଆସି ମୋଟ ୬୨୦ ଜଣଙ୍କୁ ଚିକିତ୍ସା ପରାମର୍ଶ ସହ ସମସ୍ତ ପ୍ରକାରର ପରୀକ୍ଷା କରି ମାଗଣାରେ ଔଷଧ ଚଷମା ପ୍ରଦାନ କରିଥିଲେ । ଉପସ୍ଥିତ ସ୍ଥାନୀୟ ଜନପ୍ରତିନିଧି ସରପଞ୍ଚ ସମୁହଙ୍କ ସମେତ ଥାନା ଅଧିକାରୀ ଅଶୋକ କୁମାର ବେହେରା ,ସୁନ୍ଦରଗଡ ରକ୍ତ ବ୍ୟାଙ୍କ ମୁଖ୍ୟ ଡଂ ଶରତ ଚନ୍ଦ୍ର ନାୟକ , ରୁଦ୍ର ପ୍ରଭା ନାୟକ , ଆଶାରାଣି ନାକ , ଯୁଧିଷ୍ଠିର ଭୋଇ ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । କ.ବଲାଙ୍ଗ ଥାନାର ସମସ୍ତ ଅଧିକାରୀ, କର୍ମୀ ସମେତ ଆଇଆରବି ବଳ ଶିବିର ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ । ଦୁର୍ଗମ ଅଞ୍ଚଳରେ ପୋଲିସ ପକ୍ଷରୁ ଜନମଙ୍ଗଳ କାର୍ଯ୍ୟ ସହ ଭବ୍ୟ ଆୟୋଜନ ପାଇଁ ସମସ୍ତେ ପ୍ରସଂଶା କରିଥିଲେ।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶୁଭ ୧୩୭ ତମ ଜନ୍ମ ମହା ମହୋତ୍ସବ ପାଳିତ

ଅନୁଗୋଳ,(ମହାଭାରତ):ଯୁଗ ପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଶୁଭ ୧୩୭ ତମ ଜନ୍ମ ମହା ମହୋତ୍ସବ ଓ ନାଲକୋ ନଗର ପ୍ରାର୍ଥନା ଗୃହର ୧୭ ତମ ବାର୍ଷିକ ଉଦବୋଧନୀ ସ୍ମୃତି ମହା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକି ଓ ନହବତ , ପ୍ରତ୍ୟୁଷରୁ ଉଷା କୀର୍ତ୍ତନ ହୋଇଥିବା ବେଳେ ପୂର୍ବାହ୍ଣ ୧୦.୦୦ ଘଣ୍ଟିକା ସମୟରେ ଭକ୍ତି ସଂଗୀତା ଞ୍ଜଳି ଓ ୧୧.୦୦ ଘ଼ିକା ସମୟରେ ମା ମାନଙ୍କର ମାତୃ ସମ୍ମିଳନୀ ଉଦଯାପିତ ହୋଇଥିଲା। ଅପରାହ୍ନ ୩.୦୦ ଘଣ୍ଟିକା ସମୟରେବିଶାଳ ଶୋଭାଯାତ୍ରାରେ ଶ୍ରୀ ଶ୍ରୀ ଠାକୁରଙ୍କୁ ନେଇ ନଗର ପରିକ୍ରମା ହୋଇଥିଲା। ନଗର ପରିକ୍ରମା ରେ ଯୋଡାରୁ ଆସିଥିବା ଦୟାଲ ଭଜନ ଗ୍ରୁପ, ତେଲକୋଇ ରୁ ନଗର କୀର୍ତ୍ତନ ମଣ୍ଡଳୀ, ଅନୁଗୋଳ, ବଇଣ୍ଡା, ବନ୍ତଳା, ଡେରଜାଙ୍ଗ, କଞ୍ଚୁରା, ପରଜଙ୍ଗ ଓ ସ୍ଥାନୀୟ ଗୁରୁଭାଇ ଓ ମା ମାନଙ୍କର ସମ୍ମିଳିତ ଉଦ୍ୟମରେ ସତସଙ୍ଗ ପରିଚାଳନା ଖୁବ୍ ଆଡମ୍ବରର ସହକାରେ ହୋଇଥିଲା। ଦିବସ ବ୍ୟାପୀ ଦୀକ୍ଷାପତ୍ର ସଂଶୋଧିତ କାର୍ଯ୍ୟକ୍ରମ ଓ ସତଦୀକ୍ଷା କରାଯାଇଛି। ସଂଧ୍ୟା ୭.୦୦ ଘଣ୍ଟିକା ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କର ଦିବ୍ୟ ସତସଙ୍ଗ ଓ ସଦ୍ ଆଲୋଚନା ର୍ନିମଳିଖିତ କର୍ଯ୍ୟସୁଚୀ ଅନୁଯାଇ ପରିପାଳନ କରାଯାଇଛି। ଉକ୍ତ ସତସଙ୍ଗ ରେ ସ୍ଥାନୀୟ ରିତ୍ୱିକ ଡଃ ଦାମୋଦର ବଳ ସତସଙ୍ଗ ପରିଚାଳନା କରିଥିଲେ।ସୁଦୂର ସମ୍ବଲପୁରରୁ ଆସିଥିବା ମୁଖ୍ୟବକ୍ତା ଶ୍ରୀ ଶ୍ୟାମ ସୁନ୍ଦର ନାୟକ ଶ୍ରୀ ଶ୍ରୀ ଠାକୁରଙ୍କ ର ଅମିୟ ଭବାଦର୍ଷ ଉପରେ ଆଲୋକପାତ କରିଥିଲେ। ଉକ୍ତ ସତସଙ୍ଗ ରେ ପ୍ରାଥନା ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର କରିଥିବା ବେଳେ ସତ୍ୟାନୁଶରଣ ଗ୍ରନ୍ଥ ପାଠ କରିଥିଲେ ଶ୍ରୀ ଗୋଲଖ ବିହାରୀ ସାହୁ,ଭଜନ, କୋରସ ଓ କୀର୍ତ୍ତନ ପ୍ରଶାନ୍ତ ମିଶ୍ର, ସୁଶ୍ରୀ ସଞ୍ଚିତା ପରିଡ଼ା, ହରିବଂଶ ସେଠ, ଉତ୍ତମ କୁମାର ଦାସ ପରିବସଣ କରିଥିଲେ। ସମପନି ସଙ୍ଗୀତ ଓ ଧ୍ୱନି ଅଶୋକ କୁମାର ଗଡନାଏକ ପ୍ରଦାନ କରିଥିଲେ। ପରି ଶେଷରେ ଦୂର ଦୁରାନ୍ତରୁ ଆସିଥିବାଭକ୍ତ ମାନେ ସମୂହ ପ୍ରସାଦ ସେବନ କରିଥିଲେ।

## ନିଖୋଜ ବୃଦ୍ଧା ଙ୍କ ଶବ କୂଅରେ ଭିତରୁ ମିଳିଲା

କରଞ୍ଜିଆ (ମହାଭାରତ) ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଜଣେ ବୃଦ୍ଧା ନିଖୋଜ ହେବାର ୨ ଦିନ ପରେ ଗ୍ରାମର ଏକ କୂଅ ଭିତରୁ ଏକ ମୃତ ଦେହ ଉଦ୍ଧାର ହୋଇଛି ।ମିଳିଥିବା ସୂଚନା ଅନୁଯାୟୀ ଗତ ଶନିବାର ଦିନ ପଡିଆବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମ ସାନ୍ତାଳ ସାହି ର ସୀତା ସୋରେନ (୮୭) ଙ୍କ ପରିବାର ଲୋକେ ଗ୍ରାମରେ ଥିବା ତାଙ୍କର ଧାନ ବିଲ କୁ ଧାନ କାଟିବାକୁ ଯାଇଥିଲେ। ଘରେ କେହି ନଥିବା ବେଳେ ବୃଦ୍ଧା ଜଣକ ଘର ଠାରୁ କିଛି ଦୂର ରେ ଥିବା କୂଅ କୁ ପାଣି ଆଣିବାକୁ ଯାଇ କୂଅ ରେ ଗଳି ପଡି ପାଣିରେ ବୁଡି ଯାଇଥିଲେ ।ପରିବାର ଲୋକେ ସାନ୍ଧ୍ୟ ବେଳେ ଘରକୁ ଫେରି ବୃଦ୍ଧା ଙ୍କୁ ଘରେ ଦେଖିବାକୁ ନ ପାଇ ସାହି ପଡୋଶୀ ଓ ଆଖ ପାଖ ଗ୍ରାମ ଗୁଡିକୁ ଯାଇ ୨ ଦିନ ଖୋଜା ଖୋଜି କରି ମଧ ତାଙ୍କୁ କେଉଁଠାରେ ପାଇ ପାରି ନଥିଲେ। କିନ୍ତୁ ସୋମବାର ସକାଳେ ଗ୍ରାମବାସୀ ମାନେ କୂଅରେ ବୃଦ୍ଧା ଙ୍କ ମୃତ ଦେହ ଦେଖିବାକୁ ପାଇଥିଲେ ।ଉଦ୍ଧାର କରିବାକୁ ପରିବାର ଲୋକେ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କୁ ସୂଚନା ଦେବା ପରେ ଘଟଣାସ୍ଥଳ ରେ ଅଗ୍ନିଶମ ବିଭାଗ ପହଞ୍ଚି କୂଅ ଭିତରୁ ବୃଦ୍ଧା ଙ୍କ ମୃତ ଦେହ ଉଦ୍ଧାର କରିଥିଲେ।ଏନେଇ ଠାକୁରମୁଣ୍ଡା ଥାନା ପୋଲିସ ୨୩/ ୨୦୨୪ ଅପମୃତ୍ୟୁ ମାମଲା ରୁଜୁ କରି ଶବ କୁ ବ୍ୟବଛେଦ ପାଇଁ ପଠାଇଛି।

## ଆଳୁ ବିହନ ସମୁଦ୍ରକୁ ଶଙ୍ଖେ

# ଚାହିଁ ରହିଛନ୍ତି ଚାଷୀ, ଆହୁରି ୧୮ ଶହ କ୍ୱିଣ୍ଟାଲ୍ ଆବଶ୍ୟକ



ନୟାଗଡ଼, ( ମହାଭାରତ ) : ସାଧାରଣତଃ ନଭେମ୍ବର ପ୍ରଥମ ସପ୍ତାହରୁ ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଆଳୁ ଚାଷ କରାଯାଏ। ଏହା ପରେ ବିହନ ବୁଣିଲେ ଅମଳ ଭଲ ହୁଏ ନାହିଁ। ଫଳରେ ଚାଷୀ ମାନେ ଏହି ନିର୍ଦ୍ଧାରିତ ସମୟରେ ହିଁ ଆଳୁ ବିହନ ଲଗାଇବା ପାଇଁ ଗୁରୁତ୍ୱ ଦିଅନ୍ତି। ମାତ୍ର ଏହି ସମୟ ମଧ୍ୟରେ ଉଦ୍ୟାନ କୃଷି ବିଭାଗ ଚାଷୀମାନଙ୍କୁ ଆବଶ୍ୟକ ବିହନ ଯୋଗାଇ ପାରୁ ନଥିବା ଅଭିଯୋଗ ହୋଇଛି। ଏବେ ବି ଜିଲ୍ଲାକୁ ଆହୁରି ୧୮ ଶହ କ୍ୱିଣ୍ଟାଲ୍ ରୁ ଉର୍ଦ୍ଧ୍ୱ ବିହନର ଆବଶ୍ୟକତା ଥିବା ଜଣାପଡ଼ିଛି। ଫଳରେ କେବେ ଏହି ବିହନ ଆସିବ, ଏହାକୁ ଚାଷୀ ମାନେ ଚାତକ ପରି ଚାହିଁ ରହିଛନ୍ତି। ରାଜ୍ୟରେ ପ୍ରତ୍ୟେକ ବର୍ଷ ଦେଖା ଦେଉଥିବା ଆଳୁର ଅଭାବ ପୂରଣ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି । ଫଳରେ ଜିଲ୍ଲା ଗୁଡ଼ିକୁ ବିପୁଳ ପରିମାଣରେ ଆଳୁ ବିହନ ପଠାଯିବା ପାଇଁ ଯୋଜନା କରାଗଲା। ଏହି କ୍ରମରେ ପୂର୍ବ ବର୍ଷ ତୁଳନାରେ ନୟାଗଡ଼ ଜିଲ୍ଲାକୁ ଅଧିକ ୫ ଗୁଣା ବିହନ ଆସିବ ବୋଲି କୁହାଗଲା। ଯେମିତି ଅଧିକରୁ ଅଧିକ ଚାଷୀଙ୍କୁ ଆଳୁ ଚାଷ କରିବାକୁ ଆକୃଷ୍ଟ କରିବା ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜୋରଦାର ପଦକ୍ଷେପ ନିଆଗଲା। ଫଳରେ ଚାଷୀ ମାନେ ଅଧିକ ଜମିରେ ଆଳୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲେ। ପୂର୍ବରୁ ଜିଲ୍ଲାରେ ୬୦ ରୁ ୭୦ ହେକ୍ଟର ଜମିରେ ଆଳୁଚାଷ କରାଯାଉଥିଲା। ପ୍ରତ୍ୟେକ ହେକ୍ଟର ପିଛା ୧୩ କ୍ୱିଣ୍ଟାଲ୍ ହିସାବରେ ଜିଲ୍ଲାକୁ ୯ ଶହ କ୍ୱି଼ାଲ୍ ବିହନ ଆସେ। ମାତ୍ର ଚଳିତ ବର୍ଷ ଏହି ପରିମାଣକୁ ପାଞ୍ଚଗୁଣା ବଢ଼ାଇ ଦିଆଯାଇଛି। ଅର୍ଥାତ ଜିଲ୍ଲାରେ ଏଥର ୩୭୫ ହେକ୍ଟର ଜମିରେ ଆଳୁ ଚାଷ କରାଯିବା ପାଇଁ ଟାର୍ଗେଟ୍ ରଖାଯାଇଥିବା ବେଳେ ୪, ୮୭୫ କ୍ୱିଣ୍ଟାଲ୍ ଧାନ ବିହନ ଆସିବ ବୋଲି କୁହାଗଲା। ମାତ୍ର ଚାଷ ସମୟ ଶେଷ ହେବାକୁ ବସିଥିଲେ ମଧ ବର୍ତ୍ତମାନ ସୁଦ୍ଧା ୨,୯୨୪ କ୍ୱିଣ୍ଟାଲ୍ ବିହନ ଆସିଛି । ନୟାଗଡ଼ ବ୍ଲକ୍କୁ ୩୭୮.୫୦ କ୍ୱିଣ୍ଟାଲ୍ ବିହନ ଆସିଥିବା ବେଳେ ରଣପୁରକୁ ୫୭୫ କ୍ୱିଣ୍ଟାଲ୍, ଦଶପଲ୍ଲାକୁ ୪୫୦ କ୍ୱିଣ୍ଟାଲ୍, ଗଣିଆକୁ ୨୨୫ କ୍ୱିଣ୍ଟାଲ୍, ନୂଆଗାଁକୁ ୪୩୦କ୍ୱିଣ୍ଟାଲ, ଖଣ୍ଡପଡ଼ା ୧୨୫ କ୍ୱିଣ୍ଟାଲ୍ ଓ ଭାପୁର ବ୍ଲକ୍କୁ ୩୨୫ କ୍ୱିଣ୍ଟାଲ ଧାନ ବିହନ ଆସିଛି। ପଞ୍ଜୀକୃତ ଚାଷୀ ମାନେ ବ୍ଲକ୍ କାର୍ଯ୍ୟାଳୟରୁ ଏହି ବିହନ ସଂଗ୍ରହ କରିଛନ୍ତି ଚାଷୀ ମାନଙ୍କୁ ରିହାତି ଦରରେ ଏହି ବିହନ ଯୋଗାଇ ଦିଆଯାଇଛି। ୧ କିଲୋ ବିହନର ଦର ୪୨.୮୭ ଟଙ୍କା ରହିଥିବା ବେଳେ ଚାଷୀ ୨୦ ଟଙ୍କା ରିହାତିରେ ଏହାକୁ କିଣିବେ ଚାଷ କାର୍ଯ୍ୟ ଚାଲୁଥିବା ବେଳେ ବିଭାଗର କର୍ମଚାରୀ ମାନେ ସେଠାରେ ପହଞ୍ଚି ଯାଞ୍ଚ କରିବେ ଏହାପରେ ସେମାନଙ୍କୁ କିଲୋ ପ୍ରତି ଆଉ ୧୦ ଟଙ୍କା ଲେଖାଏ ରିହାତି ମିଳିବ। ନୟାଗଡ଼ ଜଳବାୟୁ ଆଳୁ ଚାଷ ପାଇଁ ଅନୁକୂଳ ହୋଇଥିଲେ ମଧ ମୃତ୍ତିକାକୁ ନେଇ ସାମନ୍ୟ ସନ୍ଦେହ ରହିଛି। ତଥାପି ଯେହେତୁ ଏଠାରେ ଚିନାବାଦାମ, ସାରୁ ଓ ପାଳୁଅ ଚାଷ କରାଯାଉଛି। ସେଥିପାଇଁ ଆଳୁ ପ୍ରତି ସେତେଟା ସମସ୍ୟା ରହିବ ନାହିଁ ବୋଲି ଚାଷୀମାନଙ୍କୁ ସଚେତନ କରାଯାଉଛି। ଉଦ୍ୟାନ କୃଷି ଅଧିକାରୀ ଅଜିତ ନାୟକ କୁହନ୍ତି ଯେ, ଯେତିକି ବିହନ ଆସିଥିଲା ଚାଷୀ ମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି। ଜିଲ୍ଲାରେ ଚଳିତ ବର୍ଷ ଭଲ ଚାଷ କରାଯିବା ପାଇଁ ଟାର୍ଗେଟ୍ ରଖାଯାଇଛି ବର୍ତ୍ତମାନ ଚାଷ ସମୟ ଶେଷ ହୋଇ ଆସୁଥିବାରୁ ସରକାରଙ୍କ ପକ୍ଷରୁ ଯେତେବେଳେ ବିହନ ଆସିବ, ଚାଷୀମାନଙ୍କୁ ଯୋଗାଇ ଦିଆଯିବ।

## ଏକାଦଶ ରାଜ୍ୟ ସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ-୨୪ ଉଦଯାପିତ

କଳାହାଣ୍ଡି /ମହାଭାରତ: ସଙ୍ଗମ ଅନୁଷ୍ଠାନଦ୍ୱାରା ଆୟୋଜିତ ଚାରି ଦିନିଆ ଏକାଦଶ ରାଜ୍ୟ ସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ ଉଦଯାପିତ ହୋଇଯାଇଛି। ଭବାନୀପାଟଣାସ୍ଥ ଟାଉନ ହଲଠାରେ ସଙ୍ଗମ ଅଧକ୍ଷ ନାଟ୍ୟକାର ରାଜୀନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଜିଲ୍ଲା ସଂସ୍କୃତି ଅଧିକାରୀ,କଳାହାଣ୍ଡି ବିବେକାନନ୍ଦ ମହାନନ୍ଦ ଅତିଥି ଭାବେ ଯୋଗ ଦେଇ ଉଦଯାପନୀ କାର୍ଯ୍ୟକ୍ରମର ଶୁଭ ଦୀପ ପ୍ରଜ୍ୱଳନ କରିଥିଲେ। ଦିବସର ପ୍ରାରମ୍ଭରେ ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା ।ପରେ ସଙ୍ଗମର କଳାକାରମାନଙ୍କଦ୍ୱାରା ଘୁମୁରା,ଘପ, ଡାଲଖାଇଆଦି ରଙ୍ଗରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାଜୀନ୍ଦ୍ର ପାଢ଼ୀଙ୍କ ରଚିତ ଓ ନିର୍ଦ୍ଦେଶିତ ଚର୍ଚ୍ଚିତ ନାଟକ 'ହକଦାର' ମଞ୍ଚସ୍ଥ ହୋଇଥିଲା ।ଚଳିତ ବର୍ଷ ଶ୍ରେଷ୍ଠ ଶିଶୁ ଅଭିନେତା ଭାବେ ସାଇ ଅଭିନ, ନାଟକ 'ପରୀକ୍ଷା', ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ବ୍ରଜବିହାର ଏବଂ ପ୍ରଗତି କନସେପ୍ଟ ସ୍କୁଲର ନାଟକ ସପନର ଆଦ୍ୟାଶା ମଙ୍ଗରାଜ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ନାଟକ ଭାବେ ପ୍ରଗତି କନସେପ୍ଟର ନାଟକ ସପନ,ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର 'ପରୀକ୍ଷା' ଶ୍ରେଷ୍ଠ ପାଣ୍ଡୁଲିପି , ଶ୍ରେଷ୍ଠ ହାସ୍ୟ କଳାକାର ଭାବେ ବବିତା (ନାଟକ 'ଅକ୍ଷୟ ଧରିତ୍ରୀ',ଅଟାଙ୍ଗଗୁଡା ;ଶ୍ରେଷ୍ଠ ନିର୍ଦ୍ଦେଶକ ସପନ ନାଟକର ଉମା ଶଙ୍କରୀ ପାଲ ଓ ଆକାଶ ପଟ୍ଟନାୟକ ,ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଜୟରାମ ସାହୁ ଓ ଶିବ ପ୍ରଧାନ (ନାଟକ 'ପରୀକ୍ଷା'),ଶ୍ରେଷ୍ଠ ନାଟ୍ୟକାର ସୁମତି ମୁଣ୍ଡ (ପରୀକ୍ଷା ),ଶ୍ରେଷ୍ଠ ଖଳନାୟକ ରାଜେଶ୍ୱରୀ ଗୌଡ଼, ଅଟାଙ୍ଗଗୁଡା;ଶ୍ରେଷ୍ଠ ଶୃଙ୍ଖଳିତ ନାଟ୍ୟ ଦଳ (ନାଟକ ଭ୍ରଷ୍ଟାଚାର) ଲଛିପୁର, ରାଜଖଡ଼ିଆଳ ହୋଇଥିବାବେଳେ ନୃତ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଭାବେ ମାନ୍ୟତା ରାଉତ (କନିଷ୍ଠ )ଓ ଅନ୍‌ଷୋ ମିଶ୍ର (ବରିଷ୍ଠ )ପୁରସ୍କୃତ ହୋଇଥିଲେ। ନାଟକ ବିଚାରପତି ଭାବେ ଡ. ଉମେଶ ଚନ୍ଦ୍ର ଶତପଥୀ ଓ ଶାନ୍ତନୁ କୁମାର ମୁଣ୍ଡ ଏବଂ ନୃତ୍ୟ ବିଚାରକରେ ରାଜେଶ ନାଏକ ଓ ପ୍ରତିଭା ମିଶ୍ର ଆସୀନ ଥିଲେ। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ଼ ପରିଚାଳନା କରିଥିବାବେଳେ କୋଷାଧକ୍ଷ ଶୁଭ୍ରାଂଶୁ ଶେଖର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ରାଧେଶ୍ୟାମ ଦାଶ, ଚକ୍ରଧର ମହାରଣା, ସୁକାନ୍ତ ପ୍ରଧାନ, ଯୋଗୀନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଗତି ମହାବିଦ୍ୟାଳୟର ୧୪ତମ ବାର୍ଷିକ ଉତ୍ସବ ସମର୍ପଣ ୨୦୨୪ ମହାସମାରୋହରେ ପାଳିତ

କଳାହାଣ୍ଡି(ମହାଭାରତ): କଳାହାଣ୍ଡଜିଲ୍ଲା ଭବାନୀ ପାଟଣା ରାଇଶିଂପୁର ସ୍ଥିତ ପ୍ରଗତି ମହାବିଦ୍ୟାଳୟର ୧୪ତମ ବାର୍ଷିକ ଉତ୍ସବ ସମର୍ପଣ ୨୦୨୪ ମହା ସମାରୋହ ସହକାରେ ପାଳିତ ହୋଇ ଯାଇଛି। କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ାକ୍ତର ମୁକେଶ ମାହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କଳାହାଣ୍ଡିର ଭାଇସ୍ ଚାନସେଲର ପ୍ରଫେସର ଡକ୍ଟର ନିବେଦିତା ନାଥ, ମାନ୍ୟବର ବିଧାୟକ ଧରମଗଡ଼ ଶ୍ରୀସୁଧୀର କୁମାର୍ ପଟ୍ଟଯୋଶୀ, ଶ୍ରୀମତି ସୁଶ୍ରୀ ସଂଗୀତା ପଣ୍ଡା ଅଧକ୍ଷା ପ୍ରଗତି ମହାବିଦ୍ୟାଳୟ ଓ ଡ଼କ୍ଟର ଅଜୟ କୁମାର ପଣ୍ଡା ସଂପାଦକ ପ୍ରଗତି ମହାବିଦ୍ୟାଳୟ ପ୍ରମୁଖ ଉପସ୍ଥିତ ଥିଲେ। ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ତାପର ମହାବିଦ୍ୟାଳୟର ସଂପାଦକ ଡକ୍ଟର ଅଜୟ କୁମାର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅଭାବୀ ପରିବାରର ଶିଶୁ ମାନଙ୍କୁ ବ୍ରାଇଟ ଯୋଜନା ମାଧ୍ୟମରେ ମାଗଣାରେ ପାଠ୍ୟ ଉପକରଣ ବିତରଣ କରିବା ସହ ଟପର ଛାତ୍ର ଛାତ୍ରୀଙ୍କୁ ଉପଢ଼ଉକାନ ସହ ମାନ ପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ପୁଅ ର ଶୁଦ୍ଧିକ୍ରିୟା ପାଇଁ ଦୁଆର ଦୁଆର ବୁଲି ଭିକ୍ଷା କରୁଛି ମା



କାକଟପୁର(ମହାଭାରତ) : ପ୍ରତ୍ୟେକ ବାପା ମା ଙ୍କର ଗୋଟେ ସ୍ୱପ୍ନ ଥାଏ ବାର୍ଦ୍ଧକ୍ୟ ପରେ ଯେତେବେଳେ ସେମାନେ ଶେଷ ନିଶ୍ୱାସ ତ୍ୟାଗ କରିବେ ସେତେବେଳେ ତାଙ୍କ ଦାୟାଦ ମାନେ ତାଙ୍କୁ ମୁଖାଗ୍ନି ଦେବା ସହ ଅନ୍ତେଷ୍ଟି କ୍ରିୟା କରିବେ । ତା ସହିତ ବ୍ରାହ୍ମଣ ଭୋଜନ ଓ ବନ୍ଧୁପରିସର ଙ୍କୁ ପ୍ରୀତି ଭୋଜନ ଦେଇ ସେମାନଙ୍କ ଆତ୍ମା ର ସଦଗତି ପାଇଁ ପାର୍ଥନା କରିବେ, କିନ୍ତୁ ଆଜି କେତେ ସ୍ଥାନ ରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ ଆଉ ଏ ଦୃଶ୍ୟ ସମ୍ପୂର୍ଣ୍ଣ ହୃଦୟବିଦାରକ । ଏହି ଭଳି ଏକ ଘଟଣା ଏବେ ସାମ୍ନା କୁ ଆସିଛି କାକଟପୁର ବ୍ଲକ ଲତାହରଣ ଗ୍ରାମ ର ପଞ୍ଚେଇ ଦେଇ ବୟସ ୬୦ ରୁ ଉର୍ଦ୍ଧ, ବାର୍ଦ୍ଧକ୍ୟ ର ପାଦଦେଶରେ ଏବେ ଗାଁ ରେ ଦୁଆରୁ କୁ ଦୁଆର ବୁଲି ଭିକ୍ଷା ମାଗୁଛନ୍ତି କାରଣ ୧୩ ତାରିଖ ଶୁକ୍ରବାର ତାଙ୍କ ର ଏକମାତ୍ର ପୁଅ ପ୍ରଫୁଲ୍ଲ ମଲିକ ଙ୍କ ଶୁଦ୍ଧିକ୍ରିୟା, ପଞ୍ଚେଇ ଙ୍କ ସ୍ୱାମୀ ଜଣେ ଦିନ ମଜୁରିଆ, ଜମିବାଡ଼ି ବି କିଛି ନାହିଁ କେବଳ ଖଣ୍ଡେ ମାଟିଝାଟି ଘର, ଜରି ପାଲ ଟାଣି ସେଇଠି ଦିନ କାଟୁଥିଲେ, ୨ ବର୍ଷ ତଳେ ତାଙ୍କ ସ୍ୱାମୀ ଜଳେନ୍ଦ୍ର ଙ୍କୁ ମୃତ୍ୟୁ ହୋଇଛି। ଆଜକୁ ୧୫ ବର୍ଷ ତଳେ ହାଇଦ୍ରାବାଦ ଯାଇଥିଲେ ପୁଅ ପ୍ରଫୁଲ୍ଲ, କିନ୍ତୁ ସେଠି ଦୁର୍ଘଟଣା ରେ ତାଙ୍କର ସ୍ନାୟୁ ନଷ୍ଟ ହୋଇଯାଇଥିଲା ଆଉ ଦୀର୍ଘ ବର୍ଷ ଗ୍ରାମ ରେ ଆସି ଶଯ୍ୟାଶାୟୀ ହୋଇ ଶେଷ ରେ ଚଳିତ ୩ ତାରିଖ ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏବେ ସମ୍ପୂର୍ଣ୍ଣ ସଂସାର ରେ ପ଼ଇ ଏକା, ଲୁଣ କିଣିବାକୁ ବି ତାଙ୍କର ସାମର୍ଥ୍ୟ ନାହିଁ, କେବଳ ସାଇ ପଡିସା ଗ୍ରାମବାସୀ ଯାହା ଭିକ୍ଷା ଦେବେ ସେହି ହେଉଛି ତାଙ୍କ ଜୀବନ ବଞ୍ଚିବାର ମାର୍ଗ, ସବୁଠୁ ଆଶ୍ଚର୍ଯ୍ୟ କଥା ଆଜି ପର୍ଯ୍ୟନ୍ତ ପ଼ଇ ଙ୍କୁ କୌଣସି ଆବାସ ଖଣ୍ଡେ କାକଟପୁର ବ୍ଲକ ରୁ ମିଳିନାହିଁ, କି କୌଣସି ସହାୟତା । କେବଳ ବିଧବା ଭତ୍ତା ହି ସାରା ମାସ ର ଖର୍ଚ୍ଚ, ଏହିଭଳି ଦୟନୀୟ ଅବସ୍ଥା ରେ ଜୀବନ ଯୁଦ୍ଧ ରେ ସଂଗ୍ରାମ କରି ବଞ୍ଚିରହିଛନ୍ତି ପଞ୍ଚେଇ ଦେଇ, ପୁଅ ପାଇଁ କିପରି ଅନ୍ତେଷ୍ଟି କ୍ରିୟା କରିବେ, କିପରି ସାଇ ଭାଇ ଙ୍କୁ ପ୍ରୀତି ଭୋଜନ ଦେବେ, ସେଥିପାଇଁ କରୁଣ ରୋଦନ କରି ମାଗିଚାଲିଛନ୍ତି ସହାୟତା,ସବୁଠୁ ଦୁଃଖ ର କଥା ପରିବର୍ତ୍ତନ ସରକାର ରେ କଣ ପାଇଁ ସ୍ଥାନୀୟ ପ୍ରଶାସନ ର ଏହିଭଳି ଦୟନୀୟ ଲୋକ ଙ୍କ ଉପରେ ଦୃଷ୍ଟି ପଡୁନି ତାହା ସମ୍ପୂର୍ଣ୍ଣ ରହସ୍ୟଘେର ରେ, ର୍ନିବାଚନ ଆସିଲେ ଭଳିକି ଭଳି ନେତା ଅନେକ ପ୍ରତିଶୃତି ଆଣିଆସୁଥିବା ବେଳେ ପଛରେ କଣ ପାଇଁ ଭୁଲିଯାନ୍ତି ପଞ୍ଚେଇ ଙ୍କ ଭଳି ଲୋକ ଙ୍କ କଥା, ପଞ୍ଚେଇ ଙ୍କ ପୁଅ ଶୁଦ୍ଧିକ୍ରିୟା ପାଇଁ ପ୍ରଶାସନ ହେଉ ଅଥବା କୌଣସି ସାମାଜିକ ଅନୁଷ୍ଠାନ ତରଫରୁ ସହାୟତା କରିବା ପାଇଁ ଗ୍ରାମବାସି ନିବେଦନ କରିଛନ୍ତି।

## ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର



ରାଇରଙ୍ଗପୁର (ମହାଭାରତ): ଆଜି ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସଏ,ଭା. ପ୍ର. ସେ.ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ ଶିବିର ରେ ବାମନଘାଟି ଉପ ଜିଲ୍ଲାପାଳ ଶ୍ରୀ ସୌମ୍ୟରଞ୍ଜନ ପ୍ରଧାନ, ଭା.ପ୍ର. ସେ.,ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲି,ଭା. ପୋ.ସେ., ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକାରୀ ଶ୍ରୀ ନାରାୟଣ ନାୟକ,ରାଇରଙ୍ଗପୁର ଚିକିତ୍ସାଳୟ ର ଅଧିକ୍ଷକ ଡାକ୍ତର ରବୀନ୍ଦ୍ର କୁମାର ମାରାଣ୍ଡି ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ଗୋକୁଳା ନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭ ରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣ ଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୭୮ ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୫୫ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୩ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚାଷୀଙ୍କୁ ଇନପୁଟ ସହାୟତାର ଶୁଭାରମ୍ଭ



ଗଜପତି(ମହାଭାରତ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାନର ସର୍ବ ନିମ୍ନ ସହାୟତା ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନପୁଟ ସହାୟତା ସହାୟତା ସହିତ ସମୁଦାୟ ୩୧୦୦ ଟଙ୍କା ପ୍ରଦାନ ନେଇ ବରଗଡ଼ ଜିଲ୍ଲାର ସୋହେଲ ଠାରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ଏହି ଅବସରରେ ଆଜି ଗଜପତି ଷ୍ଟାଡିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ, ମାନ୍ୟବର ବିଧାୟକ ମୋହନା,ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି, ଶ୍ରୀ ଏ.ରାମ ପ୍ରସାଦ ପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗଜପତି, ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା,ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀ ଗଜପତି ଓ ଶ୍ରୀ ହରିହର ସେଠ୍, ସହକାରୀ ନିବନ୍ଧକ ପାରଳାଖେମୁଣ୍ଡି ପ୍ରମୁଖ ମ଼ସିନ ଥିଲେ ।ଏହି କାର୍ଯ୍ୟକ୍ରମରେ ଚାଷୀଙ୍କ ଧାନ କିଣା ଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟ କୁ ସିଧାସଳଖ ଯିବ ଟଙ୍କା। ସେହିପରି ଚଳିତ ବର୍ଷ ଜିଲ୍ଲାରେ ଡିସେମ୍ବର ମାସ ୩୦ ତାରିଖରୁ ମଣ୍ଡି ରୁ ଧାନ କିଣା ଯିବ। ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ଯୋଗେଇ ଦେବା ସହିତ ଶୀଘ୍ର ଧାନ କିଣିବା ପାଇଁ ପଦକ୍ଷେପ ନିଆଯାଇଛି। ସମସ୍ତ ମୋଣ୍ଡି ରେ ଜଣେ ଜଣେ ନୋଡାଲ ଅଫିସର ଓ ଜଣେ ସୁପରଭାଇଜର ରଖାଯାଇଛି । ସେହିପରି ନାଖା ପଏ଼ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯାଇ ଧାନ ବିକ୍ରି ବିକ୍ରୟକୁ ତିକ୍ଷଣ୍ ନଜର ରଖାଯିବା। ଯଦି କୌଣସି ଚାଷୀ ଆପ଼ ଅଭିଯୋଗ ରହିଥିଲେ ୧୯୬୭ ନମ୍ବର କୁ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ପାଇପାରିବେ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାରେ ୪୫ ଗୋଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ସେଥିମଧ୍ୟରୁ ଗୋଷାଣୀ ବ୍ଲକରେ ୨୫, ଗୁମ୍ମା ବ୍ଲକରେ ୩,କାଶୀନଗର ବ୍ଲକରେ ୧୬ ଓ ରାୟଗଡ଼ା ୧ ଧାନ ସଂଗ୍ରହ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ। ଆଜିର ଏହି କାର୍ଯ୍ୟକ୍ରମକୁ ଚାଷୀଙ୍କୁ ମନୋରଞ୍ଜନ କରିବା ପାଇଁ ଜିଲ୍ଲାର ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ , ଜିଲ୍ଲାର ଚାଷୀ ପ୍ରତିନିଧି , ଜନପ୍ରତିନିଧି ଓ ସମସ୍ତ ବ୍ଲକର ଚାଷୀ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ପର୍ଯ୍ୟାୟରେ ୨୦ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ଆପ୍

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆମ ଆଦମୀ ପାର୍ଟି ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୨୦ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି ଆମ ଆଦମୀ ପାର୍ଟି । ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଦଳ ଜାଙ୍ଗପୁରାରୁ ଟିକେଟ ଦେଇଛି । ସିଭିଲ ସର୍ଭିସ ପ୍ରଶିକ୍ଷଣ ଦେଉଥିବା ଶିକ୍ଷକ ଅଓ୍ୱଧ ଓଝାଙ୍କ ନାମ ପୂର୍ବ ଦିଲ୍ଲୀର ପତପଡ଼ଗଞ୍ଜରୁ ଘୋଷଣା କରିଛି ଦଳ ଯଟିକେଟ ଘୋଷଣା କରି ଇଣ୍ଡି ମେଣ୍ଟକୁ ଝଟକା ଦେଇଛି ଆମ ଆଦମୀ ପାର୍ଟି । ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦଳ ଏକାକୀ ଲଢ଼ିବ ବୋଲି କେଜ୍ରିଓ୍ୱାଲ ପୂର୍ବରୁ ଘୋଷଣା କରିବା ସହ ମେଣ୍ଟ ହେବ ନାହିଁ ବୋଲି ସ୍ପଷ୍ଟ କରିଥିଲେ ।ନିର୍ବାଚନ ପୂର୍ବରୁ ରାଜଧାନୀରେ ରାଜନୀତି ସରଗରମ ହେଉଥିବା ବେଳେ କେଜ୍ରିଓ୍ୱାଲ ଏହି ଘୋଷଣା କରିଛନ୍ତି । ଅନେକ କଂଗ୍ରେସ ଓ ବିଜେପି ନେତା ଆପରେ ସାମିଲ ହୋଇଛନ୍ତି । ଦିଲ୍ଲୀରେ କଂଗ୍ରେସ, ସମାଜବାଦୀ ପାର୍ଟି ଓ ଅନ୍ୟ ଇଣ୍ଡି ମେଣ୍ଟ ସହଯୋଗୀମାନେ ଆପ୍ ସହ ମେଣ୍ଟ କରି ନିର୍ବାଚନ ଲଢିବାକୁ ଯୋଜନା କରୁଥିବା ବେଳେ କେଜ୍ରୱାଲଙ୍କ ଏକ ପାଖିଆ ଘୋଷଣା ଚର୍ଚ୍ଚାର ବିଷୟ ପାଲଟିଛି ।

# ୟୁନୁସଙ୍କୁ ଯୁଦ୍ଧର ଆହ୍ୱାନ ଦେଲେ ହସିନା

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଖୁବଶୀଘ୍ର ବାଂଲାଦେଶରେ ହେବାକୁ ଯାଉଛି କିଛି ବଡ ପରିବର୍ତ୍ତନ । ନିଜ ଗାଦିକୁ ଫେରାଇ ଆଣିବା ପାଇଁ ଅଣ୍ଟା ଭିଡିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା । ୟୁନୁସଙ୍କ ବିରୋଧରେ ମଇଦାନକୁ ଓହ୍ଲାଇଛନ୍ତି ହସିନା । ଯୁଦ୍ଧ ପାଇଁ ମଧ୍ୟବର୍ତ୍ତୀକାଳୀନ ସରକାରର ନେତୃତ୍ୱ ନେଉଥିବା ମହମ୍ମଦ ୟୁନୁସଙ୍କୁ ଖୋଲାଖୋଲି ଆହ୍ୱାନ ଦେଇଛନ୍ତି ହସିନା । ସେ ମଧ୍ୟବର୍ତ୍ତୀକାଳୀନ ସରକାରକୁ ଟାର୍ଗେଟ କରି କହିଛନ୍ତି ଯେ ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ୟୁନୁସ ଜଣେ ହତ୍ୟାକାରୀ ଅଟନ୍ତି । ଆଓ୍ୱାମୀ ଲିଗ୍ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବାବେଳେ ସେ ଏହି କଥା କହିଛନ୍ତି । ବାଂଲାଦେଶକୁ ବଞ୍ଚାଇବାକୁ ହେଲେ ସମସ୍ତଙ୍କୁ ଏକଜୁଟ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି । ଶେଖ ହସିନା ବର୍ତ୍ତମାନ ଦିଲ୍ଲୀରେ ଅଛନ୍ତି । ଅଗଷ୍ଟରେ ଦେଶ ଛାଡିବା ପରଠାରୁ ଦିଲ୍ଲୀରେ ରହୁଛନ୍ତି । ଏହି ସମୟରେ, ବାଂଲାଦେଶର ପ୍ରଫେସର ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାରରେ ହିନ୍ଦୁ ସଂଖ୍ୟାଲଘୁଙ୍କ ପ୍ରତି ହିଂସା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଗୋଟିଏ ଦିନ ପୂର୍ବରୁ ଢାକାରେ ଏକ ମନ୍ଦିରରେ ନିଆଁ ଲଗାଯାଇ ପ୍ରଭୁ କୃଷ୍ଣଙ୍କ ମୂର୍ତ୍ତିକୁ ଜାଳିଦିଆଯାଇଛି । ଶେଖ ହସିନା ଆଓ୍ୱାମୀ ଲିଗକୁ ସମ୍ବୋଧିତ କରି କହିଛନ୍ତି, 'ଏହି ଅନ୍ଧକାର ଦୂର ହେବ, ଏହି ଫାସୀବାଦୀ, ହତ୍ୟାକାରୀ, ଷଡଯନ୍ତ୍ରକାରୀ ୟୁନୁସ ସରକାରଙ୍କୁ ବାଂଲାଦେଶବାସୀ ଉଚିତ୍ତ ଶିକ୍ଷା ଦେବେ । ସେମାନେ ଆମ ଦେଶକୁ ନଷ୍ଟ କରୁଛନ୍ତି, ସେମାନେ ସେଠାରେ ଆତଙ୍କ ସୃଷ୍ଟି କରିଛନ୍ତି । ଦୟାକରି ସମସ୍ତେ ଏକତ୍ରିତ ହୋଇ ଏହି ଫାସିବାଦୀ ସରକାରକୁ ହଟାନ୍ତୁ ଯାହା ଦ୍ୱାରା ବାଂଲାଦେଶ ଏକ ଭଲ ଭବିଷ୍ୟତ ପାଇପାରିବ । ବର୍ତ୍ତମାନ ତୁମେ କାହାଠାରୁ ନ୍ୟାୟ ମାଗିବ ? ଯେକେହି ଆପଣଙ୍କ ଘରେ ପ୍ରବେଶ କରି ସବୁକିଛି ଚୋରି କରିପାରିବେ କିନ୍ତୁ ଆପଣ ଏହାର ବିରୋଧ ମଧ୍ୟ କରିପାରିବେ ନାହିଁ । ହସିନା ଆହୁରି ମଧ୍ୟ କହିଛନ୍ତି, 'ସେମାନେ ମିଥ୍ୟା ମାମଲା ପଞ୍ଜିକରଣ କରୁଛନ୍ତି ଏବଂ ଲୋକଙ୍କୁ ହତ୍ୟା କରିଥିବା ଲୋକଙ୍କୁ ମୁକ୍ତ କରୁଛନ୍ତି । ସେମାନେ କାହିଁକି ସାଂସଦଙ୍କ କୋଠରୀ ଏବଂ ସଂସଦକୁ ଲୁଟ କରୁଛନ୍ତି ? ସେମାନେ ଦେଶକୁ ଲୁଟ କରୁଛନ୍ତି ଏବଂ ଅର୍ଥନୈତିକ ବ୍ୟବସ୍ଥାକୁ ନଷ୍ଟ କରୁଛନ୍ତି । ସେମାନେ ଏମିତି କାହିଁକି କରୁଛନ୍ତି ଏହାର ଉତ୍ତର ହତ୍ୟାକାରୀ ୟୁନୁସଙ୍କୁ ଦେବାକୁ ପଡିବ । ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଏବଂ ସେମାନଙ୍କର ଗଣହତ୍ୟାର ମାଷ୍ଟରମାଇଣ୍ଡ ହେଉଛନ୍ତି ଅନ୍ତରୀଣ ସରକାରର ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ । ଆପଣଙ୍କର ମନେଥିବ ଯେ ଚଳିତ ମାସରେ ସେମାନେ ଆମର ବୁଦ୍ଧିଜୀବୀଙ୍କୁ ହତ୍ୟା କରିଥିଲେ । ହତ୍ୟାକାରୀ ୟୁନୁସ ଏହି ଷଡଯନ୍ତ୍ର ରଚିଛନ୍ତି, ସେ ନିଜେ ଏହି ଆନ୍ଦୋଳନର ବାହ୍ୟରେଖା ପ୍ରସ୍ତୁତ କରିଛନ୍ତି । ସେ ଏହାର ମାଷ୍ଟରମାଇଣ୍ଡ । ସେମାନେ ବଙ୍ଗଳା ଭବନକୁ ଧ୍ୱଂସ କରିଛନ୍ତି । ସେ ନିଜେ ସ୍ୱୀକାର କରିଛନ୍ତି ଯେ ପୋଲିସ ମେଟ୍ରୋ ରେଳରେ ନିଆଁ ଲଗାଇଥିଲେ , ଏହା ସେମାନଙ୍କ ଯୋଜନା ଥିଲା । ସେ ଆତଙ୍କବାଦୀଙ୍କୁ ଜେଲରୁ ମୁକ୍ତ କରିଛନ୍ତି । ସେମାନେ ସଂସଦ ଉପରେ ଆକ୍ରମଣ କରିଛନ୍ତି, ସେମାନେ ସବୁକିଛି ନଷ୍ଟ କରିଛନ୍ତି । ସେମାନେ ୩୦୦ସାମ୍ବାଦିକଙ୍କ ସ୍ୱୀକୃତି ବାତିଲ କରିଛନ୍ତି । ୧୦୦ରୁ ଅଧିକ ସାମ୍ବାଦିକ ଜେଲରେ ଅଛନ୍ତି । ସମସ୍ତଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିଛନ୍ତି । ମୋ ବିରୋଧରେ ୨୫୦ମାମଲା ରହିଛି ।

# ବଢିପାରେ ଶକ୍ତିକାନ୍ତଙ୍କ କାର୍ଯ୍ୟକାଳ

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ରିଜର୍ଭ ବ୍ୟାଙ୍କର ବର୍ତ୍ତମାନର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଡିସେମ୍ବର ୧୦ ରେ ଶେଷ ହେବ । ଏହା ପରେ ନୂତନ ଗଭର୍ଣ୍ଣରଙ୍କୁ ନେଇ ଅନେକ କଳ୍ପନାଜଳ୍ପନା ଚାଲିଛି । ଏହାରି ଭିତରେ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ସାକ୍ଷାତ କରିଛନ୍ତି ଶକ୍ତିକାନ୍ତ । ଆଉ ଏହି ଆଲୋଚନା ପରେ ଶକ୍ତିକାନ୍ତଙ୍କ କାର୍ଯ୍ୟକାଳ ପୁଣି ବଢିପାରେ ବୋଲି ଚର୍ଚ୍ଚା ଜୋର ଧରିଛି । ଯଦି କାର୍ଯ୍ୟକାଳ ସମ୍ପ୍ରସାରଣ ହୁଏ, ତେବେ ୧୯୪୯ ରୁ ୧୯୫୭ ପର୍ଯ୍ୟନ୍ତ ସାଢେ ସାତ ବର୍ଷ ଧରି ଏହି ପଦବୀରେ ଅବସ୍ଥାପିତ ବେନେଗାଲ୍ ରାମା ରାଓଙ୍କ ପରେ ଶକ୍ତିକାନ୍ତ ଦାସ ଦୀର୍ଘତମ ସେବା କରୁଥିବା ଆରବିଆଇ ଗଭର୍ଣ୍ଣର ହେବେ । ଶକ୍ତିଦାସ ଦାସ ୬ ବର୍ଷ ଧରି ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ରହିଆସିଛନ୍ତି। ତେବେ ଡିସେମ୍ବର ୧୦ ପରେ କୌଣସି ସମ୍ଭାବ୍ୟ ସମ୍ପ୍ରସାରଣ ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ଆସିନାହିଁ ।ଡିସେମ୍ବର ୧୨, ୨୦୧୮ରେ ଶକ୍ତିକାନ୍ତ ଦାସ ୨୫ତମ ଗଭର୍ଣ୍ଣର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର କାର୍ଯ୍ୟକାଳ ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହାପୂର୍ବରୁ ସେ ୧୫ ତମ ଅର୍ଥ ଆୟୋଗର ସଦସ୍ୟ ଥିଲେ । ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶକ୍ତିକାନ୍ତ ଦାସ କେନ୍ଦ୍ର, ରାଜ୍ୟ ସରକାରରେ ଅର୍ଥ, ଟିକସ ପ୍ରଶାସନ, ଶିଳ୍ପ ଏବଂ ଭିତ୍ତିଭୂମି କ୍ଷେତ୍ରରେ ପ୍ରମୁଖ ପଦବୀରେ ଅବସ୍ଥାପିତ ହୋଇଥିଲେ । ଅର୍ଥ ମନ୍ତ୍ରଣାଳୟରେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ଆଠଟି କେନ୍ଦ୍ର ବଜେଟ୍ ପ୍ରସ୍ତୁତ କରିବାରେ ଏକ ଭୂମିକା ଗ୍ରହଣ କରିଥିଲେ । ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବରେ ଶକ୍ତିକାନ୍ତ ଦାସଙ୍କ ନିଯୁକ୍ତି ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା । କୁହାଯାଇଥିଲା ଯେ ତାଙ୍କର ଏକାଡେମିକ୍ ପୃଷ୍ଠଭୂମି ଅର୍ଥନୀତି ସହିତ ଜଡିତ ନୁହେଁ । ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସେଣ୍ଟ ଷ୍ଟିଫେନ୍ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିଲେ । ଯଦି ସେ ସେବାରେ ସମ୍ପ୍ରସାରଣ ପାଆନ୍ତି, ତେବେ ଏହା ତାଙ୍କର ତୃତୀୟ କାର୍ଯ୍ୟକାଳ ହେବ ତାଙ୍କ ଉତ୍ତରାଧିକାରୀଙ୍କ ନାମ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ, ତେଣୁ ସେବାରେ ସମ୍ପ୍ରସାରଣ ହେବାର ସମ୍ଭାବନା ଥିବା ଜଣାପଡିଛି ।

# ସପାର କିଛି ନେତା ବିଜେପିର ବି ଟିମରେ ଅଛନ୍ତି

**ମୁମ୍ବାଇ,୯।୧୨(ଏଜେନ୍ସି):** ଉଦ୍ଧବ ଠାକରେଙ୍କ ଗୋଷ୍ଠୀର ନେତା ବାବ୍ରି ମସଜିଦ ଉପରେ ଏକ୍ସରେ ପୋଷ୍ଟ କରିଥିଲେ, ଏହାକୁ ନେଇ ମହାରାଷ୍ଟ୍ରର ରାଜନୈତିକ ତାତି ବୃଦ୍ଧି ପାଇଛି । ଶିବସେନା ୟୁବିଟି ଉପରେ ଅସନ୍ତୋଷ ବ୍ୟକ୍ତ କରି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଆବୁ ଅଜମୀ କହିଛନ୍ତି ଯେ ଯଦି ଏହି ମନୋଭାବ ଜାରି ରହେ ତେବେ ଏମ୍ଭିଏ ମିଳିତ ମଞ୍ଚ ଦୀର୍ଘ ଦିନ ଧରି ରହିବ ନାହିଁ । ଏଥି ସହ ବର୍ତ୍ତମାନ ଶିବସେନା ୟୁବିଟି ନେତା ଆଦିତ୍ୟ ଠାକରେ ଏସପି ବିଧାୟକଙ୍କ ବିବୃତ୍ତିକୁ ନେଇ ପୁଣି ଥରେ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, କିଛି ଏସପି ନେତା ବିଜେପିର ବି ଟିମରେ ଅଛନ୍ତି । ଆଦିତ୍ୟ ଠାକରେ କହିଛନ୍ତି, ମୁଁ ସମାଜବାଦୀ ପାର୍ଟି ବିଷୟରେ କହିବାକୁ ଚାହେଁ ନାହିଁ । ଅଖିଳେଶ ଯାଦବ ନିଜ ଲଢେଇ ନିଜେ ଲଢୁଛନ୍ତି, କିନ୍ତୁ ରାଜ୍ୟରେ ତାଙ୍କର କିଛି ନେତା ବିଜେପିକୁ ସାହାଯ୍ୟ କରୁଛନ୍ତି । ସେମାନେ ତାଙ୍କ ବି-ଟିମ୍ ଭାବରେ କାମ କରୁଛନ୍ତି । ବାସ୍ତବରେ ଏସପି ରାଜ୍ୟ ସଭାପତି ଆବୁ ଅଜମୀ ଏହାର



ସହଯୋଗୀ ଶିବସେନା ୟୁବିଟିକୁ କହିଛନ୍ତି ଯେ ଯଦି ମନୋଭାବ ଏହିପରି ଜାରି ରହେ ତେବେ ମହାବିକାସ ଅଘାଡି ଭାଙ୍ଗି ଯାଇପାରେ । ମୁଁ ଅନୁଭବ କରୁଛି ଯେ ଯଦି ଏପରି ଘଟଣା ଘଟେ ତେବେ ଏମ୍ଭିଏ ଆଉ ରହିବ ନାହିଁ । ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଲଜ୍ଜାଜନକ ପରାଜୟ ପରଠାରୁ ଏମ୍ଭିଏରେ ସବୁକିଛି ଠିକ୍ ଚାଲିନାହିଁ । ଶିବସେନା-ୟୁବିଟି ନେତା ମିଲିନ୍ଦ ନରଭେକର ନିକଟରେ ଏକ୍ସରେ ଏକ ପୋଷ୍ଟ କରିଥିଲେ ଯେଉଁଥିରେ ସେ ବାବ୍ରି ମସଜିଦ ଭାଙ୍ଗିବା ସହ ଜଡିତ ଏକ ଚିତ୍ର ସେୟାର କରିଥିଲେ । ଯେଉଁଥିରେ ବାଲା ସାହେବ ଠାକରେଙ୍କ ଉକ୍ତିକୁ ଦର୍ଶାଇଥିଲେ । ଏହି ପୋଷ୍ଟରେ ଅବୁ ଆଜମି ନାରାଜ ହୋଇପଡିଥିଲେ ।

# ପୁଣି ବିଗିଡିଲା ଭାରତ- ବାଂଲାଦେଶ ସମ୍ପର୍କ

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ପୁଣି ବିଗିଡିଲା ଭାରତ- ବାଂଲାଦେଶ ସମ୍ପର୍କ। ଦୁଇ ଦେଶ ମଧ୍ୟରେ ହୋଇଥିବା ବ୍ୟାଣ୍ଡୱିଡଥ ଟ୍ରାଞ୍ଜିଟ ଚୁକ୍ତିକୁ ରଦ୍ଦ କରିଛି ବାଂଲାଦେଶ । ଫଳରେ ଦେଶର ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ହାଇସ୍ପିଡ ଇଣ୍ଟରନେଟ ସେବା ଯୋଗାଣ ଯେଉଁ ଆଶା ରହିଥିଲା ତାହା ଧୂଳିସାତ ହୋଇଛି । ଭାରତ ସହ ହୋଇଥିବା ଏହି ରାଜିନାମାକୁ ରଦ୍ଦ କରିଛି ବାଂଲାଦେଶର ଟେଲିକମ୍ୟୁନିକେସନ ରେଗୁଲେଟୋରୀ କମିଶନ ବା ବିଟିଆରସି । ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଟେଲିକମ ସେବା ଲାଗି ବାଂଲାଦେଶର ସମିଟ କମ୍ୟୁନିକେସନ୍ସ ଓ ଫାଇବର ଆଟ ହୋମ ସଂସ୍ଥା ସହ ଭାରତର ପ୍ରମୁଖ ଟେଲିକମ କମ୍ପାନୀ ଭାରତୀ ଏୟାରଟେଲ ମିଳିତ



ଭାବେ କାର୍ଯ୍ୟ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ବାଂଲାଦେଶର ଏହି ପଦକ୍ଷେପ ଯୋଗୁ ଉତ୍ତର ପୂର୍ବାଞ୍ଚଳରେ ଡିଜିଟାଲ କନେକ୍ଟିଭିଟି ବୃଦ୍ଧି ନେଇ ଭାରତ ଯେଉଁ ଆଶା କରିଥିଲା ତାହା ସ୍ୱପ୍ନରେ ହିଁ ରହିଯାଇଛି । ଭାରତର ଭୌଗଳିକ ସମସ୍ୟା ମଧ୍ୟରେ ଉବୁଟୁବୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଉଚ୍ଚମାନର ଟେଲିକମ ସେବା ଉପଲବ୍ଧ ହୋଇପାରିନାହିଁ । ଏହାକୁ ଦୃଷ୍ଟିରେ ରଖି ଦୁଇ ଦେଶ ମଧ୍ୟରେ ହୋଇଥିଲା ବ୍ୟାଣ୍ଡୱିଡଥ୍ ଟ୍ରାଞ୍ଜିଟ ରାଜିନାମା । ସେପଟେ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣର ପ୍ରତିବାଦରେ କୋଲକାତାରେ ତୃଣମୂଳ କଂଗ୍ରେସ ପକ୍ଷରୁ ଆୟୋଜିତ ହୋଇଛି ବଡ ଧରଣର ରାଲି । ସେଠାରେ ହିନ୍ଦୁଙ୍କ ସୁରକ୍ଷା ଦାବି କରିଛନ୍ତି ନେତା ।

# ୟୁକ୍ରେନକୁ ଆମେରିକା ଦେବ ୧ ବିଲିୟନ ଡଲାର ସହାୟତା

**ଓ୍ୱାଶିଂଟନ,୯।୧୨(ଏଜେନ୍ସି):** ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ପାଇଁ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ଓଲିଉଡ ଅଷ୍ଟିନ କହିଛନ୍ତି ଯେ, ପ୍ରାୟ ଏକ ବିଲିୟନ ଆମେରିକୀୟ ଡଲାର ଅଧିକ ସହାୟତା ଯୋଗାଇ ଦିଆଯିବ । କୁହାଯାଉଛି ଯେ, ନୂତନ ନିର୍ବାଚିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ମାସରେ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନ ୟୁକ୍ରେନକୁ ମଜବୁତ କରିବା ପାଇଁ କଂଗ୍ରେସ ଅନୁମୋଦନ କରିଥିବା ସମସ୍ତ ଅର୍ଥ ପ୍ରଦାନ କରିବାକୁ ଚାହୁଁଛି । ନୂତନ ସହାୟତା ହାଇ ମୋବିଲିଟି ଆର୍ଟିଲିରି ରକେଟ୍ ସିଷ୍ଟମ୍ ତଥା ଏଚଆଇଏମଆରଏସ ପାଇଁ ଡ୍ରୋନ୍ ଏବଂ ଗୋଳାବାରୁଦ ଯୋଗାଇବ । ୟୁକ୍ରେନ ପାଇଁ ବର୍ତ୍ତମାନ ଏହି ଅସ୍ତ୍ରଶସ୍ତ୍ରଗୁଡିକର ବହୁତ ଆବଶ୍ୟକତା ରହିଛି, ଯାହା ୟୁକ୍ରେନକୁ ସୁରକ୍ଷା ସହାୟତା ପଦକ୍ଷେପ ମାଧ୍ୟମରେ ଯୋଗାଇ ଦିଆଯିବ । ଏହା ସହିତ, ପ୍ରଦାନ କରାଯାଇଥିବା ଅସ୍ତ୍ରଶସ୍ତ୍ରଗୁଡିକ ୟୁକ୍ରେନ ସେନ୍ୟବାହିନୀର ଭବିଷ୍ୟତ ସାମର୍ଥ୍ୟକୁ ବାଢ଼ାଇବା ଏବଂ ଯୁଦ୍ଧକ୍ଷେତ୍ରରେ ତୁରନ୍ତ ପରିବର୍ତ୍ତନ ଆଣିବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି । ଆମେରିକାର ୯୮.୮ କୋଟି ଡଲାରର ଏହି ପ୍ୟାକେଜ୍ ସୋମବାର



ଘୋଷିତ କରିବ। ଏହା ୭.୨୫ କୋଟି ଡଲାରର ସାମରିକ ସହାୟତା ଠାରୁ ଭିନ୍ନ ବୋଲି କୁହାଯାଉଛି । କିଛି ଦିନ ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନ ରୁଷିଆ ଉପରେ ଆକ୍ରମଣ କରିବା ପାଇଁ ଦୀର୍ଘ ଦୂରଗାମୀ ଆମେରିକୀୟ କ୍ଷେପଣାସ୍ତ୍ର ବ୍ୟବହାର କରିବା ପାଇଁ ସବୁଜ ସଙ୍କେତ ଦେଇଥିଲେ । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଦୀର୍ଘ ଦିନ ଧରି ଆମେରିକାର କ୍ଷେପଣାସ୍ତ୍ର ବ୍ୟବହାର କରି ରୁଷିଆ ଭିତରେ ଟାର୍ଗେଟରେ ଆକ୍ରମଣ କରିବା ପାଇଁ ଆର୍ମି ଟାକ୍ଟିକାଲ୍ ମିସାଇଲ୍ ସିଷ୍ଟମ୍ ବ୍ୟବହାର କରିବାକୁ ଅନୁମତି ଲୋଡିଥିଲେ । ଅଟାକମସ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୩୦୦ କିଲୋମିଟର (୧୮୬ ମାଇଲ୍) ପର୍ଯ୍ୟନ୍ତ ରହିଛି । ଫେବୃଆରୀ ୨୦୨୨ରେ ରୁଷିଆର ଆକ୍ରମଣ ପରଠାରୁ ଆମେରିକା ୟୁକ୍ରେନକୁ ୬୨ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟର ସାମରିକ ସହାୟତା ଯୋଗାଇ ଦେଇଛି । ଏହା ସହିତ ଅଷ୍ଟିନ କହିଛନ୍ତି ଯେ ଏହି ସହାୟତା ପ୍ରଦାନ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ। ଯେତେବେଳେ ୟୁକ୍ରେନ ପାଇଁ ଟ୍ରମ୍ପ ପ୍ରଶାସନ ସାମରିକ ସମର୍ଥନ ଜାରି ରଖିବେ କି ବୋଲି ପଚରାଯିବାରୁ ସେ କହିଛନ୍ତି, ସାହାଯ୍ୟ କରିବାର ନିଷ୍ପତ୍ତି ଆମେ ନିଜ ଇଚ୍ଛାରେ ଗ୍ରହଣ କରିଛୁ । ପରବର୍ତ୍ତୀ ପ୍ରଶାସନ ପରବର୍ତ୍ତୀ ସହାୟତା ପାଇଁ ନିଜସ୍ୱ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# ସିଲିଣ୍ଡର ଫାଟି ଜଳିଗଲେ ୬ ଜଣ

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ରାଜଧାନୀ ଦିଲ୍ଲୀରେ ଅଘଟଣ । ସିଲିଣ୍ଡର ଫାଟି ଜଳିଗଲେ ଗୋଟିଏ ପରିବାରର ୬ ଜଣ । ତେବେ ଦିଲ୍ଲୀର ନରେଲାରେ ଏଭଳି ଘଟଣା ସାମ୍ନାକୁ ଆସିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ତେବେ ଆହତମାନଙ୍କ ମଧ୍ୟରେ ୪୦ ବର୍ଷୀୟ ରାଜୁ, ତାଙ୍କ ପତ୍ନୀ ରାଜେଶ୍ୱରୀ, ୧୮ ବର୍ଷୀୟ ରାହୁଲ ଏବଂ ତିନି ଛୋଟ ଝିଅ ଥିବା ଜଣାପଡିଛି। ସୂଚନା ମୁତାବକ, ପରିବାର ଜଣେ ସଦସ୍ୟ ରୋଷେଇ କରୁଥିଲା । ସେହି ସମୟରେ ହଠାତ ସିଲିଣ୍ଡର ଫାଟି ଭୁଶୁଡି ପଡିଥିଲା । ଫଳରେ ପରିବାରର ସମସ୍ତେ ଜଳିଯାଇଥିଲେ । ଏନେଇ ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି । ଏଥିସହ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ପ୍ରକାଶ ଥାଉକି, ସେହିପରି ଗତ ଦୁଇ ଦିନ ତଳେ ଅର୍ଥାତ ଶୁକ୍ରବାର ଦିନ ସେହି ଅଞ୍ଚଳରେ ସିଲିଣ୍ଡର ଫାଟି ଜଳି ଯାଇଥିଲେ । ଏନେଇ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ପୋଲିସ ଏହି ଘଟଣାର ଏକ ମାମଲା ରୁଜୁ କରି ଯାଞ୍ଚ କରୁଛି ।

# 'ୟୁପିରେ ମୁସଲମାନଙ୍କୁ ମଧ୍ୟ ନିର୍ଯାତନା ଦିଆଯାଉଛି'

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ବାଂଲାଦେଶ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ସଂଖ୍ୟାଲଘୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି ନ୍ୟାସନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁଖ୍ ଅବଦୁଲ୍ଲା । ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ ବର୍ଣ୍ଣନା କରି କହିଛନ୍ତି ଯେ, ସମସ୍ତ ଧର୍ମର ଲୋକଙ୍କୁ ସମ୍ମାନ ଦିଆଯିବା ଉଚିତ୍ । ଏଥି ସହ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନୀରବତା ରକ୍ଷା କରିଥିବା ଅଭିଯୋଗ କରିଛନ୍ତି । ଫାରୁକ୍ ଅବଦୁଲ୍ଲା କହିଛନ୍ତି କି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, କାରଣ ଅନ୍ୟ ଧର୍ମର ଲୋକମାନେ ମଧ୍ୟ ସେଠାରେ ରୁହନ୍ତି। ସେମାନେ ଅନ୍ୟ ଧର୍ମର ଲୋକଙ୍କୁ ମଧ୍ୟ ସମ୍ମାନ ଦେବା ଉଚିତ୍ । ଏଥିସହ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ କୌଣସି ଠୋସ୍ ପଦକ୍ଷେପ



ନେଉନାହାଁନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । କେନ୍ଦ୍ରର ନିରବତା ଉପରେ ପ୍ରଶ୍ନ ଉଠାଇ ସେ କହିଛନ୍ତି ଯେ, ଭାରତର ପଡୋଶୀ ଦେଶରେ ଘଟୁଥିବା ମାନବିକ ଅଧିକାରର ଉଲ୍ଲଂଘନ ଉପରେ ଦୃଢ ପ୍ରତିକ୍ରିୟା ଦେବା ସରକାରଙ୍କ ଦାୟିତ୍ୱ ଅଟେ । ଫାରୁକ୍ ଅବଦୁଲ୍ଲା ମଧ୍ୟ ଉତ୍ତରପ୍ରଦେଶରେ ମୁସଲମାନ ମାନଙ୍କ ବିରୋଧରେ ଘଟୁଥିବା ଘଟଣାକୁ ଉଠାଇଛନ୍ତି । ସେ କହିଛନ୍ତି,ଉତ୍ତରପ୍ରଦେଶରେ ମୁସଲମାନ ମାନଙ୍କୁ ନିର୍ଯାତନା ଦିଆଯାଉଛି। ସେମାନଙ୍କର ମସଜିଦ ଓ ଘର ଭାଙ୍ଗି ଦିଆଯାଉଛି । ଏହାକୁ ଏକ ଗୁରୁତର ବିଷୟ ବୋଲି ବର୍ଣ୍ଣନା କରି ସେ । କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ହାତକୁ ନେବାକୁ କହିଛନ୍ତି । ଅବଦୁଲ୍ଲା କହିଛନ୍ତି ଯେ କୌଣସି ଧର୍ମ କିମ୍ବା ସମ୍ପ୍ରଦାୟକୁ ଟାର୍ଗେଟ କରିବା ଭୁଲ ଏବଂ ସରକାର ଏଭଳି ଘଟଣାକୁ କଠୋର ବନ୍ଦ କରିବା ଉଚିତ୍ । ମନ୍ଦିର ଉପରେ ଆକ୍ରମଣ, ଘର ଜାଳିବା ଏବଂ ସାମ୍ପ୍ରଦାୟିକ ଉତ୍ତେଜନା ଘଟଣା ଏବେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିଛି । ଏଥି ସହିତ ଭାରତରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଧର୍ମ ବିରୁଦ୍ଧରେ ହୋଇଥିବା ଅତ୍ୟାଚାର ଉପରେ ପ୍ରଶ୍ନ ଉଠିଛି । ତେବେ ଫାରୁକ୍ ଅବଦୁଲ୍ଲାଙ୍କ ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ଏବଂ ସେମାନଙ୍କର ଅଧିକାରକୁ ନେଇ ବିତର୍କ ତୀବ୍ର ହେଉଛି ।

# ଦକ୍ଷିଣ କୋରିଆରେ ଦ୍ରୁତ ଗତିରେ କମୁଛି ପ୍ରଜନନ ହାର

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଦ୍ରୁତ ଆଧୁନିକୀକରଣ ଓ ଅର୍ଥନୈତିକ ଅଭିବୃଦ୍ଧି ଲାଗି ଏକଦା ପ୍ରସିଦ୍ଧ ଥିଲା ଦକ୍ଷିଣ କୋରିଆ । କିନ୍ତୁ ବର୍ତ୍ତମାନ ତାହା ଜନସଂଖ୍ୟା ହ୍ରାସ ଜନିତ ସଙ୍କଟ ଯୋଗୁ ସମସ୍ୟାରେ । ଦେଶ ଇତିହାସରେ ଜନ୍ମହାର ଏବେ ରେକର୍ଡ ନିମ୍ନ ସ୍ତରରେ ରହିଛି। ବିଶେଷଜ୍ଞମାନେ ଏହାକୁ ବିପଦର ଘଣ୍ଟି ଭାବେ ମନେ କରୁଛନ୍ତି । ଯଦି ଏହି ଧାରା ଜାରି ରହେ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଦେଶର ଜନସଂଖ୍ୟା ଦୁଇ ତୃତୀୟାଂଶ ଯାଏ କମିପାରେ। ଏହାଯୋଗୁ ଦେଶର ଅସ୍ତିତ୍ୱ ବିପଦରେ ପଡ଼ିଯିବ। ଏପରିକି ଦକ୍ଷିଣ କୋରିଆ ପୃଥିବୀପୃଷ୍ଠରୁ ଗାଏବ ହେବାରେ ପ୍ରଥମ ଦେଶ ହୋଇପାରେ ବୋଲି ମଧ୍ୟ ବିଶେଷଜ୍ଞମାନେ ଆକଳନ କରୁଛନ୍ତି । ୧୯୬୦ରେ ଦକ୍ଷିଣ କୋରିଆରେ ଜନସଂଖ୍ୟା କମ୍ କରିବା ଲାଗି ତତ୍କାଳୀନ ସରକାର ବିଭିନ୍ନ ପରିବାର ନିୟୋଜନ ନୀତି ଲାଗୁ କରିଥିଲେ । ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଯୋଗୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ପ୍ରଭାବିତ ହେବ ବୋଲି ମନେ କରାଯାଉଥିଲା । ବିଶ୍ୱ ହାରାହାରି ତୁଳନାରେ ସେତେବେଳେ ଦକ୍ଷିଣ କୋରିଆରେ ବ୍ୟକ୍ତି ପିଛା ଆୟ ମାତ୍ର ୨୦ ପ୍ରତିଶତ ଥିଲା । ପ୍ରଜନନ ହାର ମହିଳା ପିଛା ୬ ପିଲା ରହିଥିଲା । ୧୯୮୨ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ସହିତ ସେଠାରେ ପ୍ରଜନନ ହାର ୨.୪କୁ ଖସି ଆସିଲା । ପରବର୍ତ୍ତୀ କିଛି ଦଶକ ଧରି ଦେଶରେ ପ୍ରଜନନ ହାରରେ ଦ୍ରୁତ ହ୍ରାସ ଜାରି ରହିଥିଲା । ବର୍ତ୍ତମାନ ଏହା ସଙ୍କଟ ସୃଷ୍ଟି କରିଛି । ୨୦୨୩ରେ ଦକ୍ଷିଣ କୋରିଆରେ ମହିଳାଙ୍କ ପିଛା ଜନ୍ମ ହାର ୦.୭୨ ରେକର୍ଡ ନିମ୍ନ ସ୍ତରରେ ପହଞ୍ଚିଥିଲା । ଚଳିତ ବର୍ଷ ଶେଷ ସୁଦ୍ଧା ତାହା ଆହୁରି କମି ୦.୬ ହେବାର ଆଶଙ୍କା ରହିଛି । ବର୍ତ୍ତମାନ ବିଶ୍ୱରେ ହାରାହାରି ପ୍ରଜନନ ହାର ୨.୩ ଥିବାବେଳେ ଦକ୍ଷିଣ କୋରିଆର ପ୍ରଜନନ ହାର ସାରା ବିଶ୍ୱରେ ସର୍ବନିମ୍ନ । ସେପଟେ ଦେଶରେ ବୟସ୍କ ଲୋକଙ୍କ ସଂଖ୍ୟା ମଧ୍ୟ ତୀବ୍ର ଗତିରେ ବୃଦ୍ଧି ପାଉଛି ।୨୦୧୯ରେ ଦେଶରେ ବୟସ୍କଙ୍କ ଜନସଂଖ୍ୟା ୧୪.୯ ପ୍ରତିଶତ ଥିବାବେଳେ ୨୦୬୭ରେ ତାହା ୪୬.୫ ପ୍ରତିଶତ ହେବାର ଆକଳନ ରହିଛି । ଏଭଳି ସ୍ଥିତିରେ ବିଶେଷଜ୍ଞମାନେ ଜନସଂଖ୍ୟା ହ୍ରାସ ନେଇ ଉଦ୍ବେଗ ପ୍ରକାଶ କରୁଛନ୍ତି । ବର୍ତ୍ତମାନ ଦେଶର ଜନସଂଖ୍ୟା ୫୨ ନିୟୁତ ରହିଛି । ଚଳିତ ଶତାବ୍ଦୀର ଶେଷ ବେଳକୁ ତାହା ଦୁଇ ତୃତୀୟାଂଶ ଯାଏ କମିପାରେ ବୋଲି ଆକଳନ ହେଉଛି । ଏହି ସ୍ଥିତି ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ ବି କରିପାରେ । ଦେଶରେ ଜନସଂଖ୍ୟା ହ୍ରାସ ସଙ୍କଟର ବିଭିନ୍ନ କାରଣ ରହିଛି । ସେଥିମଧ୍ୟରୁ ପ୍ରଥମଟି ହେଲା କଷ୍ଟ ଅଫ୍ ଲିଭିଂ(ଦୈନନ୍ଦିନର ଖର୍ଚ୍ଚ) ଲଗାତର ବଢିବା । ଦୈନନ୍ଦିନର ଖର୍ଚ୍ଚ ବୃଦ୍ଧିକୁ ଦୃଷ୍ଟିରେ ରଖି ଦମ୍ପତି ଅଧିକ ସନ୍ତାନ ଜନ୍ମ କରିବାକୁ ଚାହୁଁନାହାନ୍ତି । ଦ୍ୱିତୀୟଟି ହେଲା କମ୍ ପ୍ରଜନନ ହାର । ଦକ୍ଷିଣ କୋରିଆରେ ପ୍ରଜନନ ହାର ସାରା ବିଶ୍ୱରେ ସବୁଠୁ କମ୍ ରହିଛି । ସହରାଞ୍ଚଳରେ ମହିଳାମାନେ ସନ୍ତାନ ଜନ୍ମ ବଦଳରେ ନିଜର କ୍ୟାରିୟରକୁ ପ୍ରାଥମିକତା ଦେଉଛନ୍ତି । ଘରକାମରେ ମହିଳାମାନେ ପୁରୁଷଙ୍କଠାରୁ ସମାନ ଭାଗିଦାରୀ ଆଶା କରୁଛନ୍ତି । ଚଳିତବର୍ଷ କରାଯାଇଥିବା ଏକ ସର୍ଭେ ଅନୁସାରେ ସେଠାକାର ୯୩ ପ୍ରତିଶତ ମହିଳା ବିବାହ କରିବାକୁ ଚାହୁଁନାହାନ୍ତି । ସନ୍ତାନ ଜନ୍ମ ଓ ଘରକାମକୁ ସେମାନେ ବୋଝ ବୋଲି ମନେ କରୁଛନ୍ତି ।

# ବିଜେପି ଗଣତନ୍ତ୍ର-କୂଟନୀତି ବୁଝି ନ ପାରି ହୀନ ରାଜନୀତି କରୁଛି

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** କଂଗ୍ରେସର ବରିଷ୍ଠ ନେତା ଶଶି ଥରୁର ରବିବାର ଭାରତୀୟ ଜନତା ପାର୍ଟି(ବିଜେପି) ପକ୍ଷରୁ ଆମେରିକା ସ୍ୱରାଷ୍ଟ୍ର ବିଭାଗ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ସମାଲୋଚନା କରିଛନ୍ତି । ଏଭଳି ମାନସିକତା ଏବଂ ଆକ୍ରମଣାତ୍ମକ ଆଚରଣ ଭାରତ ପାଇଁ ଲଜ୍ଜାଜନକ ବିଷୟ ବୋଲି ଶଶି ଥରୁର କହିଛନ୍ତି । ଭାରତକୁ ଅସ୍ଥିର କରିବା ପାଇଁ ଆମେରିକାର ଡିପ୍ ଷ୍ଟେଟ୍ ଉପାଦାନଗୁଡିକ କାର୍ଯ୍ୟ କରୁଥିବା ବିଜେପିର ଅଭିଯୋଗକୁ ଆମେରିକା ପ୍ରତ୍ୟାଖ୍ୟାନ କରିଛି । କଂଗ୍ରେସ ନେତା ଶଶି ଥରୁର ଏହାକୁ ନେଇ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ବିଜେପି ସଦସ୍ୟମାନେ ଉଭୟ ଗଣତନ୍ତ୍ର ଏବଂ କୂଟନୀତି ବୁଝନ୍ତି ନାହିଁ। ଏହା ଏଥିରୁ ସ୍ପଷ୍ଟ ହୋଇଛି । ବିଜେପି ସଦସ୍ୟମାନେ ହୀନ ରାଜନୀତିରେ ଅନ୍ଧ ହୋଇଯାଇଛନ୍ତି । ସେମାନେ ଏକ ଗଣମାଧ୍ୟମରେ ଏକ ମୁକ୍ତ ପ୍ରେସ୍ ଏବଂ ସ୍ୱାଧୀନ ନାଗରିକ ସମାଜ ସଂଗଠନର ମହତ୍ତ୍ୱକୁ ଭୁଲିଯାଉଛନ୍ତି । ପ୍ରମୁଖ ବିଦେଶୀ ଦେଶମାନଙ୍କ ସହିତ ଭଲ ସମ୍ପର୍କ ବଜାୟ ରଖିବାରେ ଶାସକ ଦଳର ଦାୟିତ୍ୱବୋଧକୁ ବିଜେପି ଅବହେଳା କରୁଛି । ଏହି ଆକ୍ରମଣାତ୍ମକ ଆଚରଣ ଭାରତ ପାଇଁ ଲଜ୍ଜାଜନକ ବିଷୟ । ବିଜେପି କହିଛି ଯେ ରାହୁଲ ଗାନ୍ଧୀ ଆଦାନୀ ଗ୍ରୁପ ଉପରେ



ଆକ୍ରମଣ କରିବା ପାଇଁ ଓସିସିଆରପି ରିପୋର୍ଟ ବ୍ୟବହାର କରି ଆଦାନୀ ଗ୍ରୁପକୁ ବର୍ତ୍ତମାନର ସରକାରଙ୍କ ନିକଟତର ବୋଲି ଅଭିଯୋଗ କରିଥିଲେ। ଗୁରୁବାର ଦିନ ବିଜେପି ଅଭିଯୋଗ କରିଥିଲା ଯେ ଆମେରିକାର ଡିପ୍ ଷ୍ଟେଟ୍ ମିଡିଆ ପୋର୍ଟାଲ ସଂଗଠିତ ଅପରାଧ ଏବଂ ଦୁର୍ନୀତି ରିପୋର୍ଟ ପ୍ରକଳ୍ପ(ଓସିସିଆରପି) ଭାରତର ଭାବମୂର୍ତ୍ତିକୁ ନଷ୍ଟ କରିବାକୁ ଭାରତୀୟ ବିରୋଧୀ ଦଳର ନେତାଙ୍କ ସହ ହାତ ମିଳାଇଛି । ଓସିସିଆରପିର ମୁଖ୍ୟାଳୟ ଆମଷ୍ଟରଡାମରେ ରହିଛି । ଏହା ଏକ ମିଡିଆ ପ୍ଲାଟଫର୍ମ ଯାହା ମୁଖ୍ୟତଃ ଅପରାଧ ଏବଂ ଦୁର୍ନୀତି ସହ ଜଡିତ କାହାଣୀ ଉପରେ ଧ୍ୟାନ ଦେଇଥାଏ। ବିଜେପି ମିଡିଆପାର୍ଟ ଦ୍ୱାରା ପ୍ରକାଶିତ ଏକ ଫରାସୀ ଗଣମାଧ୍ୟମର ରିପୋର୍ଟ ଆଧାରରେ କହିଥିଲା ଯେ ଆମେରିକାର ବୈଦେଶିକ ବିଭାଗର ୟୁଏସଏଆଇଡି ଦ୍ୱାରା ଜର୍ଜ ସୋରୋସ୍ ଏବଂ ରକଫେଲର୍ ଫାଉଣ୍ଡେସନ୍ ଦ୍ୱାରା ଓସିସିଆରପି ଆର୍ଥିକ ଅନୁଦାନ ପ୍ରାପ୍ତ । ଓସିସିଆରପିର ୫୦% ଅର୍ଥ ସିଧାସଳଖ ଆମେରିକାର ବୈଦେଶିକ ବିଭାଗରୁ ଆସିଥାଏ । ତେଣୁ, ଓସିସିଆରପି ଡିପ୍ ଷ୍ଟେଟ୍ ଏଜେଣ୍ଡାକୁ ଆଗକୁ ନେବା ପାଇଁ ଏକ ମିଡିଆ ଉପକରଣ ଭାବରେ କାର୍ଯ୍ୟ କରିଥାଏ ବୋଲି ବିଜେପି ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ କରି ଏହା କହିଥିଲା । ବିଜେପିର ଏଭଳି ମନ୍ତବ୍ୟ ନେଇ ଶଶି ଥରୁର କଡ଼ା ସମାଲୋଚନା କରିଛନ୍ତି ।

# ପୋଡି ଗଲା ୩୦ କୋଟିର ବିବାହ ମଣ୍ଡପ

**ମନାଲି,୯।୧୨(ଏଜେନ୍ସି):** ହିମାଚଳ ପ୍ରଦେଶର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥାନ ମନାଲିର ଏକ ରିସୋର୍ଟ ନିଆଁରେ ପୋଡି ପାଉଁଶ ହୋଇଯାଇଛି । ଏହି ରିସୋର୍ଟ କାଠରେ ତିଆରି ହୋଇଥିଲା ଏହାର ମୂଲ୍ୟ ପ୍ରାୟ ୩୦ କୋଟି ଟଙ୍କା ବୋଲି କୁହାଯାଉଛି । ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ରିସୋର୍ଟ ଜଳୁଥିବାର ଦେଖିବାକୁ ମିଳିଛି ହିମାଚଳ ପ୍ରଦେଶର ମନାଲିରେ ଥିବା ସନ୍ଧ୍ୟା ରିସୋର୍ଟରେ ହଠାତ୍ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା । ଏହି ଅଗ୍ନିକାଣ୍ଡ ଯୋଗୁଁ ରିସୋର୍ଟଟି ପାଉଁଶ ହୋଇଯାଇଥିଲା। ତେବେ ସୌଭାଗ୍ୟବଶତଃ ଅଗ୍ନିକାଣ୍ଡ ବେଳେ ଏହିରିସୋର୍ଟରେ କେହିନଥିଲେ କି କୌଣସି କାର୍ଯ୍ୟକ୍ରମ ହେଉନଥିଲା ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ ସଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିଲା । ଆଉ ରିସୋର୍ଟଟି ସମ୍ପୂର୍ଣ୍ଣ ଭାବେ କଥାରେ ନିର୍ମିତ ହୋଇଥିବାରୁ ନିଆଁ ବ୍ୟାପିଯାଇଥିଲା। ଏହି ଘଟଣା ପରେ ଏବେ ଅନ୍ୟ ରିସୋର୍ଟ ମାଲିକମାନଙ୍କ ମଧ୍ୟରେ ଛନକା ପଶିଛି । କାରଣ ମନାଲିରେ ଅଧିକାଂଶ ରିସୋର୍ଟ କାଠରେ ନିର୍ମିତ ହୋଇଥିବାବେଳେ ଅଗ୍ନି ପ୍ରତିରୋଧ ପାଇଁ ସେଭଳି କୌଣସି ବ୍ୟବସ୍ଥା ନାହିଁ ।ସ୍ଥାନୀୟ ଲୋକଙ୍କ କହିବା ମୁତବକ ନିଆଁ ଲାଗିବା ସମୟରେ କୌଣସି ଲୋକ ନଥିଲେ ନଚେତ ବଡ଼ଧରଣର ଜୀବନହାନୀ ଘଟିଥାନ୍ତା ।

## ସର୍ବଭାରତୀୟ ହକି ଚାମ୍ପିୟନଶିପ ନେଇ ପ୍ରସ୍ତୁତି ବୈଠକ

# ୨୭ ପୁରୁଷ ଏବଂ ୧୦ଟି ମହିଳା ଟିମ୍ ଅଂଶଗ୍ରହଣ କରିବେ



ଭୁବନେଶ୍ୱର,୯।୧୨: ଆସନ୍ତା ମାର୍ଚ୍ଚ ମାସରେ ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଭୁବନେଶ୍ବର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ୭୩ତମ ସର୍ବଭାରତୀୟ ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଚାମ୍ପିୟନଶିପକୁ ଶୃଙ୍ଖଳିତ, ସୁପରିଚାଳନା ସମେତ ବ୍ୟାପକ ବନ୍ଦୋବସ୍ତର ଆୟୋଜନ ସଂକ୍ରାନ୍ତରେ ଡିଜିପି ଶ୍ରୀ ଖୁରାନିଆ। ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଚାମ୍ପିୟନସିପରେ ଦେଶର ୨୭ଟି ପୁରୁଷ ଏବଂ ୧୦ଟି ମହିଳା ଟିମ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଖେଳାଳିଙ୍କ ରହିବା ସ୍ଥାନ, ନିୟମିତ ଅଭ୍ୟାସ, ଅତିଥିଙ୍କୁ ସ୍ୱାଗତ, ଉଦଘାଟନ ଓ ଉଦଯାପନୀ ସମାରୋହକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଡିଜିପି ବୈଠକରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖେଳାଳିମାନେ କଳିଙ୍ଗ ଷ୍ଟାଡିୟମ ସମେତ ପୋଖରୀପୁଟ ଓ କିଟ କ୍ୟାମ୍ପସ ଗ୍ରାଉଣ୍ଡରେ ଅଭ୍ୟାସ କରିବେ।ଏଥି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।ଏହା ସହ ଏହି ଚାମ୍ପିୟନସିପରେ ବହୁ ଅନ୍ତର୍ଜାତୀୟ ହକି ଖେଳାଳିଙ୍କ ସମେତ ଭିଭିଆଇପି ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷ ଯୋଗ ଦେବାର ସମ୍ଭାବନା ରହିଛି।ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି ଏହା ସହ ଖେଳାଳିଙ୍କୁ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ।

ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନୀକିକରଣ), ଏସ.କେ. ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଏସସିଆରବି ଏବଂ ଏସଏଫଏସଏଲ), ଡ. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ଅତିରିକ୍ତ ପୋଲିସ କମିଶନର (କଟକ-ଭୁବନେଶ୍ୱର), ଡ. ଉମାଶଙ୍କର ଦାଶ, ଡି.ଆଇ.ଜି.ପି (ଅପରେସନ), ଅଖିଳେଶ୍ୱର ସିଂ, ଡି.ଆଇ.ଜି.ପି (ଏସଆଇଡବ୍ଲ୍ୟୁ) ଡ. କନର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ହକି ଇଣ୍ଡିଆ ଲିଗ୍ ପାଇଁ ଷ୍ଟାଡିୟମ ସ୍ଥିତି ପରଖିଲେ ପ୍ରତିନିଧି

ରାଉରକେଲା,୯।୧୨: ପୁଣି ଥରେ ରାଉରକେଲାକୁ ଫେରିବ ହକି ଆସନ୍ତା ୨୮ ତାରିଖରୁ ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଇଣ୍ଡିଆ। ଲିଗ୍ ଆରମ୍ଭ ହେବ। ଏଠାରେ ମୋଟ୍ ୮ଟି ଫ୍ରାଞ୍ଚାଇଜି ସହବନ୍ଧିତ ଭାରତୀୟ ଓ ବିଦେଶୀ ଖେଳାଳି ନିଜର କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିବେ। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ହକି ଇଣ୍ଡିଆର ଏକ ପ୍ରତିନିଧି ଦଳ ରାଉରକେଲାରେ ପହଞ୍ଚିଛନ୍ତି। ରବିବାର ପୂର୍ବାହ୍ନରେ ପ୍ରତିନିଧି ଦଳ ବିର୍ସା ମୁଣ୍ଡା ଷ୍ଟାଡିୟମରେ ପହଞ୍ଚି ସୁବିଧାସୁଯୋଗ ତଦାରଖ କରିଥିଲେ।

ଆଷ୍ଟ୍ରୋଟର୍ଫ ସମେତ ଦର୍ଶକ ଗ୍ୟାଲେରୀ, ଶୌଚାଳୟ, ପାର୍କିଂସ୍ଥଳୀ, ପ୍ରବେଶ ପଥ, ଆଦି ଆନୁସଙ୍ଗିକ ବ୍ୟବସ୍ଥା ବୁଲି ଦେଖିଥିଲେ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ଉଲ୍ଲେଖଯୋଗ୍ୟ, ସମସ୍ତ ୮ଟି ଫ୍ରାଞ୍ଚାଇଜର ଖେଳାଳି ସ୍ଥାନୀୟ ମେ ଫେୟାର ବିଶ୍ୱକପ ଗ୍ରାମରେ ରହିବେ। ଡିସେମ୍ବର ୨୦ ତାରିଖ ପରେ ଖେଳାଳିମାନେ ରାଉରକେଲାରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଷ୍ଟାଡିୟମକୁ ଆନୁଷ୍ଠାନିକ ଭାବେ ହକି ଇଣ୍ଡିଆକୁ ହସ୍ତାନ୍ତର କରାଯାଇଛି।

## ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଦର୍ଶକଙ୍କୁ ଆକୃଷ୍ଟ କରୁଛି



**ପୁରୀ,୯।୧୨(ମହାଭାରତ):** ପୁରୀ ଷ୍ଟର୍ଲିଂ ଛକ ନିକଟରେ ଆରମ୍ଭ ହୋଇଥିବା ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଦର୍ଶକ ଙ୍କୁ ଆକୃଷ୍ଟ କରୁଛି। ଦର୍ଶକ ମାନେ ଓ ପିଲା ମାନେ ବିଭିନ୍ନ ରାଜ୍ୟର ସାଇକେଲ ଚାଳକ ପ୍ରତିଯୋଗୀଙ୍କ ଦ୍ରୁତ ସାଇକେଲ ଚାଳନା ଦେଖିବା ସହ ସେମାନ ଙ୍କୁ ଉତ୍ସାହିତ କରୁଛନ୍ତି। ବିଭିନ୍ନ ବୟସ ବର୍ଗ ଓ ଇଭେଣ୍ଟରେ ପ୍ରତିଯୋଗିତା ହେଉଥିବାରୁ ପ୍ରତିଯୋଗିତା ମଧ୍ୟ ତୀବ୍ର ହେଉଛି ଯାହା ଦର୍ଶକ ଙ୍କୁ ବେଶ ଆନନ୍ଦ ଦେଉଛି ।

ପୁରୁଷ ଇଲାଇଟ ବର୍ଗରେ ପଞ୍ଜାବ ର ହର୍ଷବୀର ସିଂ ସେଖନ ସ୍ୱର୍ଣ୍ଣ, ଆରଏସପିବି ର ଭିସାବଜିତ ସିଂ ରୌପ୍ୟ ଓ ଏସଏସସିବିର ଦୀନେଶ କୁମାର ବ୍ରୋଞ୍ଜ ପଦକ ହାସଲ କରିଥିଲେଇଲାଇଟ ମହିଳା ବର୍ଗରେ ପଞ୍ଜାବ ର ଜଶମିର କୌର ସେଖନ ସ୍ୱର୍ଣ୍ଣ, ଆରଏସପିବି ର ମେଘା ଗୁଗଡ ରୌପ୍ୟ ଓ ଏଆଇପିଏସସିବି ର ମୋନିକା ଜାଟ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ପୁରୁଷ ୨୩ ବର୍ଷ ରୁ କମ ବ୍ୟକ୍ତିଗତ ବର୍ଗରେ ଦିଲ୍ଲୀର ଅକ୍ଷର ତ୍ୟାଗୀ ସ୍ୱର୍ଣ୍ଣ, ରାଜସ୍ଥାନ ର ଗୌରାଙ୍ଗ ସିଂ ଗୌର ରୌପ୍ୟ ଓ ଚଣ୍ଡିଗଡର ଜୟ ଡୋଗ୍ରା ବ୍ରୋଞ୍ଜ,ମହିଳା ବର୍ଗରେ ରାଜସ୍ଥାନ ର ହର୍ଷୀତ ଜାଖର ସ୍ୱର୍ଣ୍ଣ, ମହାରାଷ୍ଟ୍ରର ଜୁଇ ନରକର ରୌପ୍ୟ ଓ ରାଜସ୍ଥାନର ମଞ୍ଜୁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସବଜୁନିୟର ବାଳକ ବ୍ୟକ୍ତିଗତ ବର୍ଗରେ ରାଜସ୍ଥାନର ରାମବତାର ଚିସ୍ପା ସ୍ୱର୍ଣ୍ଣ, ରାଜସ୍ଥାନର ମହାବୀର ଶରଣ ରୌପ୍ୟ, ମଣିପୁରର ଜେସିସ ଥୋକଚମ ବ୍ରୋଞ୍ଜ, ବାଳିକା ବର୍ଗରେ ରାଜସ୍ଥାନ ର ଅଞ୍ଜଳି ଜାଖର ସ୍ୱର୍ଣ୍ଣ, ରାଜସ୍ଥାନର ରୁଖମଣୀ ରୌପ୍ୟ ଓ ତାମିଲନାଡୁର ଥବିଆ ବ୍ରୋଞ୍ଜ ପଦକ ହାସଲ କରିଥିଲେପ୍ରତିଯୋଗିତାକୁ ସଫଳ କରାଇବାକୁ ଜାତୀୟ ସାଇକ୍ଲିଂ ଆସୋସିଏସନର ସମ୍ପାଦକ ମନିନନ୍ଦର ସିଂ ପାଲ,ଓଡିଶା ସାଇକ୍ଲିଂ ଆସୋସିଏସନର ସଭାପତି ମିନତୀ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ରାଉତ ଓ ସମସ୍ତ ସଦସ୍ୟ ଅକ୍ଲାନ୍ତ ପରିଶ୍ରମ ଜାରି ରଖିଛନ୍ତି।

ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଜିଲ୍ଲା କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇ ଶ୍ରେଷ୍ଠ କ୍ରୀଡାବିତ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ

# ଓଡ଼ିଶାକୁ ପ୍ରଥମ ସ୍ୱର୍ଣ୍ଣ ପଦକ




ଭୁବନେଶ୍ୱର,୯।୧୨: ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ଚାଲିଥିବା ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପ୍ ରେ ଆଜି ଓଡ଼ିଶାକୁ ପ୍ରଥମ ସ୍ୱର୍ଣ୍ଣ ପଦକ ମିଳିଛି।୨୦ ବର୍ଷରୁ କମ୍ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଦଣ୍ଡପତି ଜୟରାମ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି।

ଜୟରାମଙ୍କ ଏହି ବିଜୟ ପରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ କଳିଙ୍ଗ ଷ୍ଟାଡିୟମ୍ ଠାରେ ସାକ୍ଷାତ କରି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ଆଗାମୀ ଦିନରେ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାମାନଙ୍କରେ ନିଜର ଏହି ବିଜୟଗାଥା ଜାରି ରଖିବାକୁ ସେ ତାଙ୍କୁ ପ୍ରୋତ୍ସାହିତ କରିଥିଲେ।ଏଥିସହ ଜୟରାମଙ୍କ ଏହି ସ୍ବର୍ଣ୍ଣିମ ବିଜୟ ଯୁବ କ୍ରୀଡ଼ାବିତଙ୍କୁ ପ୍ରେରଣା ଯୋଗାଇବା ସହ କ୍ରୀଡ଼ାକ୍ଷେତ୍ରରେ ନିଜର ଭବିଷ୍ୟତ ଗଠନ କରିବା ପାଇଁ ସମସ୍ତ ଯୁବ କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

# ବ୍ୟାଟିଂରେ କମାଲ କଲେ ଶାମି




କୋଲକାତା,୯।୧୨: ଭାରତୀୟ ଟିମର ସ୍ପିଡଷ୍ଟାର ମହମ୍ମଦ ଶାମି ପୁଣିଥରେ ଚର୍ଚ୍ଚାରେ। ସବୁବେଳେ ନିଜ ବୋଲିଂ ପାଇଁ ଚର୍ଚ୍ଚାରେ ରହୁଥିବା ଶାମି ଖୁବଶୀଘ୍ର ଭାରତୀୟ ଟିମକୁ ଫେରିବେ। ଏପରି କି ତାଙ୍କୁ ଅଷ୍ଟ୍ରେଲିଆରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଶେଷ ୨ଟି ଟେଷ୍ଟରେ ମଧ୍ୟ ଦେଖିବାକୁ ମିଳିବ।ଏହାପୂର୍ବରୁ ଶାମି ସୋଶାଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କରିଛନ୍ତି।କିନ୍ତୁ ଏଥର ସେ ନିଜର ବୋଲିଂ ପାଇଁ ନୁହେଁ, ବରଂ ବିସ୍ଫୋରକ ବ୍ୟାଟିଂ ପାଇଁ ଚର୍ଚ୍ଚାକୁ ଆସିଛନ୍ତି।

ଶାମି ତାଙ୍କ ବିସ୍ଫୋରକ ଇନିଂସରେ ୩ଟି ଚୌକା ଓ ୨ଟି ବଡ଼ ଛକା ମାରିଛନ୍ତି। ବେଙ୍ଗଲ ୧୬ ଓଭର ସୁଦ୍ଧା ୮ ୱିକେଟ ହରାଇ କେବଳ ୧୧୪ ରନ କରିଥିଲା। ଏତିକି ବେଳେ ବ୍ୟାଟିଂ କରିବାକୁ ଆସିଥିଲେ ଶାମି ସେ ନିଜ ବ୍ୟାଟକୁ ଖଣ୍ଡା ଭଳି ବୁଲାଇ ଚଣ୍ଡିଗଡ଼ର ବୋଲରଙ୍କୁ କଡ଼ା ପ୍ରହାର କରିଥିଲେ। ୧୮୮.୨୪ ଷ୍ଟ୍ରାଇକ ରେଟରେ ଶାମି ବ୍ୟାଟିଂ କରିବାରୁ ବେଙ୍ଗଲ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୯ ରନ କରିପାରିଥିଲା। ଟପ୍ ଅର୍ଡରେ କରନ ଲାଲ ବେଙ୍ଗଲ ପାଇଁ ସର୍ବାଧିକ ୨୫ ବଲରେ ୩୩ ରନ କରିଥିଲେ। ଶାମି ଦିତୀୟ ସର୍ବୋଚ୍ଚ ସ୍କୋର ମ୍ୟାଚରେ ସାଜିଛନ୍ତି।

ପ୍ରଦୀପ ପରମାଣିକ ୨୪ ବଲରେ ୩୦ ଓ ରିତିକ ଚଟାର୍ଜୀ ୧୨ ବଲରେ ୨୮ ରନର ଇନିଂସ ଖେଳିଛନ୍ତି। ବେଙ୍ଗଲ ୧୫୯ ରନରେ ଅଟକିବାରୁ ଚଣ୍ଡିଗଡ଼ ଏହାକୁ ଚେଜ କରିବା ଆରମ୍ଭ କରିଥିଲା।

ହେଲେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କେବଳ ୧୫୬ ରନ କରିପାରିଥିଲା ବେଙ୍ଗଲ ୩ ରନରେ ମ୍ୟାଚ୍‌କୁ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୋଲିଂରେ ଶାମି ୪ ଓଭରରେ ୨୫ ରନ ଦେଇ ଗୋଟିଏ ୱିକେଟ ନେଇଛନ୍ତି।

ତେବେ ବେଙ୍ଗଲକୁ ମ୍ୟାଚ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସାୟନ ଘୋଷ ସେ ୪ ଓଭରରେ ୩୦ ରନ ଦେଇ ୪ ୱିକେଟ ଦଖଲ କରିବାରୁ ଚଣ୍ଡିଗଡ଼ ୧୬୦ ରନର ଟାର୍ଗେଟକୁ ଛୁଇଁବାରେ ସକ୍ଷମ ହୋଇ ନଥିଲା। ଏଥିପାଇଁ ଘୋଷଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ମିଳିଛି।

# ଖେଳ ଛାଡ଼ି ହେବେ ଡକ୍ଟର ଭେଙ୍କଟେଶ




ନୂଆଦିଲ୍ଲୀ: ଆଇପିଏଲ-୨୦୨୫ ପାଇଁ ବଡ଼ ବଡ଼ ଖେଳାଳିଙ୍କୁ ଦଳରେ ସାମିଲ କରିଛି ପୂର୍ବତନ ଚମ୍ପିଆନ୍ କୋଲକାତା ନାଇଟ ରାଇଡର୍ସ। ରିଟେନସନ ପରେ ଅକ୍ସନରେ ମଧ୍ୟ ଅନେକ ବଡ଼ ଖେଳାଳିଙ୍କୁ ଦଳରେ ସାମିଲ କରିଛି କୋଲକାତା । ତେବେ ଦଳର ଜଣେ ଷ୍ଟାର କ୍ରିକେଟର ଏବେ ଡକ୍ଟର ହେବାକୁ ଯାଉଛନ୍ତି । ପିଏଚଡି ଡିଗ୍ରୀ ହାସଲ କରିବା ପାଇଁ ବର୍ତ୍ତମାନ ପାଠପଢା ଉପରେ ଫୋକସ କରୁଥିବା କହିଛନ୍ତି କେଲକାତାର ଏହି ଷ୍ଟାର ଅଲରାଉଣ୍ଡର ଖୁବଶୀଘ୍ର ତାଙ୍କ ନାମ ଆଗରେ ଲାଗିବାକୁ ଯାଉଛି ଡକ୍ଟର ଉପାଧି ।

ଆଇପିଏଲ-୨୦୨୫ ମେଗା ଅକ୍ସନରେ କୋଲକାତା ଭେଙ୍କଟେଶଙ୍କୁ ୨୩.୭୫ କୋଟିରେ ଦଳରେ ସାମିଲ କରିଛି। ତେବେ ଅକ୍ସନ ପରେ ଏହି ଷ୍ଟାର କ୍ରିକେଟରଙ୍କୁ ନେଇ ଏକ ବଡ଼ ଖବର ସାମନାକୁ ଆସିଛି। ଖୁବଶୀଘ୍ର ସେ ନିଜ ପିଏଚଡି ଡିଗ୍ରୀ ହାସଲ କରିବେ ବୋଲି ପ୍ରସ୍ତୁତ ହେଉଛନ୍ତି। ଭେଙ୍କଟେଶ ବର୍ତ୍ତମାନ ଫାଇନାନ୍ସରେ ପିଏଚଡି କରୁଛନ୍ତି। ଏଥିରେ ସଫଳ ହେବା ପରେ ଭେଙ୍କଟେଶ ଆୟରଙ୍କ ନାମ ଆଗରେ ଡକ୍ଟର ଉପାଧି ସାମିଲ ହୋଇଯିବ । ଏହାପରେ ତାଙ୍କ ନାମ ହୋଇଯିବ ଡକ୍ଟର ଭେଙ୍କଟେଶ ଆୟର।

ଏ ନେଇ ଭେଙ୍କଟେଶ କହିଛନ୍ତି ଯେ, ଯଦି ମୁଁ ଗୋଟିଏ ସମୟରେ ୨ଟି କାମ କରିପାରିବି, ନିଶ୍ଚୟ କରିବି। ପାଠ ପଢିବା ଦ୍ୱାରା ମଇଦାନରେ ବଡ଼ ନିଷ୍ପତ୍ତି ନେବା ସମୟରେ ମଧ୍ୟ ଖୁବ ସହଜ ହୋଇଥାଏ। କ୍ରିକେଟର କ୍ରିକେଟ ଜ୍ଞାନ ସହସମସ୍ତ ଜ୍ଞାନ ରଖିବା ଉଚିତ। ମୁଁ ବର୍ତ୍ତମାନ ଫାଇନାନ୍ସରେ ପିଏଚଡି କରୁଛି ଏବଂ ଆଗାମୀ ଥର ଆପଣ ମୋ ଇଣ୍ଟରଭ୍ୟୁ ଡକ୍ଟର ଭେଙ୍କଟେଶ ଆୟର ଭାବରେ ନେବେ ବୋଲି କହିଛନ୍ତି। କୋଲକାତାର ଷ୍ଟାର ଅଲରାଉଣ୍ଡର ଏହାସହିତ ଭାରତର ସାଥୀ ଖେଳାଳିମାନଙ୍କୁ ମଧ୍ୟ ସେ ପାଠପଢିବା ପାଇଁ ପ୍ରୋତ୍ସାହନ ଦେଇଛନ୍ତ। ଜୀବନରେ କିଛି କରିବାକୁ ହେଲେ ପାଠ ପଢିବା ନିହାତି ଜରୁରୀ । କାରଣ ଜଣେ ଖେଳାଳି ୬୦ବର୍ଷ ପର୍ଯ୍ୟନ୍ତ ଖେଳିପାରିବ ନାହିଁ। କିନ୍ତୁ ଶିକ୍ଷା ସାରା ଜୀବନ ଆପଣଙ୍କ ସହ ରହିବ।

## ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ ବିଜୟୀ







କେନ୍ଦ୍ରାପଡ଼ା,୯।୧୨: କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ତରଫରୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଓସିଏ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ମ୍ୟାଚ୍‌ର ଚତୁର୍ଥ ଦିବସରେ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ଓ ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କ୍ଷେତ୍ରପାଳ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୩୯ ଓଭରରେ ୨୩୪ରନ କରି ଅଲଆଉଟ ହୋଇଥିଲା । ସେହିପରି ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ୧୦ ଓଭରରେ ୧୦୨ରନ କରି ଅଲଆଉଟ ହୋଇଥିଲା । ଏହି ମ୍ୟାଚରେ କ୍ଷେତ୍ରପାଳ ସ୍ପୋର୍ଟିଂ ୟୁନିଅନ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବକୁ ୧୩୨ରନରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଦୀପ୍ତି ଭୂଷଣ ବିହାରୀ ମ୍ୟାନ ଅଫ ମ୍ୟାଚ ହୋଇଥିଲେ। ଶ୍ରୀ ବିହାରୀ ୯ଓଭର ବୋଲିଂ କରି ୨ଓଭର ମେଡେନ କରି ୩୫ରନ ଦେଇ ୪ଟି ୱିକେଟ ନେଇଥିଲେ । ସେହିପରି ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବର ଉମାକାନ୍ତ ମଲ୍ଲିକ ୯ଓଭର ବୋଲିଂ କରି ୫୨ରନ ଦେଇ ୫ଟି ୱିକେଟ ନେଇଥିଲେ । ନିରଞ୍ଜନ ଦାସ ଓ ଲଳିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ଚିରଞ୍ଜିବି ବଳ ଓ ଆନନ୍ଦ ବେହେରା ପରିଚାଳନା କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

# ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଉଦ୍‌ଘାଟିତ

ଭୁବନେଶ୍ୱର,୯।୧୨ ଗଣ୍ଡରପୁର ୟୁନାଇଟେଡ୍ ୟୁଥ ସ୍ପୋର୍ଟସ କ୍ଲବ ଦ୍ୱାରା ଆୟୋଜିତ ୨୨ ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଗଣ୍ଡରପୁର ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣ୍ଡରପୁର ଗ୍ରାମ କମିଟିର ସଭାପତି ଭାସ୍କର ଚନ୍ଦ୍ର ପଡିହାରୀ, ବରିଷ୍ଠ ମୁରବି ଅନ୍ତର୍ଯ୍ୟାମି କୁଅଁର, କୈଳାସ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ବସନ୍ତ ରଥ, ସମ୍ପାଦକ ଜିତେନ୍ଦ୍ର ସେନାପତି, କ୍ଲବର ସଭାପତି ଲକ୍ଷ୍ମଣ ରାଉତ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଜି ତିନୋଟି ବିଭାଗର ତିନୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳ ଏ-ବିଭାଗର ପ୍ରଥମ ମ୍ୟାଚରେ ସିଜିୟୁ ୟୁନିଭରସିଟି ୨-୦ ଗୋଲରେ ବାଲୁଙ୍କେଶ୍ୱର କ୍ଲବ ଦେଉଳିକୁ ପରାସ୍ତ କରି କ୍ୱାଟରରେ ପ୍ରବେଶ କରିଥିଲା। ଗ୍ରାମାଞ୍ଚଳ ବି-ବିଭାଗର ମ୍ୟାଚରେ ସୁପ୍ରିମ ଫୁଟବଲ କ୍ଲବ ବରାହୀପୁର ୧-୦ ଗୋଲରେ ବାବା ବାଞ୍ଛାମଣି କ୍ଲବକୁ ପରାଜିତ କରି କ୍ୱାଟରରେ ପ୍ରବେଶ କରିଥିଲା। ସେହିପରି ତୃତୀୟ ମ୍ୟାଚ ସହରାଞ୍ଚଳ ବିଭାଗର ସ୍ପୋର୍ଟସ ହଷ୍ଟେଲ କଟକ ଓ ଜଗା ୟୁନାଇଟେଡ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ପୋର୍ଟସ ହଷ୍ଟେଲ କଟକ ୩-୦ ଗୋଲରେ ଜଗା ୟୁନାଇଟେଡ ଭୁବନେଶ୍ୱରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା।

# ସିରାଜ-ହେଡ୍‌ଙ୍କୁ ଲାଗିଲା ଜୋରିମନା




ଆଡିଲେଡ,୯।୧୨: ଆଡିଲେଡ ଟେଷ୍ଟ ସମୟରେ ଟିମ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ସିରାଜ ଏବଂ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଟ୍ରାଭିସ ହେଡଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଲାଗି ରହିଥିଲା। ହେଡଙ୍କୁ ଆଉଟ୍ କରିବା ପରେ ସିରାଜ ଆକ୍ରମଣାତ୍ମକ ଶୈଳୀ ପ୍ରଦର୍ଶନ କରିଥିଲେ। ହେଡ୍ ମଧ୍ୟ ଏହାର ଉତ୍ତର ଦେଇଥିଲା। ଆଇସିସି ଏହି ପ୍ରସଙ୍ଗରେ ଏକ ବଡ ପଦକ୍ଷେପ ନେଇଛି। ଏହି ଝଗଡା ସିରାଜ ଏବଂ ହେଡଙ୍କ ପାଇଁ ମହଙ୍ଗା ପଡିଥିଲା। ଆଇସିସି ସିରାଜ ଏବଂ ହେଡଙ୍କ ଉପରେ ଜୋରିମନା ଲଗାଇଛି। ଏହି ଦୁଇ ଖେଳାଳିଙ୍କ ମ୍ୟାଚ ଫି କଟିଛି।ମହମ୍ମଦ ସିରାଜ ଏବଂ ଟ୍ରାଭିସ ହେଡ ମ୍ୟାଚର ୨୦ ପ୍ରତିଶତ ଜୋରିମନା ଦେବାକୁ ପଡିବ। ଆଇସିସି ଆଚରଣ ବିଧି ଅନୁଯାୟୀ ସିରାଜ ଧାରା ୨.୫ର ନିୟମ ଭାଙ୍ଗିଛନ୍ତି। ଟିମ ଇଣ୍ଡିଆର ଦ୍ରୁତ ବୋଲର ସିରାଜ ଏବଂ ଅଷ୍ଟ୍ରେଲୀୟ ଖେଳାଳି ହେଡ ନିଜ ନିଜ ଭୁଲ ଗ୍ରହଣ କରିଛନ୍ତି। ମ୍ୟାଚ ଫି ଜୋରିମନା ସହିତ ସିରାଜଙ୍କୁ ମଧ୍ୟ ଗୋଟିଏ ଡେରିମିଟ ପଏଣ୍ଟ ଦିଆଯାଇଛି। ହେଡ୍‌ଙ୍କ ଆକାଉଣ୍ଟରେ ଗୋଟିଏ ଡେରିମିଟ ପଏଣ୍ଟ ମଧ୍ୟ ଯୋଡା ଯାଇଛି। ଉଭୟ ୨୪ ମାସ ମଧ୍ୟରେ ପ୍ରଥମ ଥର ପାଇଁ ଏପରି ଭୁଲ କରିଛନ୍ତି । ଆଇସିସି ମ୍ୟାଚ ରେଫରି ରଂଜନ ମୁଦୁଗଲେ ଏହି ଦୁଇ ଖେଳାଳିଙ୍କ ବିଷୟରେ ଅବଗତ ହୋଇଛନ୍ତି। ସିରାଜ-ହେଡ ନିଜେ ମ୍ୟାଚ ରେଫରିଙ୍କ ଆଗରେ ଭୁଲ ଗ୍ରହଣ କରିଛନ୍ତି।

ଦିନରାତି ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ଭାରତକୁ ୧୦ ଉଇକେଟରେ ପରାସ୍ତ କରିଛି। ପିଙ୍କ୍ ବଲ ଟେଷ୍ଟରେ ଭାରତର ପରାଜୟର ମୁଖ୍ୟ କାରଣ ଥିଲା ଟ୍ରାଭିସ ହେଡ ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ସେ ଏକ ଶତକ ହାସଲ କରିଥିଲେ ।ହେଡ ୧୪୧ ବଲ ସମ୍ମୁଖରେ ୧୪୦ ରନ ସଂଗ୍ରହ କରିଥିଲେ।।

# ବ୍ରାଡ୍‌ମ୍ୟାନ୍‌ଙ୍କ ଟୋପି ୨.୧୧ କୋଟିରେ ନିଲାମ



ସିଡ୍‌ନି: ଅଷ୍ଟ୍ରେଲିଆ କିଂବଦନ୍ତି ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନ୍‌ଙ୍କ ଐତିହାସିକ ବ୍ୟାଗି ଗ୍ରିନ୍ ଟୋପି ୨୫୦,୦୦୦ ଡଲାର ତଥା ଭାରତୀୟ ମୁଦ୍ରାରେ ୨ କୋଟି ୧୧ଲକ୍ଷ ଟଙ୍କାରେ ନିଲାମ ହୋଇଛି। ବନହାମ୍ସ ଦ୍ୱାରା ସିଡ୍‌ନିରେ ହୋଇଥିବା ନିଲାମରେ ଏହାର ମୂଳ ଦଳ ୧୬୦,୦୦୦ ଡଲାର ଥିଲା ୧୦ ମିନିଟ୍ ମଧ୍ୟରେ ଏହା ୨୫୦,୦୦୦ ଡଲାରରେ ନିଲାମ ହୋଇଥିଲା। ଉଲ୍‌ରେ ନିର୍ମିତ ଏହି ଟୋପିକୁ ବ୍ରାଡ୍‌ମ୍ୟାନ୍ ୧୯୪୭-୪୮ରେ ଅଷ୍ଟ୍ରେଲିଆର ଭାରତ ଗସ୍ତ ବେଳେ ପିନ୍ଧିଥିଲେ। ଉଲ୍‌ରେ ନିର୍ମିତ ଏହି ଟୋପିକୁ ବ୍ରାଡ୍‌ମ୍ୟାନ୍ ୧୯୪୭-୪୮ରେ ଅଷ୍ଟ୍ରେଲିଆର ଭାରତ ଗସ୍ତ ବେଳେ ପିନ୍ଧିଥିଲେ। ଭାରତ ସ୍ୱାଧୀନତା ପରେ ଏହା ବିଦେଶୀ ଦଳର ପ୍ରଥମ ଶୃଙ୍ଖଳା ହୋଇଥିଲା। ଏହି ଟେଷ୍ଟ ଶୃଙ୍ଖଳାରେ ବ୍ରାଡ୍‌ମ୍ୟାନ୍ ୬ଟି ପାଳିରେ ୧୭୮.୭୫ ହାର ଏବଂ ୩ ଶତକ ଓ ଗୋଟିଏ ଦ୍ୱିଶତକ ସହ ମୋଟ ୭୧୫ ରନ୍ କରିଥିଲେ। ନିଲାମ ସଂସ୍ଥା ବନହାମ୍ସ ଏହି ଟୋପିକୁ ଏକମାତ୍ର ଜଣାଶୁଣା ବ୍ୟାଗି ଗ୍ରିନ୍ ବୋଲି କହିଛି ସଂପ୍ରତି ଏହି ଟୋପିର ରଙ୍ଗ ଛାଡ଼ିଯାଇଥିଲା ବେଳେ କିଛି ନଷ୍ଟ ମଧ୍ୟ ହୋଇଛି ଏବଂ ଉପର ଅଂଶ ଛିଣ୍ଡିଯାଇଛି ତଥାପି ଏହା ୧୯୫ ହଜାରରୁ ୨୬୦ ହଜାର ଡଲାରରେ ବିକ୍ରି ସମ୍ଭାବନା ରହିଛି ୨୦୨୦ରେ ତାଙ୍କର ଏକ ଟୋପି ୨୯୦ ଡଲାରରେ ବିକ୍ରି ହୋଇଥିଲା। ଏହି ବ୍ୟାଗି ଗ୍ରିନ୍‌କୁବ୍ରାଡ୍‌ମ୍ୟାନ୍୧୯୨୮ରେଟେଷ୍ଟ ପଦାର୍ପଣ ବେଳେ ପିନ୍ଧିଥିଲେ। କ୍ରିକେଟ୍‌ର ମହାନ ବ୍ରାଡ୍‌ମ୍ୟାନ୍‌ଙ୍କ ଟେଷ୍ଟ ବ୍ୟାଟିଂ ହାର ୯୯.୯୪ ରହିଛି।ସେ ୨୦୦୧ରେ ୯୨ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ